ଆଜି - ଶୁକ୍ରବାର
ତାରିଖ - ୧୮ ସେପ୍ଟେମ୍ବର ୨୦୨୬
ମାସ - କନ୍ୟା, ଦିନ - ୦୨
ତିଥି - ସପ୍ତମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର -ଜ୍ୟୋଷ୍ଠା, ବିଛା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୭: ୦୦
ସୂର୍ଯ୍ୟାସ୍ତ - ୫ : ୪୩ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ବନ୍ଧୁତ୍ୱ କ'ଣ ? ବନ୍ଧୁତ୍ୱ ହେଉଛି, ଦୁଇଗୋଟି ଶରୀରରେ ବାସ କରୁଥିବା ଗୋଟିଏ ଆତ୍ମା ॥"

- ଆରିଷ୍ଟୋଟଲ୍


E-News : www.Ajikali epaper.com

Vol.- 41 ISSUE- 156 R.N.I. REGD. No. 44026/86 ବାଲେଶ୍ୱର ୧୮ ସେପ୍ଟେମ୍ବର ୨୦୨୬ ଶୁକ୍ରବାର BALASORE 18 SEPTEMBER 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## 'ସେମିକନ୍ ଇଣ୍ଡିଆ ୨୦୨୬'କୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ 'ସେମିକନ୍ ଇଣ୍ଡିଆ ୨୦୨୬'କୁ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ସେମିକନ୍ ଇଣ୍ଡିଆର ପଂଚମ ସଂସ୍କରଣର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ସମ୍ମିଳନୀରେ ଯୋଗଦେବା ପାଇଁ ବିଦେଶରୁ ଭାରତ ଆସିଥିବା ଅତିଥିମାନଙ୍କୁ ସେ ବିଶେଷ ଭାବେ କୃତଜ୍ଞତା ଜଣାଇଥିଲେ । ସେ କହିଥିଲେ, "ବିଦେଶରୁ ଭାରତ ଆସିଥିବା ସମସ୍ତ ଅତିଥିଙ୍କୁ ମୁଁ ବିଶେଷ ସ୍ୱାଗତ ଜଣାଉଛି ।"ସେମିକନ୍ ଇଣ୍ଡିଆର ଉଦ୍ଘାଟନକୁ ବିଶ୍ୱକର୍ମା ଦିବସ ସହ ଯୋଡ଼ି ପ୍ରଧାନମନ୍ତ୍ରୀ ଭାରତର ଶତାବ୍ଦୀ ପୁରୁଣା ନିର୍ମାଣ ଓ ସୃଜନ ପରମ୍ପରାକୁ ସମ୍ମାନ ଜଣାଇଥିଲେ । ପାରମ୍ପରିକ ସୃଜନଶୀଳ ଶକ୍ତି ସହ ଏକବିଂଶ ଶତାବ୍ଦୀର ପ୍ରଯୁକ୍ତି ଓ ପରିକଳ୍ପନାର ମିଶ୍ରଣ ଏକ ସୁନ୍ଦର ସଂଯୋଗ ବୋଲି ସେ ଉଲ୍ଲେଖ କରିଥିଲେ । ଏହା ଏକ ଆତ୍ମନିର୍ଭର ଭାରତ ଓ ବିକଶିତ ଭାରତ ଗଠନ ପାଇଁ ପ୍ରେରଣା ବୋଲି ଶ୍ରୀ ମୋଦୀ କହିଥିଲେ ।ଗତ ୧୫ ଦିନ ମଧ୍ୟରେ ଦେଶର ଦ୍ରୁତ ଅଗ୍ରଗତି ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ଅନେକ ପ୍ରମୁଖ ସଫଳତା କଥା ଉଲ୍ଲେଖ କରିଥିଲେ । ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟରେ ସମାବେଶୀ ଆର୍ଥିକ ବ୍ୟବସ୍ଥା ନେଇ ଆଲୋଚନା, ୩,୦୦୦ କିଲୋମିଟର ଦୀର୍ଘ ଡେଡିକେଟେଡ୍ ଫ୍ରେଟ୍ କରିଡର କାର୍ଯ୍ୟକ୍ଷମ ହେବା ଏବଂ ତ୍ରୈମାସିକ ଜିଡିପିରେ ୭.୮ ପ୍ରତିଶତର ଦୃଢ଼ ଅଭିବୃଦ୍ଧି ଏହାର ପ୍ରମୁଖ ଉଦାହରଣ ବୋଲି ସେ କହିଥିଲେ ।ଏଥିସହ ଜାପାନର ଏକ କ୍ରେଡିଟ୍ ରେଟିଂ ଏଜେନ୍ସି ଦ୍ୱାରା ଭାରତର ସାର୍ବଭୌମ କ୍ରେଡିଟ୍ ରେଟିଂ ବୃଦ୍ଧିକୁ ଦେଶର ବଢୁଥିବା ଆର୍ଥିକ ବିଶ୍ୱସନୀୟତାର ପ୍ରମାଣ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସେ କହିଥିଲେ, "ଏହାର ଅର୍ଥ ହେଉଛି, ଗୋଟିଏ ପଟେ ଭାରତର ଅର୍ଥନୀତି ବଢୁଛି, ଅନ୍ୟପଟେ ଭାରତ ପ୍ରତି ବିଶ୍ୱର ବିଶ୍ୱାସ ମଧ୍ୟ ବଢୁଛି ।"ନିକଟରେ ଭାରତ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀର କୂଟନୈତିକ ସଫଳତାକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, 'ନୂଆଦିଲ୍ଲୀ ଘୋଷଣାନାମା' ସର୍ବସମ୍ମତ ଭାବେ ଗୃହୀତ ହେବା ଅନ୍ତର୍ଜାତୀୟ ସହମତିର ପ୍ରତିଫଳନ । ଏହି ଐତିହାସିକ କୂଟନୈତିକ ସଫଳତା ଭାରତ ଉପରେ ବିଶ୍ୱ ସମୁଦାୟର ଅଟଳ ବିଶ୍ୱାସକୁ ପ୍ରମାଣିତ କରୁଛି ବୋଲି ସେ କହିଥିଲେ । ଶ୍ରୀ ମୋଦୀ କହିଥିଲେ, "ଏହା ଭାରତ ପ୍ରତି ବିଶ୍ୱର ବିଶ୍ୱାସର ଆଉ ଏକ ବଡ଼ ପ୍ରମାଣ ।"୨୦୨୨ରେ ଆରମ୍ଭ ହୋଇଥିବା 'ସେମିକନ୍ ଇଣ୍ଡିଆ'ର ଯାତ୍ରାକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ନୀତି ନିର୍ଦ୍ଧାରଣ ଓ ପ୍ରାରମ୍ଭିକ ଆଲୋଚନାରୁ ଆରମ୍ଭ କରି ପ୍ରକଳ୍ପ ଯୋଜନା, ପରୀକ୍ଷାମୂଳକ ଉତ୍ପାଦନ ଏବଂ ଶେଷରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ ପର୍ଯ୍ୟନ୍ତ ଏହି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ଏହି ପ୍ରୟାସର ସଫଳ ପରିଣାମ ସ୍ୱରୂପ ଭାରତରେ ନିର୍ମିତ ଚିପ୍ଗୁଡ଼ିକ ଏବେ ବିଶ୍ୱର ଗ୍ରାହକଙ୍କ ନିକଟରେ ପହଂଚିବା ଆରମ୍ଭ କରିଛି । ଏଥିସହ ମୋହାଲି ଓ ସୁରଟରେ ଦୁଇଟି ନୂଆ କାରଖାନାରେ ବ୍ୟବସାୟିକ ଉତ୍ପାଦନ ଆରମ୍ଭ ହୋଇଥିବାକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ । ଶ୍ରୀ ମୋଦୀ କହିଥିଲେ, "ଏବେ ଭାରତର କାରଖାନାରୁ ବାହାରୁଥିବା ଆମ ଚିପ୍ଗୁଡ଼ିକ ଦେଶ ଓ ବିଶ୍ୱର ଗ୍ରାହକଙ୍କ ନିକଟରେ ପହଂଚିବା ଆରମ୍ଭ କରିଛି ।"ଏକ ସେମିକଣ୍ଡକ୍ଟର ଇକୋସିଷ୍ଟମ ଗଠନ କରିବାର ଜଟିଳତାକୁ ସ୍ୱୀକାର କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଅଳ୍ପ ସମୟ ମଧ୍ୟରେ ଚିପ୍ ଡିଜାଇନ୍, ଉପକରଣ ନିର୍ମାଣ ଏବଂ ପରୀକ୍ଷଣ କ୍ଷମତା ହାସଲ କରିବା ପାଇଁ ବ୍ୟାପକ ସହଯୋଗ ଆବଶ୍ୟକ ହୋଇଛି ।

## ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଆଶୀର୍ବାଦର ପ୍ରଦୀପ ପ୍ରଜ୍ୱଳନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର :ସଞ୍ଜ ନଇଁଆସୁଥିଲା । ଭୁବନେଶ୍ୱରର ଐତିହାସିକ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଧୀରେ ଧୀରେ ଜମୁଥିଲା ଆଲୋକର ବାତାବରଣ । ସେ ଆଲୋକ କୌଣସି କୃତ୍ରିମ ବୈଦ୍ୟୁତିକ ଲାଇଟ ନଥିଲା, ବରଂ ତାହା ଥିଲା ଆମ ପରମ୍ପରା ଓ ସଂସ୍କୃତିର ପ୍ରତୀକ ସ୍ୱରୂପ ପବିତ୍ର ସଳିତାର ଶିଖା । ଧାଡ଼ିରେ ଜଳୁଥିଲା ହଜାର ହଜାର ଦୀପ ।ସନ୍ଧ୍ୟା ଆରତୀର ଘଂଟ ଘଂଟା-ଶଙ୍ଖ ଧ୍ୱନି ଏବଂ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଗାୟନରେ ମୁକ୍ତେଶ୍ୱର'ର ପ୍ରାଚୀନ ପାଷାଣ ପ୍ରାଚୀର ଗୁଞ୍ଜରିତ ହୋଇଉଠିଥିଲା । ଭକ୍ତିର ଏହି ମାଦକତା ଭିତରେ, ହଜାର ହଜାର ମହିଳା ଏକାଠି ହୋଇ ଜାଳିଥିଲେ ୧୧,୦୦୦ ରୁ ଅଧିକ ଦୀପ । ଗୋଟିଏ ପରେ ଗୋଟିଏ ସଳିତା ଜଳିଉଠିବା କ୍ଷଣି ସମ୍ପୂର୍ଣ୍ଣ ମନ୍ଦିର ପରିସର ଏକ ସ୍ୱର୍ଣ୍ଣାଭ ପ୍ରଭାରେ ପ୍ରଜ୍ୱଳିତ ହୋଇଉଠିଥିଲା, ଯେମିତି ମନେହେଉଥିଲା ଆକାଶର ତାରାସବୁ ମାଟିକୁ ଓହ୍ଲାଇ ଆସିଛନ୍ତି ।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜୟନ୍ତୀ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ତଥା ଯୁବବର୍ଗଙ୍କ ସମାଗମ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ସୃଷ୍ଟି କରିଥିଲା । ହାତରେ ଜଳନ୍ତା ଦୀପ ଧରି ଉପସ୍ଥିତ ସମସ୍ତେ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ଦୀର୍ଘ ଆୟୁ, ସୁସ୍ଥ ଓ ନିରାମୟ ଜୀବନ ପାଇଁ ନିଷ୍ଠାପର ପ୍ରାର୍ଥନା କରିଥିଲେ । ଏହି ମୁହୂର୍ତ୍ତ ଆହୁରି ଆକର୍ଷଣୀୟ ହୋଇ ଉଠିଥିଲା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ । ମୁଖ୍ୟମନ୍ତ୍ରୀଙ୍କ ସମେତ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଏବଂ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ । ଏହି ଆଧ୍ୟାତ୍ମିକ ସମାବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିଜେ ଉପସ୍ଥିତ ସମସ୍ତ ଉତ୍ସାହିତ ଯୁବବର୍ଗଙ୍କ ଗହଣକୁ ଯାଇ ସେମାନଙ୍କ ସହ ଭାବବିନିମୟ କରିଥିଲେ । ସମସ୍ତଙ୍କ ଏହି ଅକୁଣ୍ଠ ଆଶୀର୍ବାଦ, ସମର୍ପଣ ଓ ଶ୍ରଦ୍ଧାଭାବକୁ ସେ ଆନ୍ତରିକତାର ସହ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ''ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୭୬ତମ ଜନ୍ମ ଦିନ ଅବସରରେ ମୁଁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଏହି ପବିତ୍ର ଦୀପର ଶିଖା ମୋଦୀଜୀଙ୍କ ପ୍ରତି ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ହୃଦୟରୁ ନିସୃତ ଆଶୀର୍ବାଦର ପ୍ରତୀକ । ଭାରତ ନିଶ୍ଚୟ ବିଶ୍ୱଗୁରୁ ହେବ, ମୋଦୀଜୀଙ୍କ ସ୍ୱପ୍ନ ସାକାର କରିବାକୁ ଆମେ ନିରନ୍ତର ଉଦ୍ୟମ ଜାରି ରଖିବୁ ।''ପ୍ରସିଦ୍ଧ ଓଡ଼ିଆ ଗାୟକ-ଗାୟିକାମାନଙ୍କ ଭକ୍ତିପୂତ ଭଜନ ପରିବେଶକୁ ଅଧିକ ଆଧ୍ୟାତ୍ମିକ ଓ ମନ୍ତ୍ରମୁଗ୍ଧକର କରିତୋଳିଥିଲା । ଉଲ୍ଲେଖଯୋଗ୍ୟ ଯେ, 'ସେବା ସଂକଳ୍ପ ଅଭିଯାନ–୨୦୨୬' ଅନ୍ତର୍ଗତ ରାଜ୍ୟର ୩୦ଟି ଜିଲ୍ଲାରେ ୧ କୋଟିରୁ ଅଧିକ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳିତ କରାଯାଇଛି । ପ୍ରତ୍ୟେକ ପରିବାର ନିଜ ଘରେ ଗୋଟିଏ ଲେଖାଏଁ ଦୀପ ପ୍ରଜ୍ୱଳନ କରି ଏହି ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସୁଭଦ୍ରା ଯୋଜନାର ହିତାଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଛନ୍ତି ।ପରିବାର ସ୍ତରରୁ ଆରମ୍ଭ କରି ଗ୍ରାମପଂଚାୟତ, ବ୍ଲକ ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆୟୋଜିତ ହୋଇଛି । ସମସ୍ତ ଗ୍ରାମପଂଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ସାମୂହିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଦେବାଳୟମାନଙ୍କରେ ଝୋଟି ଚିତା ସହ ସାମୂହିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସୁଭଦ୍ରା ହିତାଧିକାରୀ, ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିମାନଙ୍କ ବ୍ୟାପକ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

## ଅଳ୍ପରେ ଖବର

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିବସ ଅବସରରେ ଜୟପୁରରେ 'ଏକ ପେଡ୍ ମା କେ ନାମ ୩.୦' କାର ?ୟକ୍ରମ ଆୟୋଜିତ ହୋଇଥିଲା ।ଜୟପୁର ବନ ବିଭାଗ ପକ୍ଷରୁ ଗୁରୁବାର ସହରର ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା ।

- କାନାଡା ୟୁକେ ନେତୃତ୍ୱାଧୀନ ମିଳିତ ଅଭିଯାନ ବାହିନୀ (ଜେଇଏଫ)ରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବରେ ଆବେଦନ କରିଛି । ଏହାକୁ କାନାଡା ଏବଂ ୟୁକେ ସମେତ ୟୁରୋପୀୟ ସହଯୋଗୀଙ୍କ ମଧ୍ୟରେ ପ୍ରତିରକ୍ଷା ଏବଂ ସାମରିକ ସହଯୋଗ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି ।

- ସଶସ୍ତ୍ର ପୋଲିସ ବାହିନୀର ଇ[ଲିଜେନ୍ସ ବ୍ୟୁରୋର ଟିମ ବୁଧବାର ବିଳମ୍ବିତ ରାତିରେ ପର୍ଶା ଜିଲ୍ଲାର ବୀରଗଞ୍ଜର ବାସୁବିହାର ଚୌକରେ ଭାରତୀୟ ନମ୍ବର ପ୍ଲେଟ୍ ଥିବା ଏକ ଗାଡ଼ିରୁ ଚାରୋଟି ପିସ୍ତଲ ଉଦ୍ଧାର କରିଛି ।

## ନବଗଠିତ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣପତ୍ର ବୋର୍ଡ଼କୁ ଅଭିନନ୍ଦନ ଜଣାଇଲେ ଦୁଇ ଉପମୁଖ୍ୟମନ୍ତ୍ରୀ





ଭୁବନେଶ୍ୱର : ନବଗଠିତ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣପତ୍ର ବୋର୍ଡକୁ ଅଭିନନ୍ଦନ ଜଣାଇଛନ୍ତି ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେଭି ସିଂହଦେଓ କହିଛନ୍ତି ଯେ, ନବଗଠିତ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣପତ୍ର ବୋର୍ଡ (ସିବିଏଫ୍ସି)କୁ ଅଭିନନ୍ଦନ । ନୂତନ ବୋର୍ଡର ସମ୍ମାନନୀୟ ସଦସ୍ୟମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଏଥିରେ ପ୍ରତିଷ୍ଠିତ ସଦସ୍ୟ ପ୍ରୀତି ଜିଂଟା, ସୁନୀଲ ସେଟ୍ଟୀ, ରୂପାଲୀ ଗାଙ୍ଗୁଲୀ, ପଲ୍ଲବୀ ଯୋଶୀ, ପଙ୍କଜ ତ୍ରିପାଠୀ, ପ୍ରସେନଜିତ ଚାଟାର୍ଜୀ, ମନୋଜ ଯୋଶୀ ଏବଂ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ସାମିଲ ଅଛନ୍ତି । ସିନେମା ଓ ସୃଜନଶୀଳ କଳା ଜଗତରେ ସେମାନଙ୍କର ସାମୂହିକ ଅଭିଜ୍ଞତା ଓ ଅବଦାନ ବୋର୍ଡର କାର୍ଯ୍ୟଧାରାରେ ମୂଲ୍ୟବାନ ଦୃଷ୍ଟିକୋଣ ଆଣିବ । ନୂତନ ଟିମ୍‌ର କାର୍ଯ୍ୟକାଳ ପ୍ରଭାବଶାଳୀ ଓ ସଫଳ ହେଉ । ଭାରତୀୟ ସିନେମାର ନିରନ୍ତର ବିକାଶ ଓ ଉତ୍କର୍ଷରେ ନୂତନ ବୋର୍ଡ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁ, ଏହି କାମନା କରୁଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଏକ ବାର୍ତ୍ତା ଜାରି କରି କହିଛନ୍ତି ଯେ, ନବଗଠିତ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣପତ୍ର ବୋର୍ଡ (ସିବିଏଫ୍ସି)କୁ ହାର୍ଦ୍ଦିକ ଅଭିନନ୍ଦନ । ପ୍ରତିଷ୍ଠିତ ଅଭିନେତ୍ରୀ ପ୍ରୀତି ଜିଂଟା, ସୁନୀଲ ସେଟ୍ଟୀ, ରୂପାଲୀ ଗାଙ୍ଗୁଲୀ, ପଲ୍ଲବୀ ଯୋଶୀ, ପଙ୍କଜ ତ୍ରିପାଠୀ, ପ୍ରସେନଜିତ ଚାଟାର୍ଜୀ, ମନୋଜ ଯୋଶୀ, ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡାଙ୍କ ସମେତ ନୂତନ ବୋର୍ଡର ସମସ୍ତ ସଦସ୍ୟଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି । ଭାରତର ସମୃଦ୍ଧ ଚଳଚ୍ଚିତ୍ର ଓ ସୃଜନଶୀଳ କ୍ଷେତ୍ରର ବିକାଶରେ ଅବଦାନ ରଖିବା ସହିତ ସମଗ୍ର ଟିମ୍‌ର କାର୍ଯ୍ୟକାଳ ଅର୍ଥପୂର୍ଣ୍ଣ ଓ ସଫଳ ହେଉ, ଏହି କାମନା କରୁଛି ।

## ଜିଲ୍ଲାପାଳମାନଙ୍କ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର: ଲୋକସେବା ଭବନଠାରେ ଗୁରୁବାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଜିଲ୍ଲାପାଳମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ସମସ୍ତ ଜିଲ୍ଲାପାଳ ଆଭାସୀ ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗୀୟ ପ୍ରମୁଖ ଯୋଜନା ଓ ପ୍ରକଳ୍ପର ଅଗ୍ରଗତି, ଜମି ସମ୍ବନ୍ଧୀୟ ସମସ୍ୟା, ଅନୁମୋଦନ, କାର୍ଯ୍ୟାନ୍ୱୟନରେ ରହୁଥିବା ସମସ୍ୟା ଏବଂ ଆବଶ୍ୟକ ଜିଲ୍ଲାସ୍ତରୀୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା । ଗୃହ ଓ ନଗର ଉନ୍ନୟନ,ଶ୍ରମ ଓ କର୍ମଚାରୀ ରାଜ୍ୟବୀମା , ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଏମ୍ଏସ୍ଏମ୍ଇ ବିଭାଗର ବିଭିନ୍ନ ପ୍ରସଙ୍ଗ ସ୍ଥାନ ପାଇଥିଲା । ନଗର ଉନ୍ନୟନ ବିଭାଗ ପକ୍ଷରୁ ଜଳଯୋଗାଣ ଓ ବିଭିନ୍ନ ପ୍ରକଳ୍ପଗୁଡ଼ିକରେ ଜମି ସମ୍ବନ୍ଧୀୟ ସମସ୍ୟା ଦୂର କରିବା ଉପରେ ଆଲୋଚନା ହୋଇଥିଲା । ଖୋର୍ଦ୍ଧା, ସମ୍ବଲପୁର ଓ କଟକ ଜିଲ୍ଲାର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଜମି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳମାନଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ କ୍ରେଡିଟ୍ ରିପେମେଂଟ ଗ୍ୟାରେଂଟି ସବ୍-ସ୍କିମ୍ ଅଧୀନରେ ଛୋଟ ସହରାଂଚଳ ସଂସ୍ଥାଗୁଡ଼ିକୁ ବଜାରଭିତିକ ଅର୍ଥ ସଂଗ୍ରହର ସୁଯୋଗ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ଜ୍ୟ ପରିଚାଳନା ନିୟମର ଜିଲ୍ଲାସ୍ତରୀୟ ଅନୁପାଳନର ସମୀକ୍ଷା କରାଯାଇଥିଲା । ଶ୍ରମ ଓ ଇଏସ୍ଆଇ ବିଭାଗ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଇଏସ୍ଆଇ ହସ୍ପିଟାଲ୍ ପାଇଁ ଜମିର ସୁବ୍ୟବସ୍ଥା, ଶିଶୁ ଶ୍ରମ ନିରାକରଣ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ, ଶ୍ରମ ନିରୀକ୍ଷଣ କମିଟି ଏବଂ ରାସାୟନିକ ଦୁର୍ଘଟଣା ପାଇଁ ଜିଲ୍ଲା ଓ ସ୍ଥାନୀୟ ସଙ୍କଟ ପରିଚାଳନା ଗୋଷ୍ଠୀର ନିୟମିତ ବୈଠକ ଓ ମକ୍ ଡ୍ରିଲ୍ ଉପରେ ଆଲୋଚନା ହୋଇଥିଲା ।ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ-୨୦୨୬, 'ସୁପୋଷିତ ଓଡ଼ିଶା' ମିଶନ, ଡିଜିଟାଲ୍ ନିରୀକ୍ଷଣ ଫର୍ମ ଆଦି ବିଭିନ୍ନ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା । ପୋଷଣ ମାସ ସମୟରେ ଶିଶୁମାନଙ୍କ ଅପପୋଷଣ ଚିହ୍ନଟ ଓ ରେଫରାଲ୍, ଗର୍ଭବତୀ ମହିଳାଙ୍କ ପଞ୍ଜୀକରଣ, ପିତାମାନଙ୍କ ଅଂଶଗ୍ରହଣ ଏବଂ ସମ୍ବେଦନଶୀଳ ଅଂଚଳରେ ପୋଷଣ ସେବାର ପହଂଚ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ଆସନ୍ତା ୨୨ ରେ ଡିଜିପି ନିଯୁକ୍ତି ମାମଲାର ପରବର୍ତ୍ତୀ ଶୁଣାଣି



ଭୁବନେଶ୍ୱର : ପୁଣି ଘୁଂଚିଲା ଡିଜିପି ମାମଲାର ସୁପ୍ରିମକୋର୍ଟରେ ଶୁଣାଣି । ଆସନ୍ତା ୨୨ତାରିଖରେ ହେବ ପରବର୍ତ୍ତୀ ଶୁଣାଣି । ଆଜିର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଏବଂ ଡିଜି ଚୟନ ସମ୍ପୂର୍ଣ୍ଣ ଆଇନ ସମ୍ମନ୍ନ । ଏଥିରେ କୌଣସି ବ୍ୟତିକ୍ରମ ହୋଇ ନାହିଁ ବୋଲି କହିଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ । ଡିଜିପି ଭାବେ କିଏ ନିଯୁକ୍ତି ପାଇବେ ତାହା ସରକାରଙ୍କ ଶେଷ ନିଷ୍ପତି । ଏଥିରେ କୌଣସି ଅଫିସରଙ୍କ ଅଧିକାର ଦାବି କରିବା ଅବାଂଚନୀୟ । କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏ ମାମଲାକୁ ରାଜନୈତିକ ଉଦ୍ଦେଶ୍ୟ ରଖି ମାମଲାର ସୂତ୍ରପାତ୍ କରିଛନ୍ତି ବୋଲି କହିଛନ୍ତି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ । ଏଥିରେ ଅଫିସରଙ୍କ ନାମ ସୁପାରିଶ ବାବଦରେ ସୁପ୍ରିମକୋର୍ଟ କୌଣସି ନିର୍ଦ୍ଦିଷ୍ଟ ଆଧାର ନିରୂପଣ କରି ନାହାନ୍ତି । ଉଏଚ ନିଯୁକ୍ତି ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇ ନାହିଁ ବୋଲି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି ଆଡଭୋକେଟ୍ ଜେନେରାଲ ।

## ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ମତବିନିମୟ କଲେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ



ଭୁବନେଶ୍ୱର : ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ଦ୍ୱାରା ଆୟୋଜିତ ଛତିଶଗଡ଼ ଅଭିମୁଖେ ଆନ୍ତଃ-ରାଜ୍ୟ ଗଣମାଧ୍ୟମ ଅଧ୍ୟୟନ ଗସ୍ତର ଅଂଶବିଶେଷ ଭାବରେ, ଓଡ଼ିଶାର ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଆଜି ରାୟପୁରଠାରେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଏଙ୍କ ସହ ଆଲୋଚନା କରିଛନ୍ତି । ଏହି ଆଲୋଚନା ସାମ୍ବାଦିକମାନଙ୍କୁ ଛତିଶଗଡ଼ର ବିକାଶ ଯାତ୍ରା, ପ୍ରାକୃତିକ ସମ୍ପଦର ସମ୍ଭାବନା, ଜଙ୍ଗଲ-ଭିତିକ ଜୀବିକା ଏବଂ ସ୍ଥାନୀୟ ସମ୍ପ୍ରଦାୟର ଅର୍ଥନୈତିକ ସଶକ୍ତୀକରଣ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପ୍ରତ୍ୟକ୍ଷ ଧାରଣା ଲାଭ କରିବାର ସୁଯୋଗ ପ୍ରଦାନ କରିଥିଲା ।ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳକୁ ଛତିଶଗଡ଼ରେ ସ୍ୱାଗତ ଜଣାଇ ଶ୍ରୀ ସାଏ କହିଥିଲେ ଯେ ଓଡ଼ିଶାର ସାମ୍ବାଦିକମାନେ ଛତିଶଗଡ଼ ଗସ୍ତ କରିବା ରାଜ୍ୟ ପାଇଁ ଏକ ସୌଭାଗ୍ୟର ବିଷୟ । ସେ ଏହି ପ୍ରତିନିଧି ଦଳକୁ ସ୍ୱାଗତ ଜଣାଇବା ସହ ବିକାଶମୂଳକ ପଦକ୍ଷେପ ଏବଂ ସରକାରୀ କାର୍ଯ୍ୟକ୍ରମଗୁଡ଼ିକୁ ଲୋକଙ୍କ ନିକଟରେ ପହଂଚାଇବାରେ ଗଣମାଧ୍ୟମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାର ୨୫ ବର୍ଷ ପୂର୍ତି ଉପଲକ୍ଷେ ସେପଟ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ପାଳନ କରାଯାଉଥିବା 'ସେବା ସଂକଳ୍ପ ଅଭିଯାନ' ବିଷୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ । ସେ କହିଥିଲେ ଯେ ଏହି ମାସବ୍ୟାପୀ ଅଭିଯାନ ଅଧୀନରେ ୧୩ଟି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମର ଯୋଜନା କରାଯାଇଛି ଯେଉଁଥିରେ ମହିଳା, କୃଷକ, ଶ୍ରମିକ, ବ୍ୟବସାୟୀ, ଡାକ୍ତର ଏବଂ ଇଞ୍ଜିନିୟରଙ୍କ ସମେତ ସମାଜର ବିଭିନ୍ନ ବର୍ଗର ଲୋକମାନେ ଅଂଶଗ୍ରହଣ କରିବେ ।ଶ୍ରୀ ସାଏ ଲୌହ, କୋଇଲା, ବକ୍ସାଇଟ୍, ହୀରା, ସୁନା ଏବଂ ଲିଥିୟମ୍ ସମେତ ଶିଳ୍ପ, ବାଣିଜ୍ୟ ଓ ପ୍ରାକୃତିକ ସମ୍ପଦ କ୍ଷେତ୍ରରେ ଛତିଶଗଡ଼ର ଥିବା ପ୍ରଚୁର ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ ଲୋକଙ୍କ ଜୀବିକା ନିର୍ବାହରେ ରାଜ୍ୟର ସମୃଦ୍ଧ ଜଙ୍ଗଲ ସମ୍ପଦର ଭୂମିକା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଛତିଶଗଡ଼ର ପ୍ରାୟ ୪୪ ପ୍ରତିଶତ ଭୂଭାଗ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି ଏବଂ ସେ 'ଏକ ପେଡ୍ ମା କେ ନାମ୍' ଭଳି ବୃକ୍ଷରୋପଣ କାର୍ଯ୍ୟକ୍ରମ ତଥା କାମ୍ପା ପାଣ୍ଠି ମାଧ୍ୟମରେ ସମର୍ଥିତ ପ୍ରୟାସଗୁଡ଼ିକ ବିଷୟରେ ଉଲ୍ଲେଖ କରିଥିଲେ ।ଗ୍ରାମୀଣ ଓ ଆଦିବାସୀ ଅର୍ଥନୀତିରେ ଜଙ୍ଗଲଜାତ ଦ୍ରବ୍ୟର ଅବଦାନ ଉପରେ ଗୁରୁତ୍ୱାରୋପ କରି ଶ୍ରୀ ସାଏ କହିଲେ ଯେ ପ୍ରାୟ ୧୩ ଲକ୍ଷ ପରିବାର କେନ୍ଦୁ ପତ୍ର ସଂଗ୍ରହ କାର୍ଯ୍ୟ ସହ ଜଡ଼ିତ ଅଛନ୍ତି । ସେ କହିଲେ ଯେ ସରକାର ସଂଗ୍ରହକାରୀମାନଙ୍କୁ ପ୍ରତି 'ଷ୍ଟାଣ୍ଡାର୍ଡ ବ୍ୟାଗ୍' ପିଛା ୫,୫୦୦ ଟଙ୍କା ପ୍ରଦାନ କରିବା ସହ ଏହି କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କୁ ଜୋତା ମଧ୍ୟ ଯୋଗାଇ ଦେଉଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ କେନ୍ଦୁ ପତ୍ର ବିକ୍ରିରୁ ମିଳୁଥିବା ଲାଭ ବୋନସ୍ କିମ୍ବା ଲାଭାଂଶ (ଡିଭିଡେଣ୍ଡ) ହିତାଧିକାରୀମାନଙ୍କ ସହ ବ[ନ କରାଯାଇଥାଏ । ମୂଲ୍ୟଯୁକ୍ତ ଉତ୍ପାଦନ (ଭାଲ୍ୟୁ ଆଡିସନ୍)ର ଗୁରୁତ୍ୱ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ମହୁଲ, ତେନ୍ତୁଳି ଏବଂ ଆତ ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ ବିଷୟରେ ଉଲ୍ଲେଖ କଲେ । ସେ କହିଲେ ଯେ ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ, ପ୍ୟାକେଜିଂ ଏବଂ ବିପଣନ ଦ୍ୱାରା ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ଏହା ସ୍ଥାନୀୟ ସମ୍ପ୍ରଦାୟର ଅର୍ଥନୈତିକ ସଶକ୍ତୀକରଣରେ ସହାୟକ ହେଉଛି ।ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ ଚାଲିଥିବା ଏହି 'ଏକ୍ସପୋଜର୍ ଟୁର୍'ରୁ ପାଇଥିବା ଅନୁଭୂତି ମଧ୍ୟ ବାଂଟିଥିଲେ ।

# ବାଲେଶ୍ୱର ଜିଲ୍ଲା ସମେତ ସହରରେ ବିଶ୍ୱକର୍ମାଙ୍କ ପୂଜା ପାଳିତ





ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ଜିଲ୍ଲା ସମେତ ସହରରେ ରାଷ୍ଟ୍ର ନିର୍ମାଣର ମୁଖ୍ୟ ପୁରୋଧା ତଥା ଭଗବାନ ଶ୍ରୀ ବିଶ୍ୱକର୍ମାଙ୍କ ପୂଜା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ଶିଳ୍ପସଂସ୍ଥା, ବୈଷୟିକ ଶିକ୍ଷାନୁଷ୍ଠାନ, ମୋଟର କର୍ମଚାରୀସଂଘ, ବିରଳା, ଇସ୍ପାତ, ଇମାମୀ ସମେତ ଟେମ୍ପୋ, ଲରି, ଟ୍ରକ ଏସୋସିଏସନ, ବିଟିସିସି ଏବଂ ବିଭିନ୍ନ ଇଂଜିନିୟରିଂ କଲେଜ, ଶିକ୍ଷାନୁଷ୍ଠାନ ଏବଂ ଲୁହା ଦୋକାନ ଗୁଡ଼ିକରେ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି । ଏହାଛଡ଼ା ମୁଖ୍ୟ ଆକର୍ଷଣ ହୋଇଛି ଟିପିଏନଓଡିଏଲ, ନେସ୍କୋ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ସହଦେବଖୁଂଟା ମୋଟର କର୍ମଚାରୀସଂଘ, ଷ୍ଟେସନଛକ, ତଥା ଅନ୍ୟାନ୍ୟ ସ୍ଥାନରେ ବର୍ଷା ସତ୍ତ୍ୱେ ମଧ୍ୟ ଭଗବାନ ବିଶ୍ୱକର୍ମାଙ୍କ



ପୂଜାର୍ଚ୍ଚନା କରାଯାଇଛି । ଶାନ୍ତି ଶୃଙ୍ଖଳାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଦ୍ୟଯନ୍ତ୍ରର ବ୍ୟବସ୍ଥା ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ଏହାଛଡ଼ା ବିଭିନ୍ନ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ପକ୍ଷରୁ ଭଗବାନ ବିଶ୍ୱକର୍ମାଙ୍କ ପୂଜା ପାଳନ କରାଯାଇଥିବା ଜଣାପଡ଼ିଛି ।

# ବାଲେଶ୍ୱର ସହରକୁ ପ୍ରବେଶ ପଥ ତାମୁଲିଆ ବ୍ରିଜ୍ ବନ୍ଦ କାରଣରୁ ଯାନବାହାନ ଯାତାୟାତରେ ଅସୁବିଧା

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ସହରର ପ୍ରମୁଖ ପ୍ରବେଶପଥ ତାମୁଲିଆ ଉଡ଼ାଣ ପୋଲର ମରାମତି କାର୍ଯ୍ୟ ପାଇଁ ଯାତାୟାତ ବନ୍ଦ ହେବାର ଆଠ ଦିନ ପରେ ସହର ଓ ଏହାର ଆଖପାଖ ଅଂଚଳରେ ଯାତାୟାତ ସମସ୍ୟା ଗୁରୁତର ହୋଇପଡ଼ିଛି । ବିକଳ୍ପ ରାସ୍ତାରେ ଅତ୍ୟଧିକ ଯାନବାହନ ଚାପ ଯୋଗୁଁ ଅସମ୍ଭାଳ ଭିଡ଼ ସୃଷ୍ଟି ହେଉଥିବା ବେଳେ ଦୀର୍ଘ ରାସ୍ତା ଅତିକ୍ରମ କରିବାରୁ ସହରବାସୀଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଂଚଳ ଓ ସୀମାବର୍ତୀ ଅଂଚଳର ଲୋକେ ମଧ୍ୟ ହନ୍ତସନ୍ତ ହେଉଛନ୍ତି ।ତାମୁଲିଆ ବ୍ରିଜ୍ ବନ୍ଦ ପରେ ପ୍ରଶାସନ ପକ୍ଷରୁ ଶୋଭାରାମପୁର ବ୍ରିଜ୍ ଦେଇ ରେମୁଣା ଗୋଲେଇ ରାସ୍ତାରେ ଯାତାୟାତ କରିବାକୁ ଲୋକଙ୍କୁ ଅନୁରୋଧ କରାଯାଇଥିଲା । ତେବେ ଏହି ରାସ୍ତାରେ ଯାନବାହନର ଚାପ ବଢ଼ିଯିବାରୁ ଅନେକ ସମୟରେ ଦୀର୍ଘ ଟ୍ରାଫିକ୍ ଜାମ୍ ସୃଷ୍ଟି ହେଉଛି । ଫଳରେ ଶୀଘ୍ର ଗନ୍ତବ୍ୟରେ ପହଂଚିବା ପାଇଁ କିଛି ଲୋକ ବିପଦପୂର୍ଣ୍ଣ ବିକଳ୍ପ ପଥ ବାଛୁଥିବା ଦେଖାଯାଉଛି ।ବିଶେଷକରି ଆଳୁପୁର ଅଂଚଳରେ ରେଳଧାରଣା ଉପରେ ଦୁଇଚକିଆ ଯାନ ନେଇ ଲୋକେ ଯାତାୟାତ କରୁଥିବା ଦୃଶ୍ୟ ଏବେ ଚିନ୍ତାର କାରଣ ହୋଇଛି । ଲକ୍ଷ୍ମୀନାରାୟଣ ମନ୍ଦିର ପଛପଟ ଦେଇ ଆଳୁପୁର ରେଳଧାରଣା ପାର ହୋଇ ବାଇକ୍‌ରେ ଯାତାୟାତ କରୁଥିବା ଲୋକଙ୍କୁ ଦେଖିବାକୁ ମିଳୁଛି । ଏଠାରେ ରେଳ ଫାଟକ ନଥିବା ସହ ସୁରକ୍ଷିତ ରେଳପଥ ପାରେଇବାର ମଧ୍ୟ କୌଣସି ବ୍ୟବସ୍ଥା ନାହିଁ । ଏଭଳି ସ୍ଥିତିରେ ଟ୍ରେନ୍ ଆସିବା ସମୟରେ ସାମାନ୍ୟ ଅସାବଧାନତା ମଧ୍ୟ ଗୁରୁତର ଦୁର୍ଘଟଣାର କାରଣ ହୋଇପାରେ ।ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଆଳୁପୁର ରେଳଧାରଣା ଦେଇ ଏଭଳି ବିପଦପୂର୍ଣ୍ଣ ଯାତାୟାତ କେବଳ ତାମୁଲିଆ ବ୍ରିଜ୍ ବନ୍ଦ ପରଠାରୁ ଆରମ୍ଭ ହୋଇନାହିଁ । ବର୍ଷ ତମାମ ଏହି ଅଂଚଳର କିଛି ଲୋକ ରେଳ ଫାଟକ ନଥିବା ସତ୍ତ୍ୱେ ରେଳଧାରଣା ପାର ହୋଇ ଯାତାୟାତ କରୁଥିବା ଅଭିଯୋଗ ରହିଛି । ତେବେ ତାମୁଲିଆ ଓଭରବ୍ରିଜ୍ ବନ୍ଦ ହେବା ପରେ ଏହି ବିପଦପୂର୍ଣ୍ଣ ପଥ ଉପରେ ଲୋକଙ୍କ ନିର୍ଭରଶୀଳତା ଆହୁରି ବଢ଼ିଛି । ଚିନ୍ତାର ବିଷୟ ହେଉଛି, ଲୋକଙ୍କୁ ରେଳଧାରଣା ପାର ହେବାରୁ ରୋକିବା ଓ ସୁରକ୍ଷା ନିଶ୍ଚିତ କରିବା ପାଇଁ ଆରପିଏଫ୍ କର୍ମଚାରୀ ଜଗି ରହୁଥିଲେ ମଧ୍ୟ କିଛି ଲୋକ ସେମାନଙ୍କ ସମ୍ମୁଖରେ ରେଳଧାରଣା ପାର ହେଉଥିବା ଦେଖାଯାଉଛି । ଦୀର୍ଘ ରାସ୍ତା ଓ ଟ୍ରାଫିକ୍ ଜାମ୍‌ର ଯନ୍ତ୍ରଣା ଲୋକଙ୍କୁ ଏଭଳି ନିୟମବହିର୍ଭୂତ ଓ ବିପଦପୂର୍ଣ୍ଣ ଯାତାୟାତ ଆଡ଼କୁ ଠେଲି ଦେଉଥିବା ସ୍ଥାନୀୟବାସିନ୍ଦାମାନେ କହିଛନ୍ତି ।ଅନ୍ୟପକ୍ଷରେ, ଅଙ୍ଗାରଗଡ଼ିଆ ରେଳ ଓଭରବ୍ରିଜ୍‌ର ଅଧାପନ୍ତରିଆ ଅବସ୍ଥା ମଧ୍ୟ ଲୋକଙ୍କ ଯାତାୟାତ ଯନ୍ତ୍ରଣାକୁ ବଢ଼ାଇଛି । ୨୦୧୮ରୁ ଏହି ଓଭରବ୍ରିଜ୍‌ର ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ଆଠ ବର୍ଷ ପରେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ନିର୍ମାଣାଧୀନ ବ୍ରିଜ୍ ତଳେ ଖାଲଖମା ରାସ୍ତା ଦେଇ ଲୋକେ ବିପଦକୁ ବରଣ କରି ଯାତାୟାତ କରୁଛନ୍ତି । ଏଭଳି ସ୍ଥିତିରେ ତାମୁଲିଆ ବ୍ରିଜ୍‌ର ମରାମତି କାମ ଯଥାଶୀଘ୍ର ଶେଷ କରି ଯାତାୟାତ ସ୍ୱାଭାବିକ କରିବା ସହ ଆଳୁପୁର ରେଳଧାରଣାରେ ବିପଦପୂର୍ଣ୍ଣ ଯାତାୟାତ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି । ଅଂଚଳର ଆବଶ୍ୟକତା ଅନୁଯାୟୀ ସୁରକ୍ଷିତ ରେଳପଥ ପାରେଇବା ବ୍ୟବସ୍ଥା କିମ୍ବା ଅଣ୍ଡରପାସ୍ ଭଳି ବିକଳ୍ପ ବ୍ୟବସ୍ଥା କରିବାକୁ ମଧ୍ୟ ସ୍ଥାନୀୟମାନେ ଦାବି କରିଛନ୍ତି । ତାମୁଲିଆ ବ୍ରିଜ୍ ବନ୍ଦ ଯୋଗୁଁ ସୃଷ୍ଟି ହୋଇଥିବା ଯାତାୟାତ ସମସ୍ୟା ଏବେ ଜନସୁରକ୍ଷା ପ୍ରସଙ୍ଗରେ ପରିଣତ ହୋଇଛି । ତେଣୁ ଆଳୁପୁର ରେଳଧାରଣାରେ କୌଣସି ଅଘଟଣ ଘଟିବା ପୂର୍ବରୁ ପ୍ରଶାସନ ଓ ରେଳ ବିଭାଗ ପକ୍ଷରୁ ପ୍ରଭାବୀ ପଦକ୍ଷେପ ନେବା ଜରୁରୀ ବୋଲି ସ୍ଥାନୀୟମାନେ ମତ ଦେଇଛନ୍ତି ।



# ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା

ବାଲେଶ୍ୱର, (ନି.ପ୍ର.) ବାଲେଶ୍ୱର କଚେରୀହତା ସ୍ଥିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ଭଗବାନ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି । ରେଡ଼ିଓଗ୍ରାଫର ପୁରୁଷତମର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ପ୍ରବୋଧ କୁମାର ମଲ୍ଲିକ, ବୁଢ଼ାଣ ହେମ୍ବ୍ରମ, ସତ୍ୟସାଗର ମଣ୍ଡଳ, ଅନ୍ୟତମ କର୍ମଚାରୀ ହରିଶଙ୍କର ପ୍ରଧାନ, ସତ୍ୟ ମଣ୍ଡଳ, ସୁଚିସ୍ମିତା ପରିଡ଼ା, ମାଳତୀ କିସ୍କୁ, କାର୍ତିକ ଚନ୍ଦ୍ର ବେହେରା, ଦେବାଶିଷ ପାଲ, ନିଷିକାନ୍ତ ପ୍ରଧାନ, ବିକାଶ କୁମାର ପାଠୀ, ଭବାନୀ ଶଙ୍କର ସ୍ୱାଇଁ, ଗୌରହରି ପାତ୍ର, ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଶ୍ୱକର୍ମାଙ୍କ ଘଟୋତଳନ, ହୋମଯଜ୍ଞ, ପୂଜାର୍ଚ୍ଚନା, ପୁଷ୍ପାଂଜଳି ପ୍ରଦାନ ସାଙ୍ଗକୁ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।



# ✓ଲକ୍ଷ୍ମୀଧର ବେହେରାଙ୍କ ଶ୍ରାଦ୍ଧୋତ୍ସବ ୧୯ରେ

ବାଲେଶ୍ୱର(ନି.ପ୍ର.) ସ୍ୱର୍ଗତ ସାମ୍ବାଦିକ ସମାଜସେବୀ ତଥା ବହୁ ସଂଗଠନର ପ୍ରମୁଖ ଭୂମିକା ନେଇଥିବା ଶ୍ରୀ ଲକ୍ଷ୍ମୀଧର ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭା ଓ ସ୍ମୃତିଚାରଣ ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହେବ ।ଏହି ସଭାରେ ବାଲେଶ୍ୱରର ବହୁ ବୁଦ୍ଧିଜୀବୀ ଯୋଗଦାନ ପାଇଁ ନିଜର ସମ୍ମତି ପ୍ରଦାନ କରିଛନ୍ତି ।ଏଣୁ ଆମ୍ଭ ଜିଲ୍ଲାର ସମସ୍ତ ସାମ୍ବାଦିକ ଭାଇମାନଙ୍କୁ ଅନୁରୋଧ ଏହି ସ୍ମୃତିଚାରଣ ସଭାରେ ଉପସ୍ଥିତ ହୋଇ ନିଜ ନିଜର ଶ୍ରଦ୍ଧାସୁମନ ଅର୍ପଣ କରିବା ହେବେ । ତା'ଛଡ଼ା ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱରର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ସାରସ୍ୱତ ସାଧକ କବି ପ୍ରଶାନ୍ତ ଦାସ., ବାଲେଶ୍ୱର ବାରର ଅଧ୍ୟକ୍ଷ ମନୋଜ କୁମାର ନାୟକ ଓ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।



# 'ସେବା ମାସ' ଅବସରରେ ଲକ୍ଷ୍ମୀନାରାୟଣ ମନ୍ଦିରରେ ମୋଦୀଙ୍କ ଜନ୍ମଦିନ ପାଇଁ ପ୍ରାର୍ଥନା ଓ ଦୀପ ପ୍ରଜ୍ୱଳନ

ବାଲେଶ୍ୱର, (ନି.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ତଥା 'ସେବା ମାସ' ଅବସରରେ ତାଙ୍କର ଦୀର୍ଘ ଓ ସୁସ୍ଥ ଜୀବନ କାମନା କରି ବାଲେଶ୍ୱର ସହରର ଓ.ଟି. ରୋଡ୍ ?ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ସାମୂହିକ ପ୍ରାର୍ଥନା ଓ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ଏହି ଅବସରରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିବା ସହ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ ।



ବାଲେଶ୍ୱର-ଭଦ୍ରକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କର ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ଅମିତ ନାୟକ, ଦେବାଶିଷ ସିଂହ, ଭାଗବତ ସାହୁ, ଅଜୟ ସାମଲ, ଘନଶ୍ୟାମ ଗିରି, ରବିନାରାୟଣ ପାଣିଗ୍ରାହୀ, ଯୁବନେତା ସିମନ ଦାସ ମହାପାତ୍ର, ଅସିତ ଦାସ, ଶକ୍ତିପଦ ରାୟ, ଉମେଶ ବେହେରା, ଛାତ୍ରନେତା ଶୁଭମ ସାଇ ମହାପାତ୍ର ଓ ମହିଳା ନେତ୍ରୀ ଆଶ୍ରିତା ତରାଇ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା, ଯୁବ ଓ ଛାତ୍ର କାର୍ଯ୍ୟକର୍ତା ସାମିଲ ହୋଇ ସାମୂହିକ ଭାବେ ଦୀପ ପ୍ରଜ୍ୱଳନ କରିଥିଲେ । ଏଥିସହ ଦେଶର ଉନ୍ନତି ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୁସ୍ଥ ଓ ଦୀର୍ଘ ଜୀବନ ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା ।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ବାଲେଶ୍ୱର ସଦରରେ 'ଆଶୀର୍ବାଦ ଦୀପ' ପ୍ରଜ୍ୱଳନ

ବାଲେଶ୍ୱର,(ନି.ପ୍ର.): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ତଥା ବିଶ୍ୱର ଜନପ୍ରିୟ ନେତା ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ୭୬ତମ ଜନ୍ମଦିବସ ଅବସରରେ ଆଜି ବାଲେଶ୍ୱର ସହରର ବାଣେଶ୍ୱର ମନ୍ଦିର ଏବଂ ଫାଣ୍ଡି ଛକସ୍ଥିତ ହନୁମାନ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ଆଶୀର୍ବାଦ ଦୀପ ପ୍ରଜ୍ୱଳନ କରାଯାଇଛି । ଏହି ପବିତ୍ର ଅବସରରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ ପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରି ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀଙ୍କ ଦୀର୍ଘାୟୁ, ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଦେଶର ସେବା ପାଇଁ ତାଙ୍କୁ ଈଶ୍ୱର ଅଧିକ ଶକ୍ତି, ସାମର୍ଥ୍ୟ ଓ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସାର୍ବଜନୀନ ଜୀବନ ଦୀର୍ଘ ସମୟ ଧରି ଦେଶସେବା, ଜନସେବା ଓ ରାଷ୍ଟ୍ର ନିର୍ମାଣ ସହିତ ଜଡ଼ିତ ରହିଛି । ଗୁଜରାଟର ମୁଖ୍ୟମନ୍ତ୍ରୀ



ଭାବେ ତାଙ୍କର ଦୀର୍ଘ କାର୍ଯ୍ୟକାଳ ପରେ ୨୦୧୪ ମସିହାରୁ ଭାରତର ପ୍ରଧାନମନ୍ତ୍ରୀ ଭାବେ ସେ ଦେଶର ନେତୃତ୍ୱ ଦେଇଆସୁଛନ୍ତି । ତାଙ୍କ ସାର୍ବଜନୀନ ଜୀବନର ଏହି ଦୀର୍ଘ ଯାତ୍ରାରେ ରାଷ୍ଟ୍ର ପ୍ରତି ନିରନ୍ତର ସମର୍ପଣ ତାଙ୍କୁ ଏକ ସ୍ୱତନ୍ତ୍ର ରାଜନୈତିକ ବ୍ୟକ୍ତିତ୍ୱ ଭାବେ ପରିଚିତ କରାଇଛି । ଦେଶର ଅନେକ ଲୋକଙ୍କ ମଧ୍ୟରେ ଶ୍ରୀ ମୋଦୀଜୀଙ୍କ ଜନ୍ମଦିବସକୁ କେବଳ ଏକ ଜନ୍ମଦିନ ଭାବେ ନୁହେଁ, ବରଂ ସେବା, ସମର୍ପଣ ଓ ରାଷ୍ଟ୍ର ନିର୍ମାଣର ସଙ୍କଳ୍ପର ଦିନ ଭାବେ ପାଳନ କରିବାର ଭାବନା ଦେଖିବାକୁ ମିଳୁଛି । ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ ଜନସେବାମୂଳକ କାର୍ଯ୍ୟକ୍ରମ, ପୂଜାର୍ଚ୍ଚନା ଓ ବିଭିନ୍ନ ସେବା କାର୍ଯ୍ୟ ଆୟୋଜିତ ହେଉଛି । ବାଲେଶ୍ୱରରେ ଆୟୋଜିତ 'ଆଶୀର୍ବାଦ ଦୀପ' ପ୍ରଜ୍ୱଳନ କାର୍ଯ୍ୟକ୍ରମ ମଧ୍ୟ ସେହି ଭାବନାର ଏକ ପ୍ରତୀକ । ଏହି ଦୀପ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ସୁସ୍ଥତା, ଦୀର୍ଘାୟୁ ଓ ଦେଶସେବା ପାଇଁ ଅବିରତ ଶକ୍ତି କାମନା କରାଯାଇଛି । ବିଧାୟକ ଶ୍ରୀ ମାନସ କୁମାର ଦତ କହିଛନ୍ତି ଯେ, "ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଜନ୍ମଦିବସ ଅବସରରେ ଆଜି ବାଲେଶ୍ୱରର ଦେବାଳୟରେ ପୂଜାର୍ଚ୍ଚନା କରି 'ଆଶୀର୍ବାଦ ଦୀପ' ପ୍ରଜ୍ୱଳନ କରିବା ଆମ ସମସ୍ତଙ୍କ ପାଇଁ ଏକ ଭକ୍ତି ଓ ଶୁଭକାମନାର ମୁହୂର୍ତ । ମାନନୀୟ ପ୍ରଧାନମନ୍ତ୍ରୀ ଦେଶର ସେବାରେ ନିରନ୍ତର ନିୟୋଜିତ ରହି ଏକ ଦୀର୍ଘ ସାର୍ବଜନୀନ ଜୀବନର ଉଦାହରଣ ସୃଷ୍ଟି କରିଛନ୍ତି । ଆଜି ତାଙ୍କ ଜନ୍ମଦିନରେ ମୁଁ ମହାପ୍ରଭୁ ଓ ପ୍ରଭୁ ହନୁମାନଙ୍କ ନିକଟରେ ତାଙ୍କର ଦୀର୍ଘାୟୁ, ଉତମ ସ୍ୱାସ୍ଥ୍ୟ ଓ ନିରନ୍ତର ରାଷ୍ଟ୍ରସେବା ପାଇଁ ପ୍ରାର୍ଥନା କରୁଛି । ସେ ଆହୁରି କହିଛନ୍ତି ଯେ, ଆମ ପାଇଁ ଏହି ଆଶୀର୍ବାଦ ଦୀପ କେବଳ ଏକ ଦୀପ ନୁହେଁ; ଏହା ଦେଶ ପ୍ରତି ସମର୍ପଣ, ସେବା ଓ ରାଷ୍ଟ୍ର ନିର୍ମାଣର ସଙ୍କଳ୍ପର ଏକ ପ୍ରତୀକ । ପ୍ରଧାନମନ୍ତ୍ରୀଜୀଙ୍କ ନେତୃତ୍ୱରେ ଭାରତ ଆହୁରି ଶକ୍ତିଶାଳୀ, ସମୃଦ୍ଧ ଓ ବିକଶିତ ରାଷ୍ଟ୍ର ଭାବେ ଆଗକୁ ବଢ଼ୁ,ଏହା ଆଜିର ପବିତ୍ର ଦିନରେ ଆମର ପ୍ରାର୍ଥନା । ଅନ୍ୟ ମାନଙ୍କ ମଧ୍ୟରେ ପର୍ଶୁରାମ ବେହେରା, ରବି ନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଉପେନ୍ଦ୍ର ଶତପଥୀ, ଚନ୍ଦ୍ରଶେଖର ନନ୍ଦ, ସର୍ବେଶ୍ୱର ମହାନ୍ତି, ଧୀରଜ ମହାନ୍ତି, ସୁଧାଂଶୁ ପଣ୍ଡା, ଚିତରଞ୍ଜନ ପଣ୍ଡା, ଭାଗବତ ସାହୁ, ସୀତାକାନ୍ତ ସ୍ୱାଇଁ, ବିଭୂପଦ ଦାସ, ରାଜେନ୍ଦ୍ର ଚାଟାର୍ଜି, ଅନନ୍ତ ନାୟକ, ଲୋକନାଥ ଭୂୟାଁ, ମନହର ପେରିୱାଲ, ସସ୍ମିତା ଦାଶ, ସସ୍ମିତା ନାଥ, ରୋଜାଲିନ ପାଣି, ଶ୍ରୀନିବାସ ପ୍ରଧାନ, ଶ୍ରୀୟା ଦାସ, ପଦ୍ମିନି ଅଧିକାରୀ, ନିରୁପମା ଦାଶ, ମନ୍ମଥ ପାତ୍ର, ବାବୁଲି ଧଳ, ଜିତେନ୍ଦ୍ର ପରମାଣିକ, ବବୁଲୁ ମିଶ୍ର, ପ୍ରତାପ ପ୍ରଧାନ, ସବିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରେମୁଣା ଭାଜପା ପକ୍ଷରୁ ମୋଦିଙ୍କ ଜନ୍ମଦିବସ ପାଳନ



ବାଲେଶ୍ୱର(ନି.ପ୍ର.) ଗୁରୁବାର ସକାଳ ୯ଟା ସମୟରେ ବାଲିଆ ରାମେଶ୍ୱର ମନ୍ଦିର ଠାରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ, ଆଧୁନିକ ଭାରତ ନିର୍ମାଣର ବିଶ୍ୱକର୍ମା, ସମଗ୍ର ଭାରତର ପ୍ରେରଣାର ଉତ୍ସ ଆଦରଣୀୟ ଶ୍ରୀ ନରେନ୍ଦ୍ର ମୋଦି ଙ୍କୁ ଜନ୍ମ ଦିନ ଉପଲକ୍ଷେ ତାଙ୍କର ଦୀର୍ଘ ନିରାମୟ ଜୀବନ, ଭାରତ ବର୍ଷକୁ ଅଖଣ୍ଡ ଭାରତରେ ପରିଣତ କରିବାର ପ୍ରୟାସ ୨୦୪୭ ସୁଦ୍ଧା 'ବିକଶିତ ଭାରତ 'ନିର୍ମାଣ ଏବଂ ଭାରତ କୁ ବିଶ୍ୱଗୁରୁ ଭାବେ ଗଢି ତୋଳିବାର ସଂକଳ୍ପ କୁ ନୂତନ ଉର୍ଜା ଦେବାପାଇଁ ଶ୍ରୀ ରାମେଶ୍ୱର ମହାଦେବ ଙ୍କ ପାଖେ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା । ସର୍ବପ୍ରଥମେ ରେମୁଣା ର ବିଧାୟକ ତଥା ସରକାରୀ ଉପ ମୁଖ୍ୟ ସଚେତକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ବରିଷ୍ଠ କାର୍ଯ୍ୟକର୍ତା ଙ୍କୁ ନେଇ ମହାଦେବ ଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ କ୍ଷ ମହିଳା କାର୍ଯ୍ୟକର୍ତା ମାନେ ଭାରତ ମାନଚିତ୍ର ରଙ୍ଗ ମୁରୁଜ ଦ୍ୱାରା ଅଙ୍କନ କରି ୭୬ଟି ଦ୍ୱୀପ ପ୍ରଜ୍ୱଳନ କରିଥିଲା କ୍ଷ ଉପସ୍ଥିତ କାର୍ଯ୍ୟକର୍ତା ମାନେ ମୋଦି ଜୀ ଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ଠାକୁରଙ୍କ ପାଖରେ ପ୍ରାର୍ଥନା କରିଥିଲେ । ଗୁଜୁରାଟ ର ୱାର୍ଡନଗର ରୁ ଆରମ୍ଭ ହୋଇଥିବା ତାଙ୍କର ୨୫ ବର୍ଷର ରାଜନୈତିକ ଜୀବନ ଯାତ୍ରା ଆଜି ସମଗ୍ର ଦେଶ ପାଇଁ ପ୍ରେରଣା ର ଉତ୍ସ ଅଟେ କ୍ଷ ଜଣେ ସାଧାରଣ ନାଗରିକ ଦେଶର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରି ସେ ଭାରତକୁ ଏକ ନୂଆ ପରିଚୟ ଦେଇଛନ୍ତି କ୍ଷ ଦେଶର ସୁରକ୍ଷା ଓ ପ୍ରଗତି ପାଇଁ ତାଙ୍କର ସଂକଳ୍ପବଦ୍ଧ ବେତୃତ୍ୱ ନୂତନ ଭାରତର ଭିତିପ୍ରସ୍ତର ସ୍ଥାପନ କରିଛି କ୍ଷ ଗରିବ, କୃଷକ, ଯୁବ୍ୱର୍ଗ ଓ ମହିଳା ସଶକ୍ତି କରଣ ପାଇଁ ସ୍ୱଚ୍ଛ ଭାରତ ଡିଜିଟାଲ ଇଣ୍ଡିଆ ଓ ଆତ୍ମ ନିର୍ଭର ଭାରତ ଭଳି ସାହସିକ ପଦକ୍ଷେପ ଦେଶକୁ ଆଗକୁ ନେବାରେ ସହାୟକ ହୋଇଛି କ୍ଷ ଆନ୍ତର୍ଜାତୀୟ ସ୍ତରରେ ଭାରତର କୁଟନୈତିକ ସମ୍ପର୍କ କୁ ମଜବୁତ କରିବାରେ ତାଙ୍କର ଯୋଗଦାନ ଅତୁଳନୀୟ ବୋଲି ବିଧାୟକ ଶ୍ରୀ ଦାସ ମତବ୍ୟକ୍ତ କରିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ପର୍ଶୁରାମ ପରିଡ଼ା, ଉପ ସଭାପତି ଶ୍ରୀ ସୁକୁମାର ଦାସ, ସମ୍ପାଦିକା ରବିତା ଦାସ, କାର୍ଯ୍ୟକାରିଣୀ ସଦସ୍ୟ କାର୍ତିକ ଚନ୍ଦ୍ର ଗିରି, ଉମାକାନ୍ତ ପଣ୍ଡା, ଲମ୍ବୋଦର ପ୍ରଧାନ, ଜିଲ୍ଲା ଏସ ଡି ସୀ ଚେୟାରମ୍ୟାନ ଶ୍ରୀ ବିପିନ ମାରାଣ୍ଡି,ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ଭୋଳାନାଥ ପାତ୍ର,ମଣ୍ଡଳ ସଭାପତି ଉମାକାନ୍ତ ଜେନା,ମାୟାଧର ପ୍ରଧାନ,ମାନସ ମହାନ୍ତି, ପ୍ରଫୁଲ୍ଲ ଦ୍ୱିବେଦୀ, ରଘୁନାଥ ପରିଡ଼ା, କାଉନସିଲର ଶିବସୁନ୍ଦର ରାୟ, ହେମବତି ବେହେରା, ସରପଂଚ ଆରତୀ ଶତପଥୀ, ନିତାୟୀ ଚରଣ ନାୟକ, ଅଞ୍ଜନ କୁମାର ଦାସ,ବିଜୟ କୁମାର ପଳେଇ, କୋମଳ ଲୋଚନ ପ୍ରଧାନ, ସୁବୋଧ ଚନ୍ଦ୍ର ପଣ୍ଡା, ଜିତେନ୍ଦ୍ର ସ୍ୱାଇଁ, କାର୍ତିକ ଚନ୍ଦ୍ର ଦାସ, ନିତ୍ୟାନନ୍ଦ ବେହେରା, ଶୁଭସ୍ମିତା ଦାସ,ରଶ୍ମୀରଞ୍ଜନ ରାଉତ, ମାନସ ରଞ୍ଜନ ପଣ୍ଡା, ଶାକମ୍ବରି ସିଂ, ଗଣେଶ ନାୟକ, ଚନ୍ଦ୍ର ମଣି ମହାପାତ୍ର,ପ୍ରଦୀପ ଦାସ,ସୂର୍ଯ୍ୟକାନ୍ତ ମିଶ୍ର, ମହେଶ୍ୱର ପ୍ରଧାନ, ମହେଶ୍ୱର ଗିରି, ଗଜେନ୍ଦ୍ର ସେଠି, ମିନାକ୍ଷି ମହାପାତ୍ର, ଡମ୍ବରୁଧର ଦାସ, ସନ୍ତୋଷ ଦାସ, ଜୟନ୍ତୀ ପାତ୍ର, କନକଲତା ଦାସ, ଇତ୍ୟାଦି ଶତାଧିକ କାର୍ଯ୍ୟକର୍ତା ଉପସ୍ଥିତ ଥାଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ କ୍ଷ କାଯ୍ୟକ୍ରମ ପରେ ଉପସ୍ଥିତ ଜନ ସାଧାରଣ ଓ କାର୍ଯ୍ୟକର୍ତା ଙ୍କୁ ମିଷ୍ଟାନ୍ନ ବ[ନ କରାଯାଇଥିଲା ।

# ଦି ରୟାଲ ବଏଜ ହାଉସ ପକ୍ଷରୁ ଆନନ୍ଦ ଉଲ୍ଲାସ ସହକାରେ ଗଣେଶ ପୂଜା ପାଳିତ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସହରର ମାନସିଂଗ ବଜ୍ହାର କାଳୀମନ୍ଦିର ନିକଟସ୍ଥ ଦି ରୟାଲ ବଏଜ ହାଉସ ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଆନନ୍ଦ ଉଲ୍ଲାସ ସହକାରେ ପ୍ରଭୁ ବିଘ୍ନରାଜଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି କ୍ଷ ୨୦୨୩ ମସିହାରୁ ଶୁଭାରମ୍ଭ ହୋଇଥିବା ଏହି କ୍ଲବ ଦୀର୍ଘ ୪ବର୍ଷ ଧରି ନିରାଡ଼ମ୍ବର ଭାବେ ଶାନ୍ତି ଶୃଙ୍ଖଳାର ସହ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ପାଳନ କରିବା ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଆସୁଛି କ୍ଷ ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ପୂଜାର ୪ର୍ଥ ଦିବସରେ ୨ହଜାରରୁ ଉର୍ଦ୍ଧ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ସୁ ବ୍ୟବସ୍ଥା କରାଯାଇଥିଲା କ୍ଷ କ୍ଲବର ସଭାପତି ନୀଳମାଧବ ଦାସ ଓ ସମ୍ପାଦକ ସିପୁ ବେହେରାଙ୍କ ପ୍ରତେକ୍ଷ୍ୟ ତତ୍ୱାବଧାନରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ତଥା ଉପଦେଷ୍ଟା ସନ୍ଦୀପ୍ତ ଦାସ, ଲକ୍ଷ୍ମୀଧର ବେହେରା, ବିଜୟ କାନୁନଗୋ (ବିଜୁ)ଯୋଗଦେବା ସହିତ କ୍ଲବର କର୍ମକର୍ତାଙ୍କ ଉତ୍ସାହ ଓ ଉଦ୍ୟମ ପାଇଁ ସାଧୁବାଦ ଜ୍ଞାପନ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ କ୍ଲବର କୋଷାଧକ୍ଷ ଲିଟନ ବେହେରା ,ସଦସ୍ୟ ନଳିନୀ ଦାସ,ଗୋପିଦାସ, ସୁରେଶ ବେହେରା, ଚନ୍ଦନ ବେହେରା , ହରିଶ, ରଜତ, ସଞ୍ଜୟ, ଚିକୁନ , ଜଗା, ପପାଲୀ, ସୁବ୍ରତ,ବାପୁ, ପାପା, କଟନ, ଶନି, ପ୍ରଦୀପ, ରାହୁଲ, ପ୍ରବୀନ, ହେଣ୍ଟୁ, କାହ୍ନୁ, ଟୁକୁ, ପିଣ୍ଟୁ, ଲମ୍ବୋଧର ବେହେରା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।





# ରାଧା କୃଷ୍ଣ ମନ୍ଦିର ପରିସରରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ



ଖୋର୍ଦ୍ଧା(ନିପ୍ର): ସେବା ସଂକଳ୍ପ ଅଭିଯାନ ଉପଲକ୍ଷେ ସଦର ମହକୁମା ଗଡ ଖୋରଧା ରାଧାକୃଷ୍ଣ ମନ୍ଦିର ପରିସରରେ ଶକ୍ତି ଧାରା ଓ ଜିଲ୍ଲା ମିଶନ ଶକ୍ତି ମହାସଂଘ ଏବଂ ରାମ ରହିମ ମିଶନ ଶକ୍ତି ମହାସଂଘ ଆନୁକୂଲ୍ୟରେ ଏକମାସ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଥିବା ସେବା ସଂକଳ୍ପ ଅଭିଯାନ ୨୦୨୬ ଉପଲକ୍ଷେ ପ୍ରଥମ ଦିବସରେ ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ମିଶନ ଶକ୍ତି ମହାସଂଘ ସଭାପତି ପଦ୍ମିନୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଆଶୀର୍ବାଦର ଦୀପ ଦାନ କରି ଜିଲ୍ଲାବାସୀ ଓ ସମଗ୍ର ଦେଶବାସୀଙ୍କ ମଙ୍ଗଳ କାମନା କରିଥିଲେ । ସେ କହିଥିଲେ ଆଜି ଆଶୀର୍ବାଦ ର ଦୀପ ସିଖାରେ ସମସ୍ତଙ୍କ ମନରେ ଥିବା ଈର୍ଷା, ଗର୍ବ, ଅହଙ୍କାର ସହ ସମସ୍ତ ଅହଂଭାବ ଏବଂ ବିଯୁକ୍ତାତ୍ମକ ଭାବନା ଦୂର ହୋଇ ସମସ୍ତେ ଭଲ ମଣିଷ ହୋଇ ଜିଲ୍ଲା, ରାଜ୍ୟ ଓ ରାଷ୍ଟ୍ରର ନାମ ଟେକ ରଖନ୍ତୁ । ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ, ଖୋର୍ଦ୍ଧା, ସୁମତି ତ୍ରିପାଠୀ ଯୋଗଦେଇ ସମସ୍ତଙ୍କ ଜୀବନ ରୁ ଅନ୍ଧକାର ଦୂର ହୋଇ ଆଲୋକିତ ହେଉ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା, ସିଦ୍ଧାର୍ଥ ପଟ୍ଟନାୟକ, ନିର୍ବାହୀ ଅଧିକାରୀ ପୌର ପରିଷଦ, ଖୋରଧା, କାବେରୀ ମୁଦୁଲି, ଡି ପି ସି, ମିଶନ ଶକ୍ତି, ପ୍ରେମଶ୍ରୀ ନାୟକ ଯୋଗ ଦେଇ ସେବା ସଂକଳ୍ପ ଅଭିଯାନ ଆଶୀର୍ବାଦ ର ଦୀପ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଜିଲ୍ଲା ମିଶନ ଶକ୍ତି ମହାସଂଘ ସାଧାରଣ ସମ୍ପାଦକ ଅଞ୍ଜୁମାନ ଆରା ଧନ୍ୟବାଦ ପ୍ରଦାନ କରିଥିଲେ । ମନ୍ଦିର ପ୍ରାଙ୍ଗଣରେ ସହସ୍ରାଧିକ ମହିଳା ଆଶୀର୍ବାଦର ଦୀପ ଦାନ କରିଥିଲେ କ୍ଷ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ବେଉରା ରାଧା କୃଷ୍ଣଙ୍କୁ ଦର୍ଶନ କରିବା ସହ ନିକଟରେ ଥିବା ଜଗନ୍ନାଥ ମନ୍ଦିରକୁ ଯାଇ ବିଗ୍ରହ ମାନଙ୍କୁ ଦର୍ଶନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାଶଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ମନ୍ଦିରରେ ଦୀପଦାନ ଓ ମିଷ୍ଟାନ ବଂଟନ



ଧାମନଗର(ନିପ୍ର): ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ଉତ୍ସାହର ସହ ଜନ୍ମଦିନ ପାଳିତ ହୋଇଯାଇଛି । ଏହି ଅବସରରେ ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବିଭିନ୍ନ ଦେବାଦେବୀ ମନ୍ଦିରରେ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ କାମନା କରି ଦୀପ ଜାଳି ଛନ୍ତି । ବ୍ଲକର ବିଭିନ୍ନ ଅଂଚଳରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସି.ଆର.ପି. ଏବଂ ଏମ୍.ବି.କେ. ମାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ବେଶ୍ ଆନନ୍ଦୋଲ୍ଲାସ ର ସହ ପାଳନ କରାଯାଇଛି । ଭଇଁସାହି ପଂଚାୟତର ଫଳପୁର ସ୍ଥିତ ଅରଲେଶ୍ୱର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉଦ୍ୟମରେ ସ୍ଥାନୀୟ ହର ପାର୍ବତୀ ମନ୍ଦିର ନିକଟରେ ଦୀପ ଦାନ କରାଯାଇଥିଲା । ମା' ହରପାର୍ବତୀ ଙ୍କ ନିକଟରେ ପ୍ରଧାନମନ୍ତ୍ରୀଙ୍କ ନିରାମୟ ଜୀବନ ଓ ଦେଶସେବାରେ ଦୀର୍ଘାୟୁ କାମନା କରି ଦୀପ ଜାଳିବା ସହ ଉପସ୍ଥିତ ଜନସାଧାରଣ ଓ ମହିଳାମାନଙ୍କ ମଧ୍ୟରେ ମିଷ୍ଟାନ ବଂଟନ କରାଯାଇଥିଲା । ସକାଳେ ମଧ ଗୋଷ୍ଠି ତରଫରୁ ଚାରା ରୋପଣ କରା ଯାଇଥିଲା । ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଂଚଳରେ ବେଶ୍ ଆଦୃତ ହୋଇଥିଲା ।

# ସଚିନ ବେହେରାଙ୍କ ନୂଆ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ: ୧ ମିନିଟରେ ୧୦୩ ଥର ନି-ଷ୍ଟ୍ରାଇକ୍

ନୂଆପଡ଼ା(ନିପ୍ର): 'ନି-ଷ୍ଟ୍ରାଇକର ଅଫ୍ ଇଣ୍ଡିଆ' ଭାବେ ପରିଚିତ ତଥା ନୂଆପଡ଼ା ଜିଲ୍ଲାର ପ୍ରଥମ ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ ସଚିନ ବେହେରା ପୁଣି ଏକ ନୂତନ ସଫଳତା ହାସଲ କରିଛନ୍ତି । ସେ ଗୋଟିଏ ଗୋଡ଼ରେ ୧ କେଜି ଓଜନର ଆଙ୍କଲ ୱେଟ୍ (Ankle Weight) ପିନ୍ଧି ମାତ୍ର ୧ ମିନିଟରେ ୧୦୩ ଥର ଫୁଲ୍-କଂଟ୍ରାକ୍ଟ ନି-ଷ୍ଟ୍ରାଇକ୍ କରି 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ'ରେ ନିଜ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି । ଗତ ସେପ୍ଟେମ୍ବର ୧୦ ତାରିଖରେ ଭୁବନେଶ୍ୱରସ୍ଥିତ ଓଭରଅଲ୍ ସ୍ପୋର୍ଟସ ଏକାଡେମୀଠାରେ ଏହି ରେକର୍ଡ ପ୍ରୟାସ ଅନୁଷ୍ଠିତ ହୋଇଥିଲା । ସେପ୍ଟେମ୍ବର ୧୫ ତାରିଖରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ କର୍ତ୍ତୃପକ୍ଷଙ୍କ ଠାରୁ ଇ-ମେଲ୍ ମାଧ୍ୟମରେ ସ୍ୱୀକୃତି ପତ୍ର ପ୍ରାପ୍ତ ହୋଇଛି । ସଚିନ ବେହେରାଙ୍କ ସଂକ୍ଷିପ୍ତ ପରିଚୟ: ଗ୍ରାମ ଓ ପରିବାର: ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ୍ ଅନ୍ତର୍ଗତ ଲର୍କା ଗ୍ରାମର ଲକ୍ଷ୍ମୀ ପ୍ରସାଦ ବେହେରା ଏବଂ ଆରତୀ ବେହେରାଙ୍କ ସୁପୁତ୍ର । ଶିକ୍ଷାଗତ ଯୋଗ୍ୟତା: ହାଇ-ଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଭୁବନେଶ୍ୱରରୁ ଫିଜିଓଥେରାପିରେ ସ୍ନାତକ ପୂରଣ କରିବା ପରେ ବର୍ତ୍ତମାନ ସେଠାରେ ଅର୍ଥୋପେଡିକ୍ ବିଭାଗରେ ସ୍ନାତକୋତ୍ତ ଅଧ୍ୟୟନରତ । ପୂର୍ବ ସଫଳତା: ୨୦୧୯ ମସିହାରେ ୧ ମିନିଟରେ ୧୩୭ ଥର ନି-ଷ୍ଟ୍ରାଇକ୍ କରି ପ୍ରଥମ ଗିନିଜ୍ ୱାର୍ଲ୍ଡ ରେକର୍ଡ ଏବଂ ୨୦୨୨ ମସିହାରେ ଦ୍ୱିତୀୟ ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ । ନିଜର ଏହି କୃତିତ୍ୱ ପାଇଁ ସଚିନ ହାଇ-ଟେକ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଅଧ୍ୟକ୍ଷ ଡ଼ା. ତିରୁପତି ପାଣିଗ୍ରାହୀଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି । ଏହି ରେକର୍ଡ ପ୍ରଦର୍ଶନ ସମୟରେ ବିଶେଷଜ୍ଞ ସାକ୍ଷୀ ଭାବେ ସୌମ୍ୟ ରଞ୍ଜନ ଦାସ ଓ ଅନ୍ତର୍ଯ୍ୟାମୀ ବେହେରା, କିକ୍ ପ୍ୟାଡ୍ ସହାୟକ ଭାବେ କୃପାସିନ୍ଧୁ ବାରିକ ଏବଂ ଟାଇମ୍ କିପର୍ ଭାବେ ସନ୍ଦୀପ ପଟ୍ଟନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଚିନଙ୍କ ଏହି ସଫଳତା ପାଇଁ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି ।

# ୪୦୦ସେବା ଦୀପ ଜାଳି ମିଶନଶକ୍ତି ମହିଳା ପାଳିଲେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ



ଖୁଂଟା(ନିପ୍ର): ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ, ଖୁଂଟା ବ୍ଲକ ଅନ୍ତର୍ଗତ ବାସିପିଠା ସ୍ଥିତ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣନରେ ଶତାଧିକ ମହିଳା ମାନେ ଖୁବ ଉତ୍ସାହର ସହିତ, ଚାରି ଶହ ଦୀପ ପ୍ରଜ୍ୱଳନ କରି ପ୍ରଧାନ ମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରିଛନ୍ତି । ମୟୂରଭଞ୍ଜ ଖୁଂଟା ବ୍ଲକ ଶକ୍ତି ସଙ୍ଘର ସମ୍ପାଦିକା ଆନନ୍ଦମହିନି ଚକ୍ରଙ୍କ ସୁଦକ୍ଷ ପରିଚାଳନାରେ ଅନୁଷ୍ଠିତ ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସରେନ ଯୋଗ ଦେବା ସହ ଫିତା କାଟି ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଖୁଂଟା ବ୍ଲକ ବିଡ଼ିଓ ସତ୍ୟଜିତ ରାଉତ, ଆସିଷ୍ଟାଂଟ ଇଞ୍ଜିନିୟର ବିନୟଜ୍ୟୋତି ଲେଙ୍କା, ସି.ଡ଼ି. ପି.ଓ. ସୁଜାତା ବେହେରା, ବି. ପି. ଏମ. ଇତିଶ୍ରୀ ପ୍ରଧାନ, ବାସିପିଠା ପଂଚାୟତ ର ସରପଂଚ ଜୟପାଲ ମାରାଣ୍ଡି , ଖୁଂଟା ବିଜେପି ମଣ୍ଡଳ ସଭାପତି ଛାକୁରାମ ସରେନ, କଂହେଇବନ୍ଧ ମଣ୍ଡଳ ସଭାପତି ଦୁଷ୍ମନ୍ତ କୁମାର ଘୋଷ, ପୂର୍ବ ଜିଲ୍ଲା ଉପ ସଭାପତି ରଞ୍ଜନ କୁମାର ମଢୁଆଳ, ଅଶୋକ ବ୍ରହ୍ମ, ବାହାଦୁର ମହାନ୍ତଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତାମାନେ ଯୋଗଦେଇ, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ସୁସ୍ଥ୍ୟ, ଦୀର୍ଘାୟୁ ଏବଂ ନିରାମୟ ଜୀବନ କାମନା କରିଛନ୍ତି । ମିଶନ ଶକ୍ତି ମହିଳା ମାନେ ଖୁବ ଉତ୍ସାହର ସହିତ ସୁନ୍ଦର ଭାବରେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବ୍ୟାଙ୍କମିତ୍ର ଅନିତା ମହାନ୍ତ, ଏମ. ବି. କେ. ବବିତା ପାତ୍ର ଏବଂ ସମସ୍ତ ଇ. ସି. ସଦସ୍ୟା ମାନେ ରଙ୍ଗୋଲି, ଦୀପ ପ୍ରଜ୍ୱଳନ ସହ ସମସ୍ତ କାର୍ଯ୍ୟ ସମ୍ପାଦନରେ ସହଯୋଗିତା କରିଥିଲେ ।

# ରୋହିବାଙ୍କ ଇକୋକ୍ଲବ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ



ନୟାଗଡ଼(ନିପ୍ର): ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓ ନୟାଗଡ଼ ତଥା ଓଡଗାଁ ବ୍ଲକ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଓଡଗାଁ ବ୍ଲକ ରୋହିବାଙ୍କ ପଂାୟତ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ରୋହିବାଙ୍କ ରେ ଯଶସ୍ୱୀ ପ୍ରଧାନ ମନ୍ତ୍ରୀନରେନ୍ଦ୍ର ମୋଦିଙ୍କ ଙ୍କ ୭୬ ତମ ଜନ୍ମବାର୍ଷିକ ଉପଲକ୍ଷେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ସହକାରୀ ଜଙ୍ଗଲ ସଂରକ୍ଷକ ଡ଼ଃ ସତ୍ୟଜିତ କର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥିଭାବେ ଓଡଗାଁ ବନାଂଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ, ଓଡଗାଁ ବନପାଳ ସରିତା ବରାଳ, ବନପାଳ ଜ୍ୟୋତିର୍ମୟୀ ସାମନ୍ତରାୟ, ଲାଉଖାଳ ବନରକ୍ଷୀ ଦିପ୍ତିମୟୀ ରାଉତ, କୋମଣ୍ଡ ସାଧାନକେନ୍ଦ୍ର ସଂଯୋଜକ ଲଳିତମୋହନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକ ସମସ୍ତଙ୍କୁ ସ୍ୱାଗତ କରି ଥିବାବେଳେ ସମସ୍ତ ଅତିଥି ଓ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ଖେଳପଡିଆରେ ୭୫ ରୁ ଅଧିକ ପିସ୍ତାବାଦାମ, ଗଙ୍ଗଶିଉଳି, ବଉଳ, ବେଲ ନିମ୍ବ ସହିତ ହତା ଭିତରେ ଆତ, ଡାଳିମ୍ବ ପିଜୁଳି ଆଦି ଫଳନ୍ତି ବୃକ୍ଷ ରୋପଣ କରାଯାଇଥିଲା । ବୃକ୍ଷଙ୍କ ସୁରକ୍ଷା ସାଙ୍ଗକୁ ପୂର୍ବରୁ ଲଗାଯାଇ ଥିବାରେ ବୃକ୍ଷରେ ପିଲାଙ୍କ ଦ୍ୱାରା ବନ୍ଧାଯାଇଥିବା ସୁରକ୍ଷା କବଚ ରାଖୀକୁ ଦେଖି ଅତିଥିମାନେ ଖୁସିବ୍ୟକ୍ତ କରିଥିଲେ । ବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସେନାପତି, ସମେତ କୁନି ମହାଲ୍କୁଡ, ଦେବରାଜ ନାୟକ, ମିନାକ୍ଷୀପାତ୍ର ଆଦି ସମସ୍ତ ସଭ୍ୟା ସଭ୍ୟମାନଙ୍କୁ ନିଜ ନିଜ ବାଡ଼ି ବର୍ଗିଚାରେ ତଥା ଖୋଲାସ୍ଥାନରେ ବୃକ୍ଷରୋପଣ କରି ତାର ସୁରକ୍ଷା ସହିତ ନିଜ ପରିବେଶକୁ ପ୍ରାକୃତିକ ଶୀତଳୀ କରଣ କରାଯାଇ ପାରିବ ବୋଲି ମୁଖ୍ୟଅତିଥି ସୂଚନା ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ପ୍ରକୃତିବନ୍ଧୁ ଶିକ୍ଷକ ସନ୍ତୋଷ କୁମାର ସାହୁ ପରିଚାଳନା କରିଥିବାବେଳେ ଶିକ୍ଷକ ସନ୍ତୋଷ ନାହାକ, ସୂର୍ଯ୍ୟମଣୀ ନାୟକ, ଖୋଗେଶ୍ୱର ବେହେରା, ଆଲୋକ ନାୟକ, ବିଶ୍ୱଜିତ ନାୟକ, ରାଧାଗୋବିନ୍ଦ ନାୟକ, ଶିକ୍ଷୟିତ୍ରୀ ଅବନ୍ତୀ ବେହେରା, ବିଜୟଲକ୍ଷ୍ମୀ ଦଳେଇ, ରାଜଲକ୍ଷ୍ମୀ ଶ୍ରୀଚନ୍ଦନ, ପଦ୍ମିନୀ କୁମାରୀ ନାୟକ ସହଯୋଗ କରିଥିଲେ ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର(ନିପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଜାତୀୟ ଆଇନ ସେବା ପ୍ରାଧିକରଣର ଏସିଡ୍ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଆଇନଗତ ସେବା ଯୋଜନା ୨୦୧୬, ପୋକୋସୋ ଅଧିନିୟମ, ପୀଡ଼ିତା କ୍ଷତିପୂରଣ ଯୋଜନା ୨୦୧୭ ଓ ୨୦୧୮ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଜଜ୍ ବିଭୁ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା, ମୁନସିଫ ସଂକେତ ସାମଲ, ପୁଲିସ ଅଧିକାରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ଅତିଥି ପରିଚୟ ପ୍ରଦାନ କରାଇଥିଲେ । ଅତିରିକ୍ତ ଜିଲ୍ଲା ଜଜ୍ ଶ୍ରୀ ପଣ୍ଡା ପୋକୋସୋ ଅଧିନିୟମ ବିଷୟରେ ଆଲୋକପାତ କରାଇବା ସହ ଏସିଡ ଆକ୍ରମଣର ଶିକାର ହେଉଥିବା ପୀଡ଼ିତା ମାନଙ୍କୁ କିପରି ଆଇନ ସେବା ଯୋଗେଇ ଦିଆଯାଇପାରିବ ଏହି ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ ।

**AFFIDAVIT**

By virtue of an affidavit swom before Notary Public, Nilgiri, dated 24.08.2026,
I Gitanjali Mohapatra, aged about 45 years, w/o-Pradeep Kumar Mohapatra vill- Uparadiha, PO.-Upardiha, PS-Berhampur Dist- Baleshwar do hereby Solemnly affirm and stateas follows:-
1. That, I am the deponent of this affidavit.
2. That, my actual name is Gitanjali Mohapatra which is Mentioned in Aadhar card No. 4865 0135 8680. But the above has been mentioned in my PLI Policy No. R-OR-EA-757843 as Gitarani Giri. Giri is my petternal Sumame.
That Gitanjali Mohapatra and Gitarani Giri is one and same person in this locality.
4. That, to declare the above facts.
Hence I swear this affidavit.

**Gitanjali Mohapatra**

# ଅନ୍ଧକାରରେ ୨୬୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ବେତନଟୀ(ନିପ୍ର): ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ଉଦାସୀନତା ଓ ଦୂରଦୃଷ୍ଟିହୀନ ନୀତି ଯୋଗୁଁ ଗ୍ରାମାଂଚଳ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବାକୁ ବସିଛି । ବେତନଟୀ ବ୍ଲକରେ ଥିବା ୧୭ଟି ବ୍ଲକଗ୍ରାଂଟ ହାଇସ୍କୁଲ ମଧ୍ୟରୁ ମାତ୍ର ୭ଟିରେ କେବଳ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଥିବା ବେଳେ ଅଧିକାଂଶ ବିଦ୍ୟାଳୟ ଏବେ ସମ୍ପୂର୍ଣ୍ଣ ଶିକ୍ଷକଶୂନ୍ୟ । ଚଳିତ ୨୦୨୬-୨୭ ଶିକ୍ଷାବର୍ଷରେ ବ୍ଲକର ୨୬୧୧ ଜଣ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଥିବା ବେଳେ ସରକାର କେବଳ ପ୍ରତିଶ୍ରୁତିର କୁହୁକ ଦେଖାଇ ଚୁପ୍ ବସିଛନ୍ତି । ଗ୍ରାମାଂଚଳର ପିଲାଙ୍କୁ ଶିକ୍ଷାଦାନ ଲକ୍ଷ୍ୟରେ ସ୍ଥାନୀୟ ଲୋକଙ୍କ ନିସ୍ୱାର୍ଥପର ଉଦ୍ୟମରେ ଏହି ସ୍କୁଲଗୁଡ଼ିକ ପ୍ରତିଷ୍ଠା ହୋଇଥିଲା । ପରବର୍ତ୍ତୀ ସମୟରେ ସରକାର ଏହାକୁ 'ବ୍ଲକଗ୍ରାଂଟ' ମାନ୍ୟତା ତ ଦେଲେ, ମାତ୍ର ଶିକ୍ଷକମାନଙ୍କୁ ସର୍ବନିମ୍ନ ସରକାରୀ ସୁବିଧା ସୁଯୋଗ କିମ୍ବା ଅବସରକାଳୀନ ପେନସନ ବ୍ୟବସ୍ଥା ଯୋଗାଇ ଦେଲେ ନାହିଁ । ଏବେ ପ୍ରତି ବର୍ଷ କିଛି କିଛି ଶିକ୍ଷକମାନେ ଅବସର ନେଉଥିଲେ ମଧ୍ୟ ସେହି ସ୍ଥାନରେ ନୂତନ ନିଯୁକ୍ତି କରାଯାଉନାହିଁ । ପୂର୍ବଭଳି ସ୍କୁଲ ପରିଚାଳନା କମିଟି ହାତରେ ଶିକ୍ଷକ ନିଯୁକ୍ତିର ଅଧିକାର ନାହିଁ କିମ୍ବା ସରକାର ନିଜେ ଶିକ୍ଷକ ନିଯୁକ୍ତ କରୁନାହାନ୍ତି । ବେତନଟୀ ବ୍ଲକର ବାସ୍ତବ ଚିତ୍ର ଅତ୍ୟନ୍ତ ସଙ୍ଗୀନ । ସୁନାମଧନ୍ୟ ଅଁଳା ପଂଚାୟତ ସ୍ଥିତ ରଘୁନାଥ ଆଦର୍ଶ ହାଇସ୍କୁଲରେ ଛାତ୍ରଛାତ୍ରୀ ସଂଖ୍ୟା ୨୯୩ ଏବଂ ଏଠାରେ ହଷ୍ଟେଲ ମଧ୍ୟ ରହିଛି; ମାତ୍ର ସମଗ୍ର ସ୍କୁଲ କେବଳ ଜଣେ ଗଣିତ, ଜଣେ ବିଜ୍ଞାନ ଓ ଜଣେ ହିନ୍ଦୀ ଶିକ୍ଷକଙ୍କ ଭରସାରେ ଚାଲିଛି । ସେହିପରି ୧୪୫ ଜଣ ପିଲା ଥିବା ଧନପୁର ବ୍ଲକଗ୍ରାଂଟ ହାଇସ୍କୁଲରେ ଆସନ୍ତା ଅକ୍ଟୋବରରୁ ପାଠପଢ଼ା କେବଳ ଜଣେ ଖେଳ ଶିକ୍ଷକଙ୍କ ଦାୟିତ୍ୱରେ ରହିବ । ବେତନଟୀ ଏନଏସି ଅଧୀନ ଆମ୍ବଯୋଡ଼ା ହାଇସ୍କୁଲରେ ଶହେରୁ ଉର୍ଦ୍ଧ୍ୱ ପିଲାଙ୍କ ପାଇଁ କେବଳ ଜଣେ କ୍ରୀଡ଼ା ଶିକ୍ଷକ ଥିବା ବେଳେ ଫଂଚପଲ୍ଲୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ, ତାଲିମପ୍ରାପ୍ତ କଳା ଓ ସଂସ୍କୃତ ଶିକ୍ଷକ ପଦବୀ ଦୀର୍ଘଦିନରୁ ଫାଙ୍କା ପଡ଼ିଛି । ସରକାର ତୁରନ୍ତ ଅତିଥି ଶିକ୍ଷକ ନିଯୁକ୍ତି ଦେବାକୁ ଡିଣ୍ଡିମ ପିଟୁଥିଲେ ହେଁ ତୃଣମୂଳ ସ୍ତରରେ ତାହାର କୌଣସି ପ୍ରଭାବ ଦେଖିବାକୁ ମିଳୁନାହିଁ । ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ ନାଁରେ କୋଟି କୋଟି ଟଙ୍କାର ପ୍ରଚାର ଚାଲିଥିବା ବେଳେ ଗରିବ ଓ ମଧ୍ୟବିତ ପରିବାରର ପିଲା ପଢୁଥିବା ବ୍ଲକଗ୍ରାଂଟ ସ୍କୁଲଗୁଡ଼ିକ ପ୍ରତି ଏପରି ସାବତପୁଅ ମନୋଭାବ ସରକାରଙ୍କ ଦୋମୁହାଁ ନୀତିକୁ ପଦାରେ ପକାଇଛି । ଶ୍ରେଣୀ ଗୃହରେ ଶିକ୍ଷକ ନଥାଇ ଡିଜିଟାଲ୍ ବ୍ୟବସ୍ଥା କିମ୍ବା ଆଦର୍ଶ ସ୍କୁଲର ସ୍ୱପ୍ନ ଦେଖାଇବା ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳିବା ସହ ସମାନ । ବିଭାଗ ଯଦି ତୁରନ୍ତ ଏହି ଖାଲି ପଦବୀଗୁଡ଼ିକରେ ସ୍ଥାୟୀ କିମ୍ବା ଆବଶ୍ୟକୀୟ ଅତିଥି ଶିକ୍ଷକ ନିଯୁକ୍ତି ନକରେ, ତେବେ ଆଗାମୀ ଦିନରେ ଛାତ୍ର ଛାତ୍ରୀ ଓ ଅଭିଭାବକ ରାଜରାସ୍ତାକୁ ଓହ୍ଲାଇବା ସହ ସରକାର ବଡ଼ ଧରଣର ଜନଆକ୍ରୋଶର ଶିକାର ହେବା ନିଶ୍ଚିତ ।

**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj, dated 17.09.2026 I, Laxmipriya Nayak, aged about 36 years, D/o- Harish Ch Nayak, W/o- Susanta Behera, resident of At- Sungadia, Ward No. 20, Po/Ps- Baripada Town, Dist- Mayurbhanj, Pin-757001, Aadhaar No. 4628 3975 6678 declare that I have changed my name from Laxmipriya Behera to Laxmipriya Nayak. Henceforth, I shall be known as Laxmipriya Nayak for all purposes.

**Sd/-**
**Laxmipriya Nayak**





ତୁମେ ନିଜକୁ ରୂପାନ୍ତରିତ କର,
ସମାଜ ସ୍ୱତଃ ପୁନର୍ଗଠିତ ହେବ

# ଆଜିକାଲି



ଯାବାନର୍ଥ ଉଦ୍‌ପାନେ ସର୍ବତଃ ସଂପ୍ଲୁତୋଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ଶିଶୁ ରୋଗରୁ ମୁକ୍ତି ପାଇଁ ସତର୍କତା

ଲଘୁଚାପଜନିତ ବର୍ଷାପାଇଁ ଥଣ୍ଡା ପ୍ରଭାବରୁ ଜ୍ୱର ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇଛି । ଏହି ଜ୍ୱର ଯୋଗୁଁ ବିଶେଷ ଭାବେ ଶିଶୁ ଓ ପିଲାମାନେ ସଂକ୍ରମିତ ହେବା ସହ ଜ୍ୱରରେ ପଡୁଛନ୍ତି । ଏହି ଥଣ୍ଡା ବା ଶର୍ଦି ରୋଗ ଦୁଇଶହ ପ୍ରକାରର ଭୂତାଣୁ ହେତୁ ହୋଇଥାଏ । ସେମାନଙ୍କ ମଧ୍ୟରୁ ରାଇନୋଭାଇରସ୍ ପ୍ରଧାନ । ଇନ୍‌ଫ୍ଲୁଏଞ୍ଜା ଭାଇରସ୍ ମଧ୍ୟ ଏହି ସମୟରେ ଦେଖାଯାଇଥାଏ । ଏହି ଭୂତାଣୁ ନିଶ୍ୱାସ ପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ । ଗେହ୍ଲା କରିବା ଫଳରେ, ଏକା ରୁମାଲରେ ମୁହଁ ପୋଛିବା ଫଳରେ, ଗୋଟିଏ କୋଠରିରେ ରହିବା ଫଳରେ ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଡେଇଁଥାଏ । ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନଥିବାରୁ ଶିଶୁମାନଙ୍କୁ ରୋଗ ଅଧିକ ଦିନ ରହିବା ସହିତ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ । ଥଣ୍ଡା ପରେ ଶ୍ୱାସ, କାନପଚା, ନିଉମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ । ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣିବାହାରେ, କାଶ, ତଂଟିଘା, ଦେହ ହାତ ବ୍ୟଥା ଓ ଭୋକ ହୋଇନଥାଏ ଜ୍ୱର ମଧ୍ୟ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ । ରୋଗ ସଂକ୍ରମଣର ୧୬ଘଂଟା ପରେ ଦେହ ହାତ ବିନ୍ଧା ହୋଇଥାଏ । ଦୁଇଦିନ ପରେ ନାକରୁ ପାଣି ବାହାରି ଛିଙ୍କ କାଶ ହୋଇଥାଏ । ସାତରୁ ଦଶ ଦିନ ମଧ୍ୟରେ ମନକୁ ମନ ରୋଗ ଭଲ ହୋଇଯାଏ । ସମୟ ସମୟରେ କାଶ ୨୧ରୁ ୨୫ ଦିନ ପର୍ଯ୍ୟନ୍ତ ରହିଥାଏ । ଯେହେତୁ ଥଣ୍ଡା ରୋଗଟି ଭୂତାଣୁ ଜନିତ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ । ଜ୍ୱର, ଦେହ ବ୍ୟଥା ପାଇଁ, ଔଷଧ ଦେବା ଉଚିତ । ଭିଟାମିନ ସି ର ବିଶେଷ ଭାବରେ ଉପକାରୀ । ଆଂଟିବାଓଟିକ୍‌ର ବ୍ୟବହାର ଫଳରେ କୌଣସି ଉପକାର ମିଳିନଥାଏ । ଇନ୍‌ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ । ଯାହାକି ଜୀବନପ୍ରତି ବିପଦ ସୃଷ୍ଟି କରିଥାଏ । ଥଣ୍ଡା ଓ ଇନ୍‌ଫ୍ଲୁଏଞ୍ଜାରୁ ରକ୍ଷା ପାଇବା ପାଇଁ ଶିଶୁକୁ ଥଣ୍ଡା ରୋଗୀ ଠାରୁ ଦୂରେଇ ରଖନ୍ତୁ । ତାର ମୁଖରେ ଚୁମା ଦେବା, ଓ ତାର ମୁଖ, ଗାଲ ଇତ୍ୟାଦି ଛୁଇଁବା ଅନୁଚିତ, ମାଙ୍କୁ ଥଣ୍ଡା ହୋଇଥିଲେ ମା' ମାସ୍କ ବ୍ୟବହାର କରିବା ଉଚିତ । ଅବଶ୍ୟ ମାର କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରକୋପ ବୃଦ୍ଧି ହୋଇଥାଏ । ଔଷଧ ଛଡ଼ା ମଶାରୀର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ବ୍ୟବହାର ମ୍ୟାଲେରିଆରୁ ରକ୍ଷା କରିଥାଏ । ମଶା ଧୂପ, ଓ ଲିକ୍ୟୁଏଡଟର ମଶାକ୍ରିମ ଓ ତେଲ ମଧ୍ୟ ବ୍ୟବହାର କରାଯାଇପାରେ । ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ । ଏହାଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମୀ ରୋଗ, ଟାଇଫଏଡ୍, ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ । ବର୍ଷା ଋତୁରେ ଶିଶୁମାନଙ୍କ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଅତି ଦରକାର । ନିଜର ହାତ, ବାସନକୁସନ, ସାବୁନ ଦ୍ୱାରା ସଫା କରିବା ଉଚିତ । ବର୍ଷାରେ ଓଦା ହେବା ପରେ କିମ୍ବା ବାହାର ନର୍ଦ୍ଦମା ପାଣି ମଧ୍ୟରେ ଓଦା ହୋଇ ଆସିବାପରେ, ସଫା ହୋଇ ଗାଧୋଇବା ସଫାସୁତୁରା ରହିବା ଦରକାର, ଖାଇବାକୁ ଦେବା ପୂର୍ବରୁ ଗରମ ପାଣିରେ ବାସନ ଧୋଇବା ଉଚିତ । ମାଛି ପ୍ରତି ସତର୍କତା ଗ୍ରହଣ କରିବା ଉଚିତ । ମଶାରୀ ବ୍ୟବହାର, ଫୁଟା ପାଣି ବ୍ୟବହାର କରିବା ଜରୁରୀ । ସବୁଜ ପନିପରିବା ଖାଇବା ଓ ଅଧିକ ବିଶୁଦ୍ଧ ଜଳ ପାନ କରିବା ଉଚିତ ।

# ଓଡ଼ିଶାରେ ମୈତ୍ରୀ ଆନ୍ଦୋଳନ: ଏକ ବିହଙ୍ଗାବଲୋକ

◆ ବିଜୟ କୁମାର ପଢ଼ିହାରୀ

ଦ୍ୱିତୀୟ ମହାଯୁଦ୍ଧର ଘନଘଟା । ହିଟଲରର ନାଜିବାହିନୀ ସୋଭିଏତ୍ ୟୁନିଅନ୍ ଉପରେ ଆକ୍ରମଣ କରିଛି । ସୋଭିଏତ୍ ୟୁନିଅନ୍ ନୂଆ ସାମାଜବାଦୀ ଦେଶ ଗଢିବାରେ ଆଗେଇ ଚାଲିଥିବା ବେଳେ, ହଠାତ ହିଟଲରର ଏହି ବର୍ବରୋଚିତ ଆକ୍ରମଣ । ନାଜିବାହିନୀର ଆକ୍ରମଣରେ ହଜାର ହଜାର ମୃତ ଓ ଆହତ ହୋଇଥିଲେ । ସାରା ବିଶ୍ୱରେ ହିଟଲରର କାର୍ଯ୍ୟକୁ ନିନ୍ଦା କରି ସୋଭିଏତ୍ ୟୁନିଅନ ସପକ୍ଷରେ ଜନମତ ସୃଷ୍ଟି ହେଲା । ସୋଭିଏତ୍ ବାହିନୀକୁ ସକଳ ପ୍ରକାର ସାହାଯ୍ୟ, ସମର୍ଥନ ଓ ସଂହତି ପ୍ରଦାନ କରିବାକୁ ଆଗେଇ ଆସିଲେ ବିଶ୍ୱବାସୀ । ଭାରତ ଅବା କାହିଁକି ପଛରେ ପଡ଼ିବ । କଲିକତା ମହାନଗରୀରେ ଏକଜୁଟ୍ ହେଲେ ସ୍ୱାଧୀନଚେତା ଯୁବକମାନେ । ଗଠିତ ହେଲା 'Friends of Soviet Union' (FSU) ବା ସୋଭିଏତ୍ ସୁହୃଦ୍ ସଂଘ । ଏହାର ନେତୃତ୍ୱ ନେଲେ ଭୂପେନ୍ଦ୍ରନାଥ ଦତ, ଜ୍ୟୋତି ବସୁ ଓ ଅଧ୍ୟାପକ ହିରେନ୍ ମୁଖାର୍ଜୀ । ସଂହତି ଜଣାଇଲେ ସୋଭିଏତ୍ ଜନସାଧାରଣଙ୍କୁ 'ହେ, ସୋଭିଏତ୍ ବାସୀ ଆଗେଇ ଚାଲ, ଡର ନାହିଁ । ଏହି ଚରମ ଅସୁବିଧା ବେଳେ ଆମେ ତୁମ ସହିତ ଅଛୁ' । ଏହି ବାର୍ତା ଖେଳିଗଲା ଭାରତ ବର୍ଷ ସାରା । ଭାରତର ବିଭିନ୍ନ ନଗରୀରେ ଗଠିତ ହେଲା ଫସୁ । ବିଶ୍ୱକବି ରବିନ୍ଦ୍ରନାଥ ଠାକୁର ଓ ଜବାହରଲାଲ ନେହେରୁ ସମର୍ଥନ କରି ଶୁଭେଚ୍ଛା ବାର୍ତା ପଠାଇଲେ । ଓଡ଼ିଶାରେ ମଧ୍ୟ ପ୍ରତିଫଳିତ ହେଲା ଏହି ବାର୍ତା । କଲିକତା ମହାନଗରୀରେ ସଂଗଠିତ ହୋଇଥିବା ପ୍ରଥମ ସମ୍ମିଳନୀରେ ଯୋଗ ଦେଇଥିଲେ ବିଶିଷ୍ଟ ଚାଷୀ ନେତା ସାଧୁ ଚରଣ ମହାନ୍ତି, କବି ଅନନ୍ତ ପଟ୍ଟନାୟକ, ବାମପନ୍ଥୀ ଆଇନଜୀବୀ ବିଶ୍ୱନାଥ ପଶାୟତ, ଶରତ ପଟ୍ଟନାୟକ, ଶଶୀଭୂଷଣ ପଟ୍ଟନାୟକ ପ୍ରମୁଖ । କେତେକ ଯୁବକ ଏକଜୁଟ୍ ହୋଇ ଓଡ଼ିଶାରେ ଗଠନ କଲେ ଫସୁ । ସୋଭିଏତ୍ ସପକ୍ଷରେ ସଭା ଓ ସମାବେଶ ମାନ କଲେ । ତାହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସହରରେ ଗଠିତ ହେଲା FSU । ବିଶ୍ୱ ମହାଯୁଦ୍ଧ ସରିଆସୁଥାଏ । ହଠାତ୍ ନିଜର ଶକ୍ତି ପ୍ରଦର୍ଶନ କରିବାପାଇଁ ଆମେରିକା ଜାପାନର ହିରୋସିମା ଓ ନାଗାସାକି ଉପରେ ବୋମା ନିକ୍ଷେପ କଲା । ପୋଡ଼ିଜଳି ଧ୍ୱଂସ ହୋଇଗଲା ଦୁଇଟି ସହର । ସମଗ୍ର ବିଶ୍ୱ ସ୍ତବ୍ଧ ହୋଇଗଲା ତାର ପ୍ରତିବାଦରେ । କଟକ ମହାନଗରୀରେ ସଭା ଆୟୋଜିତ ହେଲା । ପ୍ରଗତିଶୀଳ କବିମାନେ ଲେଖିଲେ କବିତା ଓ ଗାଇଲେ ଯୁଦ୍ଧ ବିରୋଧୀ ସଙ୍ଗୀତ । ଶାନ୍ତି କପୋତ ଆମ, ଯାଆରେ ଉଡ଼ି ଉଡ଼ି ଯାଆରେ , ମରଣର ସୁଅ ଠେଲି, ଜୀବନର ରାହାରେ ଯାଆରେ । ଦେଶେ ଦେଶେ ବୁଲିବୁଲି, ଶାନ୍ତିର ଗୀତକୁ ଗାଆରେ, ଯେ ମଥା ଯେ ହାତ ବହେ, ପରମାଣୁ କିରତୀ , ପରମାଣୁ କୋପାନଳୁଁ, ଯିବ ସେ କି ବିରତି, ଶାନ୍ତିର କପୋତ ତୁ ... (ଅନନ୍ତ ପଟ୍ଟନାୟକ) ସୋଭିଏତ୍ ୟୁନିଅନ୍ ସହ ବନ୍ଧୁତା ଆହୁରି ଦୃଢ଼ୀଭୂତ ହେଲା । ୧୯୫୨ ମସିହାରେ ଡ଼ ବାଲିଗାଁ ଓ କେ.ପି.ଏଏସ ମେନନଙ୍କ ନେତୃତ୍ୱରେ ଗଠିତ ହେଲା ଭାରତ-ସୋଭିଏତ୍ ସାଂସ୍କୃତିକ ସମିତି (ISCUS) । ଓଝଉଟଝକୁ ଆମ ମୈତ୍ରୀ ଆନ୍ଦୋଳନର ସୁବର୍ଣ୍ଣ ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାରେ ଗଠିତ ହେଲା ISCUS । ୧୯୬୪ ମସିହାରେ ଏହାର ପ୍ରଥମ ରାଜ୍ୟ ସମ୍ମିଳନୀ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେଲା । ଏହାକୁ ଉଦ୍‌ଘାଟନ କରିଥିଲେ ନୀଳମଣି ରାଉତରାୟ । ଉକ୍ତ ସମ୍ମିଳନୀରେ ଭୈରବ ଚନ୍ଦ୍ର ମହାନ୍ତି-ସଭାପତି, ରାମଚନ୍ଦ୍ର ରାମ ଓ ସୁବୋଧ ବିଶ୍ୱାସ - ସାଧାରଣ ସମ୍ପାଦକ ଏବଂ ନନ୍ଦ କିଶୋର ପଟ୍ଟନାୟକ ଓ ଗିରିଜା ଭୂଷଣ ପଟ୍ଟନାୟକ- ସମ୍ପାଦକ ଭାବରେ ନିର୍ବାଚିତ ହେଲେ । ସେହି ଦିନଠାରୁ ଓଝଉଟଝ ସଂଗଠନ ସାରା ରାଜ୍ୟରେ ଗଠିତ ହେଲା । ସମ୍ମିଳନୀ ପରେ ସମ୍ମିଳନୀ ହେଲା । ଭାରତ ସୋଭିଏତ୍ ମଧ୍ୟରେ ପ୍ରଥମ ମୈତ୍ରୀ ଚୁକ୍ତି । ଭାରତ ସୋଭିଏତ୍ ମଧ୍ୟରେ ପ୍ରଥମ ମୈତ୍ରୀ ଚୁକ୍ତି ୧୯୬୬ ମସିହା ନଭେମ୍ବର ୬ ତାରିଖ ଦିନ କଟକ ବାରବାଟୀ ଷ୍ଟାଡିୟମରେ ସ୍ୱାକ୍ଷରିତ ହେଲା । କେ.ପି.ଏସ୍ ମେନନ୍, ସୋଭିଏତ୍ ରାଷ୍ଟ୍ରଦୂତ ସ୍ୱର୍ଣ୍ଣାଭ ଓ ଅଧ୍ୟାପକ ଚେଲିଶେଭଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହେଲା । ସେହି ଦିନଠାରୁ ଦୁଇ ଦେଶ ମଧ୍ୟରେ ପ୍ରତିନିଧି ବିନିମୟ ଆରମ୍ଭ ହେଲା । ଶହ ଶହ ଭାରତୀୟ ରୁଷିଆ ଗଲେ ଓ ସେହିପରି ରୁଷ ପ୍ରତିନିଧିମାନେ ଭାରତ ଆସିଲେ । ଓଡ଼ିଶାକୁ ଆସିଲେ ପ୍ରଥମ ମହିଳା ମହାକାଶଚାରୀ ଭାଲେଂଟିନା ତେରେସ୍କୋଭା । ରୁଷୀୟ ବାର୍ଲେ ନୃତ୍ୟ ଦଳ, ଫୁଟବଲ ଖେଳାଳୀ, ଅନେକ ବୈଜ୍ଞାନିକ ଓ ସାହିତ୍ୟିକ । ସେହିପରି ଓଡ଼ିଶାର ବହୁ ପ୍ରତିନିଧି ରୁଷିଆ ଭ୍ରମଣରେ ଗଲେ । ଜାନକୀ ବଲ୍ଲଭ ପଟ୍ଟନାୟକ ଓଝଉଟଝ ର ପ୍ରଥମ ପ୍ରତିନିଧି ହୋଇ ରୁଷିଆ ପରିଦର୍ଶନରେ ଯାଇଥିଲେ । ବହୁ ଛାତ୍ର ରୁଷିଆରେ ପାଠ ପଢ଼ି ଡାକ୍ତର, ଇଞ୍ଜିନିୟର ହେଲେ । ଓଝଉଟଝ ପକ୍ଷରୁ ଆଲମାସ ଅଲ୍ଲୀ ପ୍ରଥମ ଛାତ୍ର ଭାବେ ଡାକ୍ତରୀ ପଢ଼ିବା ପାଇଁ ରୁଷିଆ ଯାଇଥିଲେ, ସେ ହେଉଛନ୍ତି ବ୍ରହ୍ମପୁରର ଡାକ୍ତର ଫିରୋଜ ଅଲ୍ଲୀଙ୍କ ପୁତ୍ର ଓ ତତ୍କାଳୀନ ଚିଫ୍ ଇଞ୍ଜିନିୟର ମମତାଜ୍ ଅଲ୍ଲୀଙ୍କ ଜ୍ୱାଇଁ । ଓଡ଼ିଶାରେ ମୈତ୍ରୀ ଆନ୍ଦୋଳନ ଆଗେଇ ଚାଲିଲା । ବାରବାଟୀ ଷ୍ଟାଡିୟମରେ ତାର କାର୍ଯ୍ୟାଳୟ ଚଳଚଂଚଳ ହୋଇ ଉଠିଲା । ପ୍ରତିଷ୍ଠିତ ହେଲା ରୁଷ ଭାଷା ଶିକ୍ଷାକେନ୍ଦ୍ର, ବାରବାଟୀ ଫିଲ୍ମ କ୍ଲବ, ପାଠାଗାର ଓ ପୋଲିଓ ଔଷଧ ବିତରଣ କେନ୍ଦ୍ର । ଅନେକ ସଭା ସମିତି ଓ ଆଲୋଚନା ଚକ୍ର ISCUS ପକ୍ଷରୁ ଆୟୋଜନ କରାଗଲା । ବିଭିନ୍ନ ସାହିତ୍ୟିକ, କବି, ଅଧ୍ୟାପକ ଓ ରାଜନେତା ଏଥିରେ ଯୋଗଦେଲେ । ସଂଗୀତଜ୍ଞ ସୁନନ୍ଦା ପଟ୍ଟନାୟକ, ପ୍ରଫୁଲ୍ଲ କର ଓ ଓଡିଶୀ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀଙ୍କୁ ସୋଭିଏତ ୟୁନିଅନ ପଠାଗଲା ସେହିପରି ସୋଭିଏତ ନୃତ୍ୟଶିଳ୍ପୀ ମାନେ ଓଡିଶା ଆସିଲେ । ସବୁକ୍ଷେତ୍ରରେ ଦୁଇଦେଶ ମଧ୍ୟରେ ପ୍ରତିନିଧି ଆଦାନପ୍ରଦାନ ଓ ଭାବବିନିମୟ ଚାଲିଲା । ISCUS ପକ୍ଷରୁ ୧୯୬୯ ମସିହା ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଶତବାର୍ଷିକୀ ଉତ୍ସବ କଟକ ବାରବାଟୀ ଷ୍ଟାଡିୟମରେ ପାଳିତ ହୋଇଗଲା । ଏଥିରେ ବହୁ ସର୍ବ ଭାରତୀୟ ନେତା, ବିଶେଷ କରି ଜର୍ମାନୀର ହରବଚ ଫିଶର ଏଥିରେ ଯୋଗ ଦେଇଥିଲେ । ସେହିପରି ୧୯୭୦ ଅପ୍ରେଲ ୨୨ ତାରିଖଠାରୁ ତିନି ଦିନ ଧରି ଲେନିନ୍ ଶତବାର୍ଷିକୀ ଉତ୍ସବ ପାଳନ କରାଯାଇଥିଲା । ଏହା ଥିଲା ଏକ ଐତିହାସିକ ଘଟଣା । ଭାରତ ବର୍ଷ ତଥା ସୋଭିଏତ୍ ୟୁନିଅନର ବହୁ ରାଜନେତା, ବୁଦ୍ଧିଜୀବୀ ଓ ସମାଜ ବିଜ୍ଞାନୀ ଉକ୍ତ ଉତ୍ସବରେ ଭାଗ ନେଇଥିଲେ । ୧୯୭୦ ମସିହାରେ ପ୍ରକାଶ ପାଇଲା ଶାନ୍ତିମୈତ୍ରୀ ଆନ୍ଦୋଳନର ମୁଖପତ୍ର 'ଦୋସ୍ତି' । ଏହାର ସମ୍ପାଦକ ହେଲେ ଶରତ ପଟ୍ଟନାୟକ । ବହୁ ବିଦ୍ୱାନ, କବି, ରାଜନେତା ଓ ଅଧ୍ୟାପକଙ୍କ ଲେଖାରେ ସମୃଦ୍ଧ ହେଉଥିଲା ଉକ୍ତ ପତ୍ରିକା । ଶୈଳ ବେହେରା, ଆହବାନନ୍ଦ ମହାନ୍ତି, ହୁସେନ୍ ରବି ଗାନ୍ଧୀ, ବିଜୟଲକ୍ଷ୍ମୀ ସାହୁ, କଲ୍ୟାଣ ମହାପାତ୍ର, ଲକ୍ଷ୍ମୀନାରାୟଣ ରାୟସିଂହ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଗୌରହରି ଦାସ, ବିଜୟ ବର୍ଦ୍ଧନ ପଟ୍ଟନାୟକ, ବିଜୟ କୁମାର ପଢ଼ିହାରୀ, ବିଜୟ ଶତପଥୀ, ଚିତରଞ୍ଜନ ଦାସ, ନନ୍ଦ କିଶୋର ପାଣିଗ୍ରାହୀ, ଗୁରୁ ଚରଣ ପଟ୍ଟନାୟକ, କାଳନ୍ଦୀ ଚରଣ ପାଣିଗ୍ରାହୀ, ଅଧ୍ୟାପକ ରାଧାନାଥ ରଥ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ, ଅଧ୍ୟାପକ ଭଗବାନ ଜେନା, ଡକ୍ଟର ସଦାଶିବ ମିଶ୍ର, ଅବନୀ ବରାଳ, ଅନନ୍ତ ପଟ୍ଟନାୟକ, ବୈକୁଣ୍ଠନାଥ ପଟ୍ଟନାୟକ, କବି ସଚ୍ଚି ରାଉତରାୟ, ପଠାଣି ପଟ୍ଟନାୟକ, ଗୋପୀନାଥ ମହାନ୍ତି, ବିନୋଦ କାନୁନଗୋ, ଡକ୍ଟର ଗୋପାଳ ମିଶ୍ର, ଅନ୍ନଦା ପ୍ରସାଦ ରାୟ ଓ ବାଞ୍ଛାନିଧି ଦାସ ପ୍ରମୁଖଙ୍କ ଲେଖାରେ ସମୃଦ୍ଧ ହେଉଥିଲା 'ଦୋସ୍ତି' । ଧୀରେଧୀରେ ଆମ ରାଜ୍ୟରେ ଏହି ମୈତ୍ରୀ ଆନ୍ଦୋଳନ ଓଡ଼ିଶାର ଲୋକପ୍ରିୟ ହେବାକୁ ଲାଗିଲା । ଏହା ସହିତ ଓଡ଼ିଶାର ଅନେକ ମୁଖ୍ୟମନ୍ତ୍ରୀ ମଧ୍ୟ ସାମିଲ ହେଲେ । ହରେକୃଷ୍ଣ ମହତାବ , ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟ, ବିନାୟକ ଆଚାର୍ଯ୍ୟ, ସଦାଶିବ ତ୍ରିପାଠୀ, ଜାନକୀ ବଲ୍ଲଭ ପଟ୍ଟନାୟକ, ନନ୍ଦିନୀ ଶତପଥୀ ଓ ନବୀନ ପଟ୍ଟନାୟକଙ୍କ ସାହାଯ୍ୟ ଓ ସହଯୋଗ ଅବିସ୍ମରଣୀୟ । ଓଡ଼ିଶାରେ 'ଭାରତ-ସୋଭିଏତ୍ ସାଂସ୍କୃତିକ ସମିତି କାର୍ଯ୍ୟକାଳକୁ ଆମେ ଯଦି ଏକ ସୁବର୍ଣ୍ଣ ଯୁଗ ଆଖ୍ୟା ଦେବା ଅତ୍ୟୁକ୍ତି ହେବ ନାହିଁ । ଏହାକୁ ଲକ୍ଷ କରି ସେତେବେଳେ ପ୍ରସିଦ୍ଧ ସଙ୍ଗୀତଜ୍ଞ ପ୍ରଫୁଲ୍ଲ କର ଉଦାତ କାନ୍ଥରେ ଗାଇଥିଲେ - ଏ ହାତରେ ଲାଲ ଝଣ୍ଡା, ସେ ହାତରେ ତିରଙ୍ଗା, ବୋଲ ଭାଇ, ହିନ୍ଦି ରୁଷି ଭାଇ ଭାଇ । ୧୯୯୩ ମସିହାରେ ସୋଭିଏତ୍ ୟୁନିଅନର ବିଘଟନ ପରେ ଆମ ସଂଗଠନର ନାମ ପରିବର୍ତନ କରାଗଲା । ଭାରତ ସୋଭିଏତ୍ ସାଂସ୍କୃତିକ ସମିତି ବଦଳରେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ଗଠନ କରାଗଲା, ISCUS ବଦଳରେ ISCUF ହେଲା । ୧୯୯୩ ମସିହା ଅକ୍ଟୋବର ୨ ଓ ୩ ତାରିଖରେ ଚଣ୍ଡିଗଡ଼ଠାରେ ହୋଇଥିବା ISCUS ର ଜାତୀୟ ସମ୍ମିଳନୀରେ ସମ୍ବିଧାନ ସଂଶୋଧନ କରାଯାଇ ସଂଗଠନର ନାମ Indian Society for Cultural Co-operation and Friendship (ISCUF) ରଖାଗଲା । ସେହିପରି ଓଡ଼ିଶାରେ ୧୯୯୪ ମସିହା ଅପ୍ରେଲ ୨୩ ଓ ୨୪ ତାରିଖରେ କଟକରେ ଅନୁଷ୍ଠିତ ହୋଇଥିଲା ଓଝଉଟର ର ପ୍ରଥମ ରାଜ୍ୟ ସମ୍ମିଳନୀ । ପୂର୍ବରୁ ଆମର ସମ୍ପର୍କ କେବଳ ସୋଭିଏତ୍ ୟୁନିଅନ ସହ ଥିଲା । ମାତ୍ର ଓଝଉଟର ଗଠନ ହେବା ପରେ ଏହି ମୈତ୍ରୀ ଆନ୍ଦୋଳନ ପରିବ୍ୟାପ୍ତ ହେଲା । ରୁଷିଆ ସହିତ ଦୁନିଆର ବିଭିନ୍ନ ସମାଜବାଦୀ , ଗଣତାନ୍ତ୍ରିକ ଓ ଶାନ୍ତିକାମୀ ଦେଶ ମାନଙ୍କ ସହ ଆମର ବନ୍ଧୁତ୍ୱ ବୃଦ୍ଧି ପାଇଥିଲା । ଚୀନ, ଭିଏତନାମ,ଲାଓସ, କ୍ୟୁବା, ନେପାଳ ଓ ଶ୍ରୀଲଙ୍କା ଆଦି ଦେଶର ମୈତ୍ରୀ ସଂଗଠନ ମାନଙ୍କ ସହ ମୈତ୍ରୀ ଚୁକ୍ତି ସମ୍ପାଦିତ ହେଲା । ଆମର ବର୍ତମାନ ଦୁଇଟି ଲକ୍ଷ୍ୟ, ପ୍ରଥମ ଲକ୍ଷ୍ୟ - ଆନ୍ତର୍ଜାତୀୟ ବନ୍ଧୁତା ଓ ବିଶ୍ୱ ଶାନ୍ତି । ଦ୍ୱିତୀୟ ଲକ୍ଷ୍ୟ ହେଲା- ଭାରତବର୍ଷର ଅଖଣ୍ଡତା ଓ ବିବିଧତା ମଧ୍ୟରେ ଏକତା ସଂସ୍କୃତିର ସୁରକ୍ଷା କରିବା । ସଭାପତି ଭୈରବ ଚନ୍ଦ୍ର ମହାନ୍ତି, ନନ୍ଦକିଶୋର ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ, ଗୁରୁଚରଣ ପଟ୍ଟନାୟକ, ଅନନ୍ତ ପଟ୍ଟନାୟକ, ରାଧାନାଥ ରଥ, ଦ୍ୱାରିକା ମୋହନ ମିଶ୍ର, ଅନ୍ନଦା ପ୍ରସାଦ ରାୟ, ଅବନୀ କୁମାର ବରାଳ, ଶ୍ରୀବଲ୍ଲଭ ପାଣିଗ୍ରାହୀ, ଭାଗବତ ପ୍ରସାଦ ନନ୍ଦ, ବିଶ୍ୱନାଥ ସାହୁ, ରାଜେନ୍ଦ୍ର ପ୍ରସାଦ ସିଂ, ମନୋରମା ମହାପାତ୍ର, ଶଶି ଭୂଷଣ ବେହେରା, ପ୍ରଫେସର ଦୁର୍ଗା ପ୍ରସାଦ ନାୟକ, ଡକ୍ଟର ସତ୍ୟକାନ୍ତ ଦାସ, ଡକ୍ଟର ନିରୁପମା ରଥ, ଡକ୍ଟର ପ୍ରଭାତ କୁମାର ମିଶ୍ର, ଡକ୍ଟର ସୂର୍ଯ୍ୟକାନ୍ତ ଦାସ, ଡକ୍ଟର ନିରୁପମା ରଥ, ଡକ୍ଟର ପ୍ରଭାତ କୁମାର ମିଶ୍ର,ଡକ୍ଟର ପ୍ରଫୁଲ୍ଲ କୁମାର ପତି, ବିଚିତ୍ରାନନ୍ଦ ମହାନ୍ତି, ଦୁର୍ଗାଶଙ୍କର ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ଜଗନ୍ନାଥ ପଟ୍ଟନାୟକ, ଆଶୀର୍ବାଦ ବେହେରା, ସନ୍ତୋଷ କୁମାର ସାହୁ, ମନୋରଞ୍ଜନ ମହାନ୍ତି, ମାନସ ବେହେରା, ଗୋକୁଳ ଚନ୍ଦ୍ର ପଣ୍ଡା ଓ ବିଜୟ କୁମାର ପଢ଼ିହାରୀ, ବିବେକାନନ୍ଦ ଦାଶ, ଶମ୍ଭୁନାଥ ମହାନ୍ତି, ଅମରେଶ ପଟ୍ଟନାୟକ ଓ ଅମରେନ୍ଦ୍ର ମହାନ୍ତି - ସଭାପତି । ସାଧାରଣ ସମ୍ପାଦକ ରାମଚନ୍ଦ୍ର ରାମ, ସୁବୋଧ ବିଶ୍ୱାସ, ନନ୍ଦ କିଶୋର ପଟ୍ଟନାୟକ, ଗିରିଜା ଭୂଷଣ ପଟ୍ଟନାୟକ, ଘନଶ୍ୟାମ ପଟ୍ଟନାୟକ, ଅଶୋକ ବିଶି, ଗୋବର୍ଦ୍ଧନ ପୂଜାରୀ, ବିଜୟ କୁମାର ପଢ଼ିହାରୀ, ଯଦୁ ନନ୍ଦନ ପଣ୍ଡା, ବିଜୟ କୁମାର ନାୟକ, ଗୋକୁଳ ଚନ୍ଦ୍ର ପଣ୍ଡା, ମନ୍ଦାକିନୀ ପାଣିଗ୍ରାହୀ, ବିନୟ ମହାପାତ୍ର, ଏମ ମନ୍ମଥ ରାଓ, ନିଶୀଥିନି ଦାଶ, ସୁରେଶ୍ୱର ମିଶ୍ର, ସଦାନନ୍ଦ ସାହୁ, ହରିପ୍ରସାଦ ରଥ, ବିଜୟ କୁମାର ମହାନ୍ତି, ଜାନକୀ ବଲ୍ଲଭ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ବିଷ୍ଣୁ ଚରଣ ମୁଦୁଲି ପ୍ରମୁଖ ବିଭିନ୍ନ ସମୟରେ ଓଡ଼ିଶାର ମୈତ୍ରୀ ଆନ୍ଦୋଳନର ନେତୃତ୍ୱ ନେଇ ଆସିଛନ୍ତି । ଚଳିତ ବର୍ଷ ଆମେ ମୈତ୍ରୀ ଆନ୍ଦୋଳନର ୮୫ତମ ପ୍ରତିଷ୍ଠା ବର୍ଷ ପାଳନ କରୁଛୁ । ଏହି ଅବସରରେ ଆସନ୍ତୁ : ଏକ ମନ ଏକ ପ୍ରାଣ ହୋଇ ମୈତ୍ରୀର ସଂଗୀତ ଗାଇ ଗାଇ ଆମ ସଙ୍ଗଠନକୁ ଦୃଢ଼ କରିବା ।

ବିଶ୍ୱ ମୈତ୍ରୀ - ଜିନ୍ଦାବାଦ,
ଇସକଫ - ଜିନ୍ଦାବାଦ
ଅଭିନନ୍ଦନ ସହ

*ସର୍ବ ଭାରତୀୟ ସାଧାରଣ*
*ସମ୍ପାଦକ-ଇସକଫ*

# ରୋଷେଇବାସ



- ଚିଙ୍ଗୁଡ଼ି ମାଛର କାତି ଛଡ଼ାଇବା କଷ୍ଟ, ଯଦି ତାକୁ ଉଷୁମ ପାଣିରେ କିଛି ସମୟ ପକାଇଲେ, ତା'ହେଲେ କାତି ଛାଡ଼ିବା ସହଜ ହେବ ।
- ଛତୁ ତରକାରୀ ରାନ୍ଧିଲା ବେଳେ ସେଥିରେ କିଛି ବଟର ଓ ୧ଚାମଚ ଲେମ୍ବୁ ରସ ମିଶାଇ ଦିଅନ୍ତୁ । ଦେଖିବେ ଚତୁର ରଙ୍ଗ ଧଳା ରହିବା ସହ ସ୍ୱାଦବି ବଢ଼ିଯିବ ।
- ଅଧିକ ପରିବା ରାନ୍ଧିବାକୁ ଥିଲେ ଏବଂ ତାକୁ ମସଲା ଦେଇ କଷୁଥିଲେ, ପ୍ରଥମେ ରାନ୍ଧିବା ପାତ୍ରରେ କିଛି ଲୁଣ ଭାଜି ଦିଅନ୍ତୁ । ତା'ପରେ ତେଲ ଗରମ କରି ମସଲା କଷିଲେ ପରିବା ଲାଗିଯାଇ ପୋଡ଼ିଯାଏ ନାହିଁ ।
- ଅଭଙ୍ଗା ଓ ପରିଷ୍କାର ଦୋଷା କରିବାକୁ ଥିଲେ ପ୍ରତ୍ୟେକଥର ତାୱାରେ ତେଲ କନା ଘଷି ଲୁଣ ପାଣି ଛିଂଚି ଦିଅନ୍ତୁ ।
- ଛତୁ ରାନ୍ଧିବା ସମୟରେ ବ୍ୟଞ୍ଜନରେ ୨ ଚାମଚ ଗରମ କ୍ଷୀର ମିଶାନ୍ତୁ । ଏପରି କଲେ ବ୍ୟଞ୍ଜନରେ ଛତୁ କଳା ପଡ଼ିବନାହିଁ ।
- କ୍ଷୀର ପ୍ୟାକେଟ୍‌ରୁ କ୍ଷୀର ବ୍ୟବହାର କରିସାରିବା ପରେ ବଳକା ଚକଟା ଅଟାକୁ ତା' ମଧ୍ୟରେ ରଖି ଫ୍ରିଜ୍‌ରେ ରଖନ୍ତୁ । ଅଟା ଚକଟା ନରମ ରହିବ ।
- ଘରେ ପାମ୍ପଡ଼ ତିଆରି କଲାବେଳେ ଚକଟା ମିଶ୍ରଣକୁ ତେଲ ପରିବର୍ତେ ଘିଅ ଲଗାଇ ବେଲନ୍ତୁ, ଏହାଦ୍ୱାରା ପାମ୍ପଡ଼ କଳା ପଡ଼ିବ ନାହିଁ ।
- ମହମବତୀକୁ ଅଧିକ ସମୟ ଓ ଅଧିକ ଉଜ୍ଜ୍ୱଳ କରି ଜଳାଇବାକୁ ଚାହାଁନ୍ତି କି ? ତେବେ ଜଳାଇବା ପୂର୍ବରୁ ମହମବତୀର ବଳିତାରେ ଅଳ୍ପ ଲୁଣ ଘଷି ଦିଅନ୍ତୁ ।
- ଯଦି ତରକାରୀ ବା ଡାଲିରେ ଅଧିକ ଲଙ୍କା ପଡ଼ିଯାଉଥାଏ, ତେବେ ସେଥିରେ ଟମାଟୋ ସସ୍ ପକାନ୍ତୁ ରାଗ କମିଯିବ ।
- ପାଳଙ୍ଗ ଶାଗ ତଥା ଅନ୍ୟ ଜାତୀୟ ଶାଗକୁ ଫ୍ରିଜ୍‌ରେ ରଖିଥିଲେ, ତାହା ପଲିଥିନ୍‌ରେ ଗୋଡ଼ାଇ ରଖନ୍ତୁ, ଯେମିତି ତାହାର ମୂଳ ଦିଶୁଥିବ । ଯାହାଫଳରେ ଶାଗ ଦୁଇତିନିଦିନ ପର୍ଯ୍ୟନ୍ତ ସତେଜ ରହିଥାଏ ।

+++

# କହିଲେ କହିବ କହୁଛି

ତ୍ରିଯ୍ୟକ

ପ୍ରତ୍ୟେକ ପିଲାମାନଙ୍କ ପାଇଁ ତାଙ୍କ ବାପା-ମାଆ ହିଁ ସବୁଠାରୁ ନିଜର । ପିଲାମାନଙ୍କ ଭବିଷ୍ୟତ କିପରି ଉନ୍ନତ ହେବ, ସୁ-ଶିକ୍ଷା, ସୁ-ଦୀକ୍ଷା ସହ ଜଣେ ସୁ ମଣିଷ ଭାବେ ଏ ବିଶ୍ୱଦରବାରରେ ପ୍ରତିଷ୍ଠିତ ହେବେ ଏଇ ଚିନ୍ତା ହିଁ ପ୍ରତ୍ୟେକ ବାପା- ମାଆ ଭାବି ଥାଆନ୍ତି ଏବଂ ସେଇ ଅନୁସାରେ ସେମାନଙ୍କୁ ସୁଶିକ୍ଷା, ନୀତି, ଆଦର୍ଶ, ଏବଂ ଉପଦେଶ ମାଧ୍ୟମରେ ଛୋଟରୁ ବଡ଼ କରିଥାଆନ୍ତି । ଆକାଶଠୁ ପିତା ବଡ଼ ଏବଂ ପୃଥିବୀଠୁ ଗର୍ଭଧାରିଣୀ ମାଆ ବଡ଼ । ଏଇ କଥା ପିଲାମାନଙ୍କୁ ଛୋଟ ବେଳ ଶିକ୍ଷା ଦିଆଯାଇ ଥାଏ । ଯେତେ ଦୁଃଖ-କଷ୍ଟ ଆସୁଥାଉନା କାହିଁକି ବାପା-ମାଆ ମାନେ ସବୁ ଦୁଃଖକୁ ଚାପି ରଖି ପିଲାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ପ୍ରଚେଷ୍ଟା କରିଥାଆନ୍ତି । ଘରୁ ସୁ-ସଂସ୍କାର ଦ୍ୱାରା ପିଲାମାନେ ହିଁ ବଡ଼ ହୋଇ ଥାଆନ୍ତି । ନୀତି, ଆଦର୍ଶ, ଅନୁଶାସନରେ ହିଁ ସେମାନେ ନିଜକୁ ସୁପ୍ରତିଷ୍ଠିତ କରିଥାଆନ୍ତି । ଯେତେବେଳେ ପିଲା ବଡ଼ ହୁଏ ଏବଂ କର୍ମସଂସ୍ଥାନ ପାଇସାରିଲା ପରେ ବିବାହ ବନ୍ଧନରେ ଆବଦ୍ଧ ହୋଇ ସାରିଲା ପରେ କିଛିକାଂଶରେ ପୁଅର ଅସଲ ଚେହେରା ପଦାକୁ ଆସିଥାଏ । ଯାହାକି ବାର୍ଦ୍ଧକ୍ୟ ଅବସ୍ଥାରେ ପିତା-ମାତାଙ୍କ ପାଇଁ ଦୁଃଖର ଜୁଆର ମାଡ଼ି ଆସେ । ଗୃହବନ୍ଦୀ ଭାବେ ସେମାନଙ୍କୁ ଆବଦ୍ଧ କରାଯାଇଥାଏ । ପୁଅ-ବୋହୂ ମାନଙ୍କ ଶାସନରେ ସେମାନେ ଶାସିତ ହୋଇ ବହୁ ଦୁଃଖ-କଷ୍ଟରେ ଜୀବନ ଧାରଣ କରିଥାଆନ୍ତି । ଏମିତି ଏକ ଉଦାହରଣ ଆଜି ଯେତେବେଳେ ଶୁଣିଲି ବହୁତ କଷ୍ଟ ଲାଗିଲା । ଭାବି ପାରିଲି ନାହିଁ ଏମିତି ବି ଏଇ ସଂସାରରେ ପୁଅ ଜନ୍ମ ହୋଇଛନ୍ତି । ଜନୈକ ବନ୍ଧୁଙ୍କ ସହ ଆଜି ଯେତେବେଳେ ଭେଟ ହେଲା କଥା ପ୍ରସଙ୍ଗ ଛଳରେ ତାଙ୍କ ଘର ପଡ଼ିଶାର କାହାଣୀ ମୋତେ ଶୁଣାଇଲା । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏତେ ବଡ଼ ଧନୀ ଘରର ପୁଅ ହୋଇଥିବା ବେଳେ ଜଣେ ସୁପ୍ରତିଷ୍ଠିତ ଚିକିତ୍ସକ ହୋଇ ସୁନାମ ଅର୍ଜନ କରିଛନ୍ତି । ଅଥଚ ତାଙ୍କ ହୃଦୟ ଭିତରେ ଏପରି କଦର୍ଯ୍ୟ ଅମାନବିକ ବ୍ୟବହାର ଯେ ପିତା-ମାତାଙ୍କ ପ୍ରତି ଲୁଚି ରହିଥିଲା ତାହା ପିତା-ମାତାଙ୍କ ବାର୍ଦ୍ଧକ୍ୟ ଅବସ୍ଥାରେ ପରିପ୍ରକାଶିତ ହେଲା । ତାଙ୍କ ବାପା ଜଣେ ଉଚ୍ଚପ୍ରତିଷ୍ଠିତ ବ୍ୟବସାୟୀ ହୋଇଥିବା ବେଳେ ସୁନ୍ଦର ଅଟ୍ଟାଳିକା ସମସ୍ତଙ୍କ ଆଖିକୁ ଝଲସାଇ ଦେଉଛି । ଗୋଟିଏ ବୋଲି ପୁଅ, ଗେହ୍ଲାରେ ପୁଅର ସବୁ ଇଚ୍ଛା ପୂରଣ କରିବା ସହ ପୁଅଟି ମଧ୍ୟ ଭଲ ପାଠ ପଢ଼ି ଜଣେ ଡାକ୍ତର ହିସାବରେ ସୁନାମ ଅର୍ଜନ କରିଛନ୍ତି । ଚାକିରୀ କରିବା ପରେ ପୁଅଟିକୁ ଜଣେ ସୁ-ଶିକ୍ଷିତା ଝିଅ ସହ ବିବାହ କରାଇଲେ । କିଛି ବର୍ଷ ଖୁବ୍ ଆନନ୍ଦରେ ପୁଅ-ବୋହୂଙ୍କ ସହ ବାପା- ମାଆ ଖୁସିରେ ଦିନ କଟାଇଲେ । ନାତି-ନାତୁଣୀଙ୍କ ସହ ଆନନ୍ଦରେ ଜେଜେ ବାପା- ଜେଜେ ମାଆ ଆସନ ନିଭାଇ ତାଙ୍କର କର୍ତବ୍ୟ ସୁଚାରୁ ରୂପେ କରାଇଲେ । ବାର୍ଦ୍ଧକ୍ୟରେ ଉପନୀତ ହେବା ପରେ ଜଣାପଡ଼ିଲା ପୁଅର ଅସଲ ଚେହେରା । ବାପା କିଛି ବର୍ଷ ରୋଗାକ୍ରାନ୍ତ ହୋଇ ବିଛଣା ଧରିଲେ । ଅବଶ୍ୟ ତାଙ୍କର ସ୍ତ୍ରୀ ସ୍ୱାମୀଙ୍କ ସମସ୍ତ ସେବା ଯୋଗାଇ ଦେଇଥାଆନ୍ତି । ଏମିତି କିଛି ବର୍ଷ ଗଲା ପରେ ବାପାଙ୍କର ଦେହାନ୍ତ ହୋଇଗଲା । ଏବେ ପାଳି ପଡ଼ିଲା ମାଆଙ୍କର । ମାଆ ମଧ୍ୟ ବ□ମାନ ବାର୍ଦ୍ଧକ୍ୟ ସହ ରୋଗଗ୍ରସ୍ତା । ଆଣ୍ଠୁ ଯନ୍ତ୍ରଣା ସହ ମୁହଁ , ପାଦ ସବୁ ଫୁଲିକି ଠଲଠଲ । ପୁଅକୁ କହିଲେ ବାପାରେ ! ତୁ ତ ଡାକ୍ତର ମତେ ବହୁତ କଷ୍ଟ ହେଉଛି ମ କଥା ଟିକେ ବୁଝ । ପୁଅ କହିଲା - ମାଆ ତୁମେ ଏବେ ତୁମ ନିଜ ବ୍ୟବସ୍ଥା କର । ମୁଁ ଠିକା ନେଇ ନି ତୁମର ସେବା କରିବା ପାଇଁ । ଯଦି ବେଶୀ ରାଉରାଉ ହେବ ତାହାଲେ ତୁମକୁ ଘରୁ ବାହାର କରିବା ପାଇଁ ମଧ ବେଶୀ କଷ୍ଟ କରିବାକୁ ପଡ଼ିବ ନାହିଁ । ଯେତେ କଷ୍ଟ ହେଉନା କାହିଁକି ନିଜେ ରାନ୍ଧବାଢ଼, ନିଜ ଚିକିତ୍ସା ନିଜେ କର । ସଂପତି ବାଡ଼ିକୁ ଝିଅକୁ ଦେବ ବୋଲି କହୁଛ ଯାଉନ ତୁମେ ଝିଅ ପାଖରେ ରହିବ । ମୁଁ, ମୋ ସ୍ତ୍ରୀ କି ମୋ ପିଲାମାନେ ତୁମର ସେବା କରିପାରିବୁ ନାହିଁ , କି ତୁମକୁ ଟଙ୍କାଟିଏ ବି ଦେବୁ ନାହିଁ । ପୁଅର ଏ କର୍କଶ ବାଣୀ ଶୁଣି ଦୁଇ ଠୋପା ଲୁହ ଝରି ପଡ଼ିଲା ଆଖିରୁ । ମୋର ସେ ବନ୍ଧୁ ଜଣକ ସେଇ ବୟସ୍କା ମାଆର ଯେତେବେଳେ ଦରକାର ସେ ନିଃ ସଂକୋଚ ଭାବେ ସେବା କରୁଛନ୍ତି । ଅବଶ୍ୟ ଏଇ ସପ୍ତାହ ତଳେ ତାଙ୍କ ଝିଅ ଆସି ମାଆକୁ ନିଜ ପାଖକୁ ନେଇ ଯାଇଛନ୍ତି । ବ□ମାନ ପୁଅ-ବୋହୂ ତାଙ୍କ ପିଲାମାନଙ୍କ ସହ ଆନନ୍ଦ କରୁଥିବା ବେଳେ ଯେପରି କିଛି ଅଶାନ୍ତି ନ ହଉ ଏଇ କଥା ଭାବି ପୂଜାପାଠରେ ଲାଗିଛନ୍ତି । ଦାନ, ଧର୍ମ, ହୋମଯଜ୍ଞ କରି ଦେଖାଣିଆ ଭାବେ ଜଣେ ଧାର୍ମିକ ଲୋକ ବୋଲି ବାହାରକୁ ଦେଖାଉଛନ୍ତି । ଏହା କ'ଣ ଜଣେ ଶିକ୍ଷିତ ପୁଅର କର୍ତବ୍ୟ କି ? ଏଠି ଆମେ ବୋହୂର ଦୋଷ ଦେଉ ନାହୁଁ କାହିଁକି ନା ପୁଅ ଯଦି ଠିକ୍ ଥିବ ସେ କେବେ ବି ବୋହୂର କୁ ଉପଦେଶକୁ ଶୁଣିବ ନାହିଁ । ବିବାହ ପରେ କେବଳ ଯେ ପୁଅଟି ତା' ସ୍ତ୍ରୀ କଥାକୁ ନେଇ ଚାଲିବ ତାହାର କିଛି ଅର୍ଥ ନାହିଁ । ସୃଷ୍ଟି ରକ୍ଷା ନିମନ୍ତେ ବିବାହ ନିହାତି ଆବଶ୍ୟକା କର୍ତବ୍ୟ ପାଇଁ ଭଗବାନ ଏ ସଂସାରକୁ ଆମ ସମସ୍ତଙ୍କୁ ପଠାଇଥିବା ବେଳେ ଆମେ ମାନେ ଯଦି କର୍ତବ୍ୟରୁ ବିଚ୍ୟୁତ ହେବା ତାହାଲେ ପ୍ରଭୁଙ୍କ କଠୋର ଦଣ୍ଡରୁ ଆମେ ରକ୍ଷା ପାଇପାରିବା ନାହିଁ । ଜଣେ ସ୍ତ୍ରୀ ତା'ର ମଧ୍ୟ ଉପଯୁକ୍ତ କର୍ତବ୍ୟ ଶାଶୁ ଘର ଲୋକଙ୍କ ପ୍ରତି ରହିବା ଉଚିତ । ତା' ନକରି ସେ ଯଦି ଶାଶୁ ଘରେ ଗୁରୁଜନ ଲୋକ ଥାଇ ସୁଦ୍ଧା ନିଜକୁ ନିଜେ ସର୍ବେସର୍ବା ଭାବିବ ତାହାଲେ ତା'ର ବୋହୂପଣିଆର କ'ଣ ମହତତ୍ୱ ରହିଲା । ସ୍ୱାମୀ-ସ୍ତ୍ରୀ ଉଭୟ ମିଶି ଯଦି ବିବାହ ପରେ ସୁକର୍ମରେ ଲିପ୍ତ ରହିବେ ତେବେ ସୁ-ସନ୍ତାନ ଜନ୍ମ ହୋଇ ସେମାନଙ୍କ ପ୍ରତି ଉପଯୁକ୍ତ କର୍ତବ୍ୟ କରିବା ସହ ବାର୍ଦ୍ଧକ୍ୟ ଅବସ୍ଥାରେ ସୁଖରେ ରହିବେ ଏହା ସୁନିଶ୍ଚିତ । ତେଣୁ ନିଜେ ନିଜକୁ ଠିକ୍ ହେବାକୁ ଚେଷ୍ଟା କରନ୍ତୁ । ତାହାଲେ ବାପା- ମାଆଙ୍କ ଆର୍ଶିବାଦ ପାଇବା ସହ ଭଗବାନଙ୍କର ଆଶିର୍ବାଦ ନିଶ୍ଚିତ ଭାବେ ମିଳିବ । ଏ ହାତର ପାପ ସେ ହାତ ନିଏ ନାହିଁ । ଭଗବାନ କାହାକୁ କିଛି ଦିଅନ୍ତି ନାହିଁ କି କାହାଠୁ କିଛି ନେବାକୁ ଚାହାଁନ୍ତି ନାହିଁ । କର୍ମାନୁସାରେ ଫଳ ଏଇ କଥା ଭାବି ଆମେ ସମସ୍ତେ ଯଦି ସଚେତନ ହେବା ତାହାଲେ ଏ ଦୁନିଆରେ ଆମେ ଧର୍ମ ରକ୍ଷା କରି ଭଗବାନଙ୍କର ଆଶିଷ ଲାଭ କରିପାରିବା ।



# ବିନମ୍ର ଶ୍ରଦ୍ଧାଞ୍ଜଳି

## କରୁଣା ଓ କଲ୍ୟାଣ ଗଙ୍ଗାର ମା'-ମନୋରମା

◆ ଅକ୍ଷୟ କୁମାର ରାଉତ



ସ୍ରଷ୍ଟା ବିଚିତ୍ର , ସୃଷ୍ଟି ବିଚିତ୍ର , ବିଚିତ୍ର ଏ ବିଶ୍ୱ , ବିଚିତ୍ର ଏହି ସୁନ୍ଦର ପୃଥିବୀ , ବିଶ୍ୱ ନିୟନ୍ତାଙ୍କ ର କ୍ରୁର ନିର୍ଦ୍ଦେଶରେ ମଣିଷ , ପଶୁ , ପକ୍ଷୀ , ବୃକ୍ଷଲତା , କୀଟପତଙ୍ଗ , ସମସ୍ତେ କାଳର କରାଳ ଗତିରେ ବିଲୀନ । ପ୍ରକୃତିର ଅପୂର୍ବ ଶୋଭା ସୂର୍ଯ୍ୟ , ଚନ୍ଦ୍ର , ତାରା ଓ ଗ୍ରହମଣ୍ଡଳ । ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର , ସୁନ୍ଦର କମନୀୟ , ନମନୀୟ ପ୍ରାଣ ଏବଂ ସେମାନଙ୍କ ମଧ୍ୟରେ ସର୍ବଶେଷ୍ଠ ଈଶ୍ୱର ଙ୍କ ପ୍ରଥମ ସୋପାନରେ ଆମ ମନୁଷ୍ୟ ସମାଜ , ମନୁଷ୍ୟର ପକୃତି ଓ ଆକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ , ମାପକାଠି ମଧ୍ୟରେ ଅନିତ୍ୟ , ଅସାର କ୍ଷଣଭଙ୍ଗୁର ମାୟାମୋହ ସଂସାର ସାଗର କୁ ପାରି କରିବା ପାଇଁ 'ଗୁରୁ ମା' ବାଟ ଦେଖାନ୍ତି । ସେହି କରୁଣାମୟୀ ନ୍ତଗୁରୁ ମା'' ଙ୍କ କୃପାରୁ ଆମେ ସମସ୍ତେ ଦୁଇପାଦ ଆଗେଇ ଥାଉ । ବିନା ସ୍ୱାର୍ଥରେ ବିନା ଦ୍ୱିଧାରେ ଯାହାଙ୍କ ପ୍ରତି ସ୍ୱର୍ଶରେ ଆମ୍ଭେ ଆଲୋକିତ । ସସାଗର ଧରା ଶୃଖଂଳିତ ସେହି 'ଗୁରୁ ମା'' ଅଧ୍ୟାପିକା ଡ଼କ୍ଟର ମନୋରମା ମହାପାତ୍ର ଙ୍କୁ କିଏବା ଭୂଲିବ । ସେ ଦୂର ଦିଗ୍‌ବଳୟ ଆର ପାରିର ଚନ୍ଦ୍ରମା । ତାଙ୍କରି ଜ୍ୟୋସ୍ନାରେ ଆଲୋକିତ ମହକିତ, ଉଲ୍ଲସିତ ଧାରା ପୃଷ୍ଠ । ଦେଶ ପରାଧିନତା ଶୃଖଂଳରେ ଆବଦ୍ଧ । ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ , ବିଶିଷ୍ଟ ଶିକ୍ଷାବିତ୍ ସମାଜସେବୀକା , ଲେଖିକା , ସ୍ତମ୍ଭକାର ,ବାଗ୍ମୀ , ୧୯୩୪ ମସିହା ଜୁନ ୧୦ ତାରିଖ ଦିନ କଟକ ଆଠଗଡ଼ ଅନ୍ତର୍ଗତ ରାଧାନାଥପୁର ଶାସନରେ ପିତା ପଦ୍ମଭୂଷଣ ଡ଼କ୍ଟର ରାଧାନାଥ ରଥ ଓ ମାତା ସାବିତ୍ରୀ ଦେବୀଙ୍କ ୪ର୍ଥ ସନ୍ତାନ ଭାବେ କୋଳ ମଣ୍ଡନ କରିଥିଲେ । ପିଲାବେଳୁ ସେ ଧର୍ଯ୍ୟ ଓ ସାହାସର ପ୍ରତୀକ ଥିଲେ । ସେ କେବେ ଭାଙ୍ଗି ପଡୁ ନ ଥିଲେ ଦୁଃଖ ଓ ଯାତନାରେ । ମନୋରମା ମହାପାତ୍ର(ସୁଲୁ) ପ୍ରାଥମିକ ଶିକ୍ଷା ପରେ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ରୁ ମ୍ୟାଟ୍ରିକ୍ ପାଶ୍ କରିବା ପରେ ଶିକ୍ଷା କ୍ଷେତ୍ରରେ ଗୁରୁ ମା ରୂପେ ଶିକ୍ଷାଦାନ କରିବାକୁ ସ୍ୱପ୍ନ ଦେଖୁଥିଲେ । ସେ ଅର୍ଥନୀତିରେ ସ୍ନାତକୋତର ପାସ୍ କରିବା ପରେ ଅଧ୍ୟାପିକା ଭାବେ କାର୍ଯ୍ୟ କରିଥିଲେ । ସେ ପଦାରବିନ୍ଦ ମହାପାତ୍ର ଙ୍କ ଧର୍ମପତ୍ନୀ ଭାବେ ସଂସାର ଜାଳ ମଧ୍ୟରେ ରହି ସମାଜ ସେବା , ସାମ୍ବାଦିକତା ଓ ସାହିତ୍ୟ ସେବାରେ ନିଜକୁ ନିୟୋଜିତ କରୁଥିଲେ । ପ୍ରାଧ୍ୟାପିକା ଭାବେ ଦୀର୍ଘ ୧୫ ବର୍ଷ କାଳ ଶିକ୍ଷାଦାନ କରି ୧୯୮୫ ମସିହାରେ ସରକାରୀ ଚାକିରିରୁ ଅବସର ନେଇ ସମାଜ ଓ ଦେଶ ସେବାରେ ଲାଗି ପଡ଼ିଥିଲେ । ସେ ବହୁ ବର୍ଷ ଧରି ଓଡ଼ିଶା ସାହିତ୍ୟ . ଶିଶୁ ସାହିତ୍ୟ ଅନୁବାଦ ଆଦି ପ୍ରତିଟି ବିଭାଗରେ ନିଜର ପ୍ରତିଭାର ପରିଚୟ ଦେଇଛନ୍ତି । ସାହିତ୍ୟ ଓ ସାମ୍ବାଦିକତା ପ୍ରତି ଥିବା ଦୁର୍ବଳ ମନଭାବ ଯୋଗୁ ସେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟାପନା ଛାଡ଼ି ଦୈନିକ ସମ୍ବଦପତ୍ର ନ୍ତସମାଜ'' ରେ ଯୋଗ ଦେଇ ପରବର୍ତୀ ସମୟରେ କାର୍ଯ୍ୟକାରୀ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ । ସେ ଓଡ଼ିଆ , ସଂସ୍କୃତ ,ହିନ୍ଦୀ ,ବଙ୍ଗଳା ଭାଷାରେ ପାରଙ୍ଗମ ଥିଲେ । ସେ ଢ଼ଗଢ଼ମାଳିର ଓଜସ୍ୱିନୀ ବକ୍ତା ଭାବେ ସୁଖ୍ୟାତି ଅର୍ଜନ କରିଥିଲେ । ସେ ଜଗନ୍ନାଥ ସଂସ୍କୃତିର ଉପାସକ ଭାବେ ରଥଯାତ୍ରା ସମୟରେ ଆକାଶବାଣୀ ଓ ଦୂରଦର୍ଶନରେ ସିଧା ପ୍ରସାରଣରେ ଅଂଶ ଗ୍ରହଣ କରୁଥିଲେ । ସେ ସ୍ତମ୍ଭକାର ଭାବେ 'ଝିଟିପିଟି କହେ'' ସ୍ତମ୍ଭରେ ଶତାବ୍ଦୀ ନାମରେ 'ସମାଜ'' ପୃଷ୍ଠାରେ ବହୁବର୍ଷ ଧରି ଲେଖି ଆସୁଥିଲେ। ସାରସ୍ୱତ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କ ପୁସ୍ତକ ଗୁଡ଼ିକ ମଧ୍ୟରେ ରହିଛି - ଜୁଆର ଯେଉଁଠି ଉଠେ (୧୯୬୦) , ଅର୍ଦ୍ଧ ନାରୀଶ୍ୱର (୧୯୯୧), ବୈଦେହୀ ବିସର୍ଜିତା (୧୯୯୭), ସ୍ମୃତି ଚନ୍ଦନ , ଆମେ ସବୁ ନିରବ ଦର୍ଶକ , ରୂପମ୍ ରୂପମ୍ ପ୍ରତିରୂପମ୍ ' , ସମୟ ପୁରୁଷ(୨୦୦୮) , ମଧୁବାତା ଋତାୟତେ (୧୯୯୦) , ବନ୍ଦ ଘରୁକେ କିବାଡ଼(ହିନ୍ଦୀ) , ଶକ୍ତି ରୁପେଣ ସଂସ୍ଥିତା (୨୦୦୧) , ସମସାମୟିକ ରୁଷୀୟ କବିତା ଅନୁବାଦ , ବ୍ୟୁହ ଭେଦ , ଝଡ଼ ପରେ ସୂର୍ଯ୍ୟୋଦୟ , ଦେବହୂତି , ଦ୍ୟୁତି ଦନହର , ଶୋକର ସନ୍ତାନ ,ସୃତିସଭା , ଏ ପୃଥିବୀ ଶରଶଯ୍ୟା , ଉତରା ନିରୁତରା ,ଅଛିଣ୍ଡା ମାସ ଛିଣ୍ଡା ଦଉଡ଼ି , ବଣ ରାଇଜର କଥା , ସୁର ରାଇଜର କଥା , ରତ୍ନଦୀପ , ଅଜାଙ୍କ ମୁଣିରୁ , ବିରାଢ଼ି ମାନଙ୍କ ଅନଶନ , ହାଣ୍ଡିଶାଳ ରୁ ରାଜ ଦରବାର ଇତ୍ୟାଦି ଅନେକ ସାହିତ୍ୟ କୃତି । ସାହିତ୍ୟ କ୍ଷେତ୍ରରେ ନିଜର ବଳିଷ୍ଠ ଅବଦାନ ଯୋଗୁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନେକ ଥର ପୁରସ୍କୃତ ହୋଇଛନ୍ତି । ଶିଶୁ ସାହିତ୍ୟ ପୁସ୍ତକ ନ୍ତବଣ ରାଇଜର କଥା'' ପାଇଁ ୧୯୮୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ସେ ପୁରସ୍କୃତ ଲାଭ କରିଛନ୍ତି , ଅନ୍ୟ ପୁରସ୍କାର ମଧ୍ୟରେ -୧୯୮୮ ରେ ସୋଭିତ୍ ଲ୍ୟାଣ୍ଡ ନେହୁର ପୁରସ୍କାର , କନ୍ନଡ଼ ସାହିତ୍ୟ ଏକାଡ଼େମୀ ପୁରସ୍କାର , ଓଡ଼ିଆ ଆମେରିକାନ ସୋସାଇଟି ଅୱାଡ଼ , ମଧୁସୂଦନ ଫାଉଣ୍ଡେସନ୍ ଦ୍ୱାରା ପ୍ରଥମ ମିଡ଼ିଆ ଆୱାର୍ଡ଼ , ଶାରଳା ପୁରସ୍କାର , ଜୟଦେବ ସମ୍ମାନ , ଝଙ୍କାର ପୁରସ୍କାର , ପ୍ରଜାତନ୍ତ୍ର ବିଷୁବ ମିଳନ ପୁରସ୍କାର , ଉତ୍କଳ ସାହିତ୍ୟ ସମାଜ କବିତା ସମ୍ମାନ ପ୍ରଭୃତି ବିଭିନ୍ନ ସମ୍ମାନ ଲାଭ କରିଥିଲେ । ସେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରୁ ସମ୍ମାନ ସୂଚକ ଡ଼ିଲିଟ୍ ଲାଭ କରିଥିଲେ । ସେ ନିଜର କୃତି ବଳରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ହୋଇଥିଲେ । ଜଣେ ସଙ୍ଗଠିକା ଭାବେ ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ , ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି , ଓଡ଼ିଶା ରେଡ଼କ୍ରସ୍ ସୋସାଇଟି ର ସଭାପତି , ଓଡ଼ିଶା ନାରୀ ସେବା ସଂଘର ଉପସଭାପତି ,ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ସଦସ୍ୟ , ଅଖିଳ ଭାରତୀୟ ସେବା ଦଳର ଓଡ଼ିଶା ଶାଖା ସମ୍ପାଦିକା ଓ ସଭାପତି ହୋଇ ଥିଲେ । ଏପରିକି ପ୍ରଧାନମନ୍ତ୍ରୀ ମିଡ଼ିଆ ପାର୍ଟିରେ ଜଣେ ସାମ୍ବାଦିକ ଭାବେ ବିଭିନ୍ନ ଦେଶ ପରିଭ୍ରମଣ କରିଥିଲେ ।

ଓଡ଼ିଶା ସାହିତ୍ୟ ସାମ୍ବାଦିକତା ଓ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଅତିପରିଚତ , ଡ଼କ୍ଟର ମନୋରମା ମହାପାତ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଗତ ଶନିବାର (୧୮.୦୯.୨୦୨୧) ଦିନ କଟକ ଡ଼ାକ୍ତରଖାନାରେ ଭର୍ତି କରାଯାଇଥିଲା ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ଏହି ଭଳି ଏକ ସମାଜସେବୀ ,ଶିକ୍ଷାବିତ୍ , ଲେଖିକା , ସ୍ତମ୍ଭକାର ,ବାଗ୍ମୀ ସମାଜସେବୀକଙ୍କର କର୍ମମୟ ଜୀବନ ଅବସାନ ଘଟିଲା । ମାତ୍ର ତାଙ୍କର କୃତୀ ତାଙ୍କୁ ଅମର କରି ରଖିବ । ତାଙ୍କ ସୁନାମର ସୁମନ , ସୁବାସ ମହକିତ କରୁଥିବ ଏ ମାଟିକୁ ।

*ପାରାଦ୍ୱୀପ ଗଡ଼,କୁଜଙ୍ଗ ,ଜଗତସିଂହପୁର, ମୋ- ୯୯୩୭୬୯୧୪୭୫.*

# ଗଡ଼ଜାତ ଗାନ୍ଧୀ : ସାରଙ୍ଗଧର

◆ ଡ଼ଃ. ଅରୁନ୍ଧତୀ ଦେବୀ



ଢେଙ୍କାନାଳ ଅନ୍ତର୍ଗତ ହରେକୃଷ୍ଣପୁର ଗ୍ରାମରେ ୧୭ ଅକ୍ଟୋବର ୧୮୮୭ରେ ମାଣିକ ଓ ହରେକୃଷ୍ଣ ଦାସଙ୍କ ପଂଚମ ସନ୍ତାନ ଭାବେ ଜନ୍ମ ହୋଇଥିଲେ ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ । ସବୁ ପିଲାଙ୍କ ଭିତରେ ସାର ବୋଲି ନାମ ରଖାଯାଇଥିଲା ସାରଙ୍ଗଧର । ଜନ୍ମ ଜାତକ ଦେଖି ଜ୍ୟୋତିଷୀ ଭବିଷ୍ୟତବାଣୀ କରିଥିଲେ ପିଲାଟି ବଡ଼ ହେଲେ ଖୁବ୍ ନାଁ କରିବ; ପରିବାରର ଟେକ ରଖିବ । ଜ୍ୟୋତିଷୀଙ୍କ କଥା ସତ ହୋଇଥିଲା । ଅବଶ୍ୟ ଆଦ୍ୟ - କୈଶୋରରେ ପିତାଙ୍କୁ ହରାଇ ବିଗିଡ଼ି ଯାଇଥିଲେ ସାରଙ୍ଗଧର । କୁସଙ୍ଗରେ ପଡ଼ି ଦିନେ ଗାଁରେ ଦେଶୀ ମଦ ପିଇଥିଲେ । ତାହା ପରେ ଟାଣିଥିଲେ ସେତେ ବେଳେ ମିଳୁଥିବା ରେଳବାଇ ମାର୍କା ସିଗାରେଟ । ତେବେ ସେହି ଥରଟିଏ । ନିଶା ସେବନ ଜନିତ କଦର୍ଯ୍ୟ ଶାରୀରିକ ଅବସ୍ଥା ତାଙ୍କ ମନକୁ ବଦଳାଇ ଦେଇଥିଲା । କୁସଙ୍ଗ ପରିତ୍ୟାଗ କରି କିଶୋର ସାରଙ୍ଗଧର ପଠନ, ପୂଜନ, ପ୍ରାଣାୟମକୁ ଗୁରୁତ୍ୱ ଦେଇଥିଲେ । ଏହାଦ୍ୱାରା ତାଙ୍କ ଚରିତ୍ର ବ୍ୟକ୍ତିତ୍ୱର ଉଲ୍ଲେଖନୀୟ ବିକାଶ ଘଟିଥିଲା । ରାଭେନ୍‌ସା ମହାବିଦ୍ୟାଳୟରେ ପଢୁଥିବା ବେଳେ ସେ ବ୍ରିଟିଶ ସରକାର ଅଧୀନରେ ଚାକିରି କରିବେ ନାହିଁ ବୋଲି ଦୃଢ଼ ନିଷ୍ପତି ନେଇଥିଲେ । ଇଚ୍ଛା ଥିଲା ସ୍ୱଦେଶରେ ଶିଳ୍ପ, କୃଷି ଆଦିର ବିକାଶ ପାଇଁ ବିଦେଶରେ ପଢ଼ିବେ, ତାଲିମ ନେବେ । ପରିବାରର ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା । ତଥାପି ସେ ବିଭିନ୍ନ ଆଡୁ ସାହାଯ୍ୟ ନେଇ ଜାପାନ ଯାଇଥିଲେ । ଜାପାନରେ ସେ କାଳରେ ଇଂରେଜୀରେ ପଢ଼ିବା ବ୍ୟବସ୍ଥା ନଥିଲା । ଜାପାନୀ ଭାଷା ଶିକ୍ଷା କରି ବୈଷୟିକ ବିଦ୍ୟା ପଢ଼ିବା ଅବାସ୍ତବ ଥିଲା । ତେଣୁ ସେଠାରୁ ଯାଇଥିଲେ ଆମେରିକା । ବାସନ ମାଜିବା, ଅଇଁଠା ଉଠାଇବା ଭଳି କାମ କରି ସେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକ ପଢିଥିଲେ । ତାହା ପରେ ରସାୟନ ବିଜ୍ଞାନ ଓ କୃଷି ବିଜ୍ଞାନ । କାଲିଫର୍ଣ୍ଣିଆ ଅବସ୍ଥାନ କାଳରେ ଫ୍ରିଡ଼ା ନାମା ଯୁବତୀଙ୍କ ପ୍ରେମରେ ପଡ଼ି ବିବାହ କରିଥିଲେ । ଏକ ଚିନି କାରଖାନାରେ ଉଚ୍ଚ ପଦବୀରେ ଅବସ୍ଥାପିତ ମଧ୍ୟ ହୋଇପାରିଥିଲେ । ଚାହିଁଥିଲେ ବିଦେଶରେ ଆଜୀବନ ରହିପାରିଥାଆନ୍ତେ । ତେବେ, ଜନ୍ମଭୂମିର ଡାକ ତାଙ୍କୁ ଫେରାଇ ଆଣିଥିଲା ସ୍ୱଦେଶ । ସାହେବ ବେଶରେ ଶାଢ଼ି ପିନ୍ଧା ସାହେବାଣୀଙ୍କୁ ନେଇ ଫେରିଥିଲେ ଢେଙ୍କାନାଳ । ଭାବିଥିଲେ ଚିନି କାରଖାନା ବସାଇବେ । ବିଧାତାଙ୍କ ବ୍ୟବସ୍ଥା ଥିଲା ଭିନ୍ନ । ଢେଙ୍କାନାଳ ରାଜାଙ୍କ ଅତ୍ୟାଚାର ତାଙ୍କୁ ଗଡ଼ଜାତ ପ୍ରଜା ପାଇଁ ଲଢ଼ିବାକୁ ଆହ୍ୱାନ ଦେଲା । ସାରଙ୍ଗଧର ସାହେବୀ ପୋଷାକ ଛାଡ଼ି, ପିନ୍ଧିଲେ ଖଦଡ଼ । ଆଉ ଲୋକେ କହିଲେ ଗଡ଼ଜାତ ଗାନ୍ଧୀ । ୧୯୫୭ ସେପ୍ଟେମ୍ବର ୧୮ ତାରିଖରେ ଏହି ମହାନ ଜନନାୟକଙ୍କ ପରଲୋକ ହୋଇଥିଲା ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆର୍ନ୍ତଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ : ୯୯୩୭୧୭୨୮୧୦*

# ମହମ୍ମଦ ହିଦାୟତୁଲ୍ଲା

◆ ଶେଖ ଫରିଦ୍‌ଉଦ୍ଦିନ



୧୯୦୫ ମସିହା ଡିସେମ୍ବର ୧୭ରେ ଜନ୍ମଗ୍ରହଣ କରିଥିଲେ ମହମ୍ମଦ ହିଦାୟତୁଲ୍ଲା । ତାଙ୍କ ପିତା ଭାରତର ଜଣେ ଖ୍ୟାତନାମା କବି ଥିଲେ ଯିଏକି ବିଶେଷତଃ ଉର୍ଦ୍ଦୁ ଭାଷାରେ ନିଜ କବିତା ସଙ୍କଳନ କରୁଥିଲେ । ପିତାଙ୍କ କବିତା ପ୍ରତି ହିଦାୟତୁଲ୍ଲାଙ୍କର ପ୍ରବଳ ରୁଚି ଥିଲା । ସେ ଜଣେ ଗୋଲ୍ଡମେଡ଼ାଲିଷ୍ଟ ଭାବେ ଗୌରବ ମଧ୍ୟ ଅର୍ଜନ କରିଥିଲେ । ୧୯୨୭ରୁ ୧୯୩୦ ମଧ୍ୟରେ କ୍ୟାମ୍ବ୍ରିଜ୍ ୟୁନିଭର୍ସିଟିରେ ଓକିଲାତି ପଢ଼ିଥିଲେ । ଓକିଲାତି ଏବଂ ଇଂରାଜୀ ସାହିତ୍ୟରେ ତାଙ୍କର ପ୍ରବଳ ଦକ୍ଷତା ଥିଲା । ୧୯୪୨ରେ ନାଗପୁର ହାଇକୋର୍ଟରେ ସରକାରୀ ଓକିଲ ଭାବେ ତାଙ୍କର ନିଯୁକ୍ତି ହେଲା । ୧୯୪୬ରେ ମଧ୍ୟପ୍ରଦେଶ ହାଇକୋର୍ଟରେ ଅତିରିକ୍ତ ଜଜ୍ ଭାବେ ଅବସ୍ଥାପିତ ହେଲେ । ୧୯୫୪ରେ ନାଗପୁରର ମୁଖ୍ୟ ବିଚାରପତି ଭାବେ ସେ ପଦ ଅଳଙ୍କୃତ କଲେ । ଏହାପରେ ୧୯୫୮ରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଲେ । ସେତେବେଳେ ସେ ଥିଲେ ସୁପ୍ରିମକୋର୍ଟର ସବୁଠୁ ଯୁବ ମୁଖ୍ୟବିଚାରପତି ଥିଲେ । ୧୯୬୯ ମସିହା ଜୁଲାଇ ୨୦ରୁ ଅଗଷ୍ଟ ୨୪ ପର୍ଯ୍ୟନ୍ତ ସେ ଭାରତର କାମଚଳା ରାଷ୍ଟ୍ରପତି ଏବଂ ୧୯୭୯ ଅଗଷ୍ଟ ୩୧ରୁ ୧୯୮୪ ଅଗଷ୍ଟ ୩୦ ଯାଏ ଉପରାଷ୍ଟ୍ରପତି ଭାବେ ପଦ ଅଳଙ୍କୃତ କରିଥିଲେ । ହିଦାୟତୁଲ୍ଲା ଅନେକ ପୁସ୍ତକ ରଚନା କରିବା ସହ ଢ଼େର ସମ୍ମାନ ଓ ସ୍ୱୀକୃତି ଲାଭ କରିଥିଲେ । ୧୯୯୨ ମସିହା ୧୮ ସେପ୍ଟେମ୍ବର ଦିନ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

*ମଧୁପୁର, କୁଆଁପାଳ, କଟକ*

# କୋରାପୁଟର ମାଟିରୁ ବିଶ୍ୱ ମଂଚକୁ ମାଳିପୁଟ ମେଲୋଡି

## ବୈପାରୀଗୁଡାର ଦୁର୍ଗମ ଅଂଚଳର ପୁଅ ସନାଙ୍କ ଅଭିନୟକୁ ନେଇ ଚର୍ଚ୍ଚା

ଜୟପୁର : (ହି.ସ.)- କୋରାପୁଟର ମାଟି, ପାହାଡ଼, ଜଙ୍ଗଲ ଓ ଗ୍ରାମୀଣ ଜୀବନକୁ ନେଇ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ମାଳିପୁଟ ମେଲୋଡି' ଏବେ ଚର୍ଚ୍ଚାର ଶୀର୍ଷରେ । ବିଶ୍ୱର ବିଭିନ୍ନ ଚଳଚ୍ଚିତ୍ର ମଂଚରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ ଆସନ୍ତା ୧୮ ସେପ୍ଟେମ୍ବରରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିବ । ଚଳଚ୍ଚିତ୍ରର କାହାଣୀ ସହ ଏଥିରେ ଅଭିନୟ କରିଥିବା ବୈପାରୀଗୁଡା ବ୍ଲକର ଦୁର୍ଗମ ଅଂଚଳର ପୁଅ ସନା ଖେମୁଣ୍ଡୁଙ୍କୁ ନେଇ ମଧ୍ୟ ଅଂଚଳରେ ଉତ୍ସାହ ଦେଖାଦେଇଛି । କିଛି ବର୍ଷ ପୂର୍ବେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ଜଣେ ଡାକ୍ତର ମ୍ୟାଲେରିଆ ନିରାକରଣ ପାଇଁ କରିଥିବା ସଂଘର୍ଷର ବାସ୍ତବ କାହାଣୀକୁ ନେଇ ନିର୍ମିତ 'ଦମନ' ଚଳଚ୍ଚିତ୍ର ଓଡ଼ିଶା ସମେତ ସାରା ଦେଶରେ ଦର୍ଶକଙ୍କ ମନ ଜିଣିଥିଲା । ଏବେ ଦକ୍ଷିଣ ଓଡ଼ିଶାର ଗାଁ ଜୀବନ, ଲୋକଙ୍କ ସଂଘର୍ଷ ଓ ସ୍ୱପ୍ନକୁ ନେଇ 'ମାଳିପୁଟ ମେଲୋଡି' ଏକ ଭିନ୍ନ ଧରଣର କାହାଣୀ ନେଇ ପରଦାକୁ ଆସୁଛି । ଚଳଚ୍ଚିତ୍ରର କାହାଣୀରେ ଗ୍ରାମୀଣ ଜୀବନର ବାସ୍ତବତା, ପରିବାର, ବନ୍ଧୁତ୍ୱ, ଆଶା, ନିରାଶା, ପରମ୍ପରା ଓ ଜୀବନ ସଂଘର୍ଷକୁ ସ୍ଥାନ ଦିଆଯାଇଛି । କାହାଣୀକୁ ଅଧିକ ବାସ୍ତବ ଓ ଜୀବନ୍ତ କରିବା ପାଇଁ ସ୍ଥାନୀୟ ଅଂଚଳର ଲୋକଙ୍କୁ ମଧ୍ୟ ଅଭିନୟରେ ସାମିଲ କରାଯାଇଛି । ଏହି କ୍ରମରେ ବୈପାରୀଗୁଡା ବ୍ଲକର ଦୁର୍ଗମ ଅଂଚଳର ସନା ଖେମୁଣ୍ଡୁଙ୍କୁ ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟର ସୁଯୋଗ ମିଳିଛି । ଦୁଃଖକଷ୍ଟ ମଧ୍ୟରେ ପାଠପଢ଼ା ଜାରି ରଖୁଥିବା ସନାଙ୍କୁ ଚଳଚ୍ଚିତ୍ରରେ ପରିବାରର ଛୋଟ ପୁଅ ଭୂମିକାରେ ଦେଖିବାକୁ ମିଳିବ । ତାଙ୍କ ନିଜ ଜୀବନର ସଂଘର୍ଷ ସହ ଚରିତ୍ରର ସାମଞ୍ଜସ୍ୟ ଥିବାରୁ ଅଭିନୟଟି ଅଧିକ ସ୍ୱାଭାବିକ ହୋଇପାରିଛି । ସନାଙ୍କୁ ଏହି ଅଭିନୟର ସୁଯୋଗ ଦେଇଥିବା ଶିକ୍ଷକ ନିଶାନ ପଟ୍ଟନାୟକ ତାଙ୍କ ପ୍ରତିଭା ଓ ଜୀବନ ସଂଘର୍ଷକୁ ଚିହ୍ନଟ କରିଥିଲେ । ଚଳଚ୍ଚିତ୍ରର କାହାଣୀ ମାଧ୍ୟମରେ ଦୁର୍ଗମ ଅଂଚଳର ଜଣେ ସାଧାରଣ ଛାତ୍ରଙ୍କ ସ୍ୱପ୍ନ ଓ ସଂଘର୍ଷକୁ ବଡ଼ ପରଦାରେ ଉପସ୍ଥାପନ କରାଯାଇଛି । ବର୍ତମାନ ସନା କୋରାପୁଟ ସରକାରୀ ମହାବିଦ୍ୟାଳୟରେ +୩ ପଢୁଛନ୍ତି । ଏକ ଦୁର୍ଗମ ଗାଁରୁ ଆସି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିବା ଏବଂ ଚଳଚ୍ଚିତ୍ରଟି ଜାତୀୟ ଓ ଅନ୍ତର୍ଜାତୀୟ ମଂଚରେ ପ୍ରଶଂସା ପାଇବା ସନାଙ୍କ ପାଇଁ ଏକ ବଡ଼ ସଫଳତା । ଏଥିପାଇଁ ସନା ବୈପାରୀଗୁଡା ବ୍ଲକ ତଥା କୋରାପୁଟ ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି ବୋଲି ଅଂଚଳବାସୀ ମତ ପ୍ରକାଶ କରିଛନ୍ତି । 'ମାଳିପୁଟ ମେଲୋଡି' ୫୬ତମ ଆଇଏଫଏଫଆଇ ଗୋଆର ଭାରତୀୟ ପାନରମା ରେ ଏକମାତ୍ର ଓଡ଼ିଆ ଫିଚର ଫିଲ୍ମ ଭାବେ ଚୟନ ହେବା ସହ ଦେଶ ଓ ବିଦେଶର ବିଭିନ୍ନ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଛି । ଲସ୍ ଆଞ୍ଜେଲସ୍ ର ଅନ୍ତର୍ଜାତୀୟ ଚଳଚିତ୍ର ପ୍ରଦର୍ଶନି ଉତ୍ସବରେ ଶ୍ରେଷ୍ଠ ଚଳଚିତ୍ର ଭାବର ବ୍ରୋଞ୍ଜ ପୁରସ୍କାର ହାସଲ କରିଥିବା ଏହି ଚଳଚ୍ଚିତ୍ର ଏବେ ଓଡ଼ିଆ ଦର୍ଶକଙ୍କ ନିକଟକୁ ଆସୁଛି । କୋରାପୁଟର ମାଟିରୁ ବିଶ୍ୱ ମଂଚ ପର୍ଯ୍ୟନ୍ତ 'ମାଳିପୁଟ ମେଲୋଡି'ର ଯାତ୍ରା ଏବଂ ଏଥିରେ ବୈପାରୀଗୁଡାର ପୁଅ ସନାଙ୍କ ଅଭିନୟ ଏବେ ସ୍ଥାନୀୟ ଅଂଚଳରେ ଗର୍ବ ଓ ଉତ୍ସାହର ବିଷୟ ପାଲଟିଛି । ସନାଙ୍କ ଏହି ସଫଳତା ପାଇଁ କୋରାପୁଟ ବିଧାୟକ ରଘୁରାମ ମାଛ ସ୍ଥାନୀୟ ଜିଲ୍ଲା ପରିଷଦ ରାଜେଶ୍ୱର ମହୁରିଆ ଶୁଭେଚ୍ଛା ଜଣାଇବା ସହ ବୈପାରୀଗୁଡା ପାଇଁ ଏହା ଗର୍ବ ବୋଲି କହିଛନ୍ତି ।

# ଶ୍ରୀ ଭବାନୀ ପଲ୍ଲୀ କ୍ଲିନିକ ଉଦଘାଟିତ

ଭଦ୍ରକ : (ହି.ସ.) - ଭଦ୍ରକ ସହର ର ମଧ୍ୟ ସ୍ଥଳି କଚେରୀ ବଜାର ଅଂଚଳରେ ଶ୍ରୀ ଭବାନୀ ପଲ୍ଲୀ କ୍ଲିନିକ ଉଦଘାଟିତ ହୋଇଯାଇଛି ।ଏସ ସି ବି ମେଡିକାଲ କଲେଜର ବିଭାଗୀୟ ମୁଖ୍ୟ ଭେଷଜ ପ୍ରଫେସର ଡ଼କ୍ଟର ଜୟନ୍ତ କୁମାର ପଣ୍ଡା ଏହି କ୍ଲିନିକ ଟି କୁ ଅନୁଷ୍ଠାନିକ ଭାବେ ଉଦ୍ଘାଟନ କରି କହିଲେ ଲୋକଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଧ୍ୟମ ।ବିଶେଷ କରି ପ୍ରତ୍ୟେକ ଲୋକଙ୍କୁ ଆଉ ଅଧିକ ଖର୍ଚ୍ଚାନ୍ତ ନକରି ସହଜ ସୁବିଧା ରେ ଓ ଉପଯୁକ୍ତ ମୂଲ୍ୟରେ ରୋଗ ନିରୂପଣ ପାଁଇ ଯେତିକି ଆବଶ୍ୟକ ପଡୁଥିବା ଟେଷ୍ଟ ଗୁଡିକ ସଠିକ ଭାବେ ମୂଲ୍ୟାୟନ କରାଯିବାର ଏହି କ୍ଲିନିକର ଲକ୍ଷ୍ୟ ରହିଛି ବୋଲି ଡାକ୍ତର ଶ୍ରୀ ପଣ୍ଡା କହିଥିଲେ ।ଏହି ଉଦ୍ଘାଟନ ଅବସରରେ ଏକ ରକ୍ତଦାନ ଶିବିର କ୍ଲିନିକ ଭିତରେ ଆୟୋଜନ କରାଯାଇଥିଲା ।୪୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କ୍ଲିନିକର ପ୍ରୋପାଇଟର ତଥା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶିକା କମଳା ସାହୁ ଉନ୍ନତ ମାନର ସେବା ଯୋଗାଇଦେବା ଭବାନୀ କ୍ଲିନିକ ର ଉଦ୍ଦେଶ୍ୟ ବୋଲି ସୂଚନା ଦେଇଥିଲେ କ୍ଲିନକ ର ଅନ୍ୟତମ ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ,ଭବାନୀ ଶଙ୍କର ସାହୁ,କ୍ରିଷ୍ଣା କାବେରୀ ସାହୁ ଙ୍କ ସମେତ ଅଲ ଇଣ୍ଡିଆ ମେଡିକାଲ ଆସୋସିଏସନ ର ସଭାପତି ହରେକୃଷ୍ଣ ନାୟକ,ଡାକ୍ତର ରବି ନାୟକ,ଡାକ୍ତର ପି କେ ରଥ, ଜିତେନ୍ଦ୍ର ରାୟ,ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ ।

# ଘଟଗାଁ ଏମ୍ ଇ ସ୍କୁଲ୍ ତରଫରୁ ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ

ଘଟଗାଁ : (ହି. ସ) - ଘଟଗାଁ ଏମ୍, ଇ ସ୍କୁଲ୍ ତରଫରୁ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଘଟଗାଁ ବି ଇ ଓ ହରେକୃଷ୍ଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିବା ବେଳେ ଏ ବି ଇ ଓ ସଞ୍ଜୟ ପଲେଇ, ସି ଅର୍ ସି ସି କମଳାକାନ୍ତ ପଣ୍ଡା, ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଥିଲେ । ବିଦ୍ୟାଳୟ ପରିସରରୁ ପ୍ରକୃତି ବନ୍ଧୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ରୋହିତ କୁମାର ବେହେରା ଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରା ରେ ଶିକ୍ଷାର୍ଥୀ ମାନେ ଘଟଗାଁ ବଜାର ପରିକ୍ରମା କରି ଘଟଗାଁ ବନାଂଚଳ କାର୍ଯ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ବୃକ୍ଷ ରୋପଣ ର ବାର୍ତା ପ୍ରଦାନ କରିଥିଲେ । ଘଟଗାଁ ବନପାଳ ଶରତ ପଟ୍ଟନାୟକ, ଢେଙ୍କିକୋଟ ବନ ପାଳ ଅକ୍ଷୟ ମହାନ୍ତି ପିଲାମାନଙ୍କୁ ଦୁଇ ଶହ ଚାରା ପ୍ରଦାନ କାର୍ଯ୍ୟାଳୟ ତରଫରୁ ପ୍ରଦାନ କରିଥିଲେ । ପରେ ପରେ ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟା ପଦ୍ମିନୀ ଥମ୍ପା, ରଶ୍ମିତା ଦାସ, ଅନିତା ସାହୁ, ଅନିମା ଭଞ୍ଜ ପ୍ରମୁଖ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥଲେ । ଉକ୍ତ କାର୍ଯ୍ୟକ୍ରମରେ ମୋ ସ୍କୁଲ୍ ସଭାପତି ସୁନୀଲ ଦେହୁରୀ, ଶିକ୍ଷକ ମାଗୁଣି ଚରଣ ମାଝୀ, ସଞ୍ଜୀବ ସାହୁ, ଶୁଭକାନ୍ତ ସେଠୀ,ଶିକ୍ଷୟିତ୍ରୀ ମାଳତୀ କୁମାରୀ ନାଥ ଶର୍ମା, ଭାରତୀ ମହାନ୍ତି, ରଶ୍ମିତା ମହାନ୍ତ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଛାତ୍ରୀ ଜାଗୃତି ଭଞ୍ଜ, ସରସ୍ୱତୀ ନାଏକ, ସୁମିତ୍ରା ନାଏକ, ରିଙ୍କି ଦାସ, ତିଥି ପ୍ରଜ୍ଞା ସିଂ,ସମ୍ପୂର୍ଣ । ନାଏକ, ପୂର୍ଣ୍ଣିମା ମୁଣ୍ଡା, ହେମଲତା ମୁଣ୍ଡା, ଫୁଲମନି ମୁଣ୍ଡା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଥିଲେ ।

# ବଢୁଛି ପ୍ଲାଷ୍ଟର ପ୍ୟାରିସ୍‌ର ଚାହିଦା, କମୁଛି ମୃଣ୍ମୟ ମୂର୍ତିର ଆଦର

ଜୟପୁର : (ହି.ସ.) – କୋରାପୁଟ ଜିଲାରେ ବଢୁଛି ପ୍ଲାଷ୍ଟର ପ୍ୟାରିସ୍‌ର ଚାହିଦା ରହିଥିବା ବେଳେ କମୁଛି ମୃଣ୍ମୟ ମୂର୍ତିର ଆଦର ଏହାକୁ ନେଇ ମୃଣ୍ମୟ ମୂର୍ତି କାରିଗରଙ୍କ ଚିନ୍ତା ବଢ଼ିଛି । ଚଳିତ ଭାଦ୍ରବ ମାସ ଚତୁର୍ଥୀ ଆର୍ଥାତ ସୋମବାର ଦିନ ଗଜାନନ ଧରାବତରଣ କରିବେ । ଏଥିପାଇଁ ସହରର ବିଭିନ୍ନ ସ୍ଥାନରେ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପୂଜା ମଣ୍ଡପରେ ଦେବାଦେବୀଙ୍କ ମୃଣ୍ମୟ ମୂର୍ତି ନିର୍ମାଣରେ କାରିଗର ବ୍ୟସ୍ତ ଅଛନ୍ତି । ମାତ୍ର ପୂର୍ବ ଅପେକ୍ଷା ମୃଣ୍ମୟ ମୂର୍ତିର ଚାହିଦା ନଥିବାରୁ ଏହା ଉପରେ ନିର୍ଭର କରୁଥିବା ମୂର୍ତି କାରିଗର ଦୁର୍ଦ୍ଦିନରେ ଜୀବନ କାଟୁଛନ୍ତି । ଏଥିସହିତ ମୂର୍ତି ନିର୍ମାଣ ପାଇଁ ଆବଶ୍ୟକୀୟ ସରଞ୍ଜାମର ଦରବୃଦ୍ଧି ଯୋଗୁ ମୂର୍ତି କାରିଗର ଆଶଙ୍କାରେ ରହିଛନ୍ତି । ପାର୍ବଣ ଋତୁ ଆରମ୍ଭ ହେଲେ କେତେକ ବ୍ୟବସାୟୀ ବିଭିନ୍ନ ସ୍ଥାନରେ ଷ୍ଟଲ ଖୋଲି ପ୍ଲାଷ୍ଟର ପ୍ୟାରିସ୍‌ରେ ନିର୍ମିତ ମୂର୍ତି ବିକ୍ରି କରୁଥିବାରୁ ମୃଣ୍ମୟ ମୂର୍ତିର ଚାହିଦା ମଧ୍ୟ କମୁଥିବା ଦେଖାଯାଉଛି । ପୂର୍ବ ପରମ୍ପରା ଅନୁଯାୟୀ ମାଟିରେ ନିର୍ମିତ ମୂର୍ତି ପୂଜା କରିବା ବିଧେୟ ଥିବାବେଳେ ଏବେ ଶ୍ରଦ୍ଧାଳୁ ସୁନ୍ଦର ରଙ୍ଗବେରଙ୍ଗରେ ନିର୍ମିତ ଆକର୍ଷଣୀୟ ପ୍ଲାଷ୍ଟର ପ୍ୟାରିସ ମୂର୍ତିକୁ ପୂଜା କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । କୋରାପୁଟ ଜିଲ୍ଲା ଜୟପୁର, କୋରାପୁଟ, ସେମିଳିଗୁଡ଼ା ସମେତ ବିଭିନ୍ନ ସ୍ଥାନରେ ପୁରୁଷାନୁକ୍ରମେ କାରିଗର ମୂର୍ତି ତିଆରି କରୁଥିବାବେଳେ ଚଳିତବର୍ଷ ସେମାନେ ମୂର୍ତି ବିକ୍ରି ନହେବା ଆଶଙ୍କାରେ ହାତବାନ୍ଧି ବସିଛନ୍ତି । ପ୍ରାଚୀନ କାଳରୁ କୁମ୍ଭକାର ମୂର୍ତି ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇ ଆସୁଛନ୍ତି । କୁମ୍ଭକାର କାରିଗରଙ୍କ ଯାଦୁକରୀ ସ୍ପର୍ଶରେ ବିଭିନ୍ନ ଦେବଦେବୀଙ୍କ ମାଟିର ମୂର୍ତି ଜୀବନ୍ତ ରୂପ ନିଏ । ତେବେ କିଛି ବର୍ଷ ହେବ ପ୍ଲାଷ୍ଟର ପ୍ୟାରିସ ମୂର୍ତି ବିକ୍ରି ହେବାରୁ ମୃଣ୍ମୟ ମୂର୍ତି ବିକ୍ରୟ ହ୍ରାସ ପାଇଥିବାବେଳେ ଏବେ ମୂର୍ତି ନିର୍ମାଣରେ ଦେଖାଦେଇଛି ଅନେକ ସମସ୍ୟା । ସହର ଉପକଣ୍ଠରେ ମାଟି ଓ ନଡ଼ା ଅଭାବ ଯୋଗୁଁ ଶିଳ୍ପୀ ମୂର୍ତି ନିର୍ମାଣରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାଛଡ଼ା ପରିଶ୍ରମ ଅନୁଯାୟୀ ମୂର୍ତିର ମୂଲ୍ୟ ମଧ୍ୟମିଳୁନାହିଁ । ମୂର୍ତି ନିର୍ମାଣ ପାଇଁ ଆବଶ୍ୟକ କଂଚାମାଲ ନଡ଼ା, ସୁତୁଳି, ବାଉଁଶ, ମାଟି, ରଙ୍ଗ ଓ ଠାକୁରଙ୍କ ବସ୍ତ୍ର ଆଦି ସରଞ୍ଜାମର ଦର ପୂର୍ବ ଅପେକ୍ଷା ଦୁଇଗୁଣ ବୃଦ୍ଧି ପାଇଛି । ସେହି ଅନୁପାତରେ ଗ୍ରାହକ ମୂଲ୍ୟ ଦେବାକୁ କୁଣ୍ଠାବୋଧ କରୁଛନ୍ତି । ଏଣୁ ମୂର୍ତି କାରିଗର ଏବେ ଚିନ୍ତାରେ ପଡ଼ିଛନ୍ତି । ବଜାରରେ ପ୍ଲାଷ୍ଟର ପ୍ୟାରିସ ମୂର୍ତିର ବହୁଳ ବିକ୍ରୟ ହେଉଥିବାରୁ ଛୋଟ ଛୋଟ ମୂର୍ତି ନିର୍ମାଣ କରୁଥିବା ମାଟି କାରିଗର ବସିଛନ୍ତି । ଫଳରେ ପ୍ଲାଷ୍ଟର ପ୍ୟାରିସ୍‌ର ଚାହିଦା ବଢ଼ିଥିବାବେଳେ ମୃଣ୍ମୟ ମୂର୍ତିର ଆଦର କମିଛି ।




# ମୋଦୀଙ୍କ ନୀତି : ଅସ୍ଥିରତାର ଯୁଗରେ ସ୍ଥିରତା

ୱିନ୍‌ଷ୍ଟନ୍ ଚର୍ଚ୍ଚିଲ୍ ଏକଦା ଭିକ୍ଟୋରିଆନ୍ ଯୁଗର ଶେଷ ଦଶକଗୁଡ଼ିକୁ "ମହାନ ବ୍ୟକ୍ତିତ୍ୱ ଓ କ୍ଷୁଦ୍ର ଘଟଣାବଳୀର ଯୁଗ" ଭାବେ ବର୍ଣ୍ଣନା କରିଥିଲେ । ଏହାର ବିପରୀତ ଚିତ୍ର ଉପସ୍ଥାପନ କରି ପଣ୍ଡିତ ଜବାହରଲାଲ ନେହରୁ ୧୯୫୯-୧୯୬୦ ମସିହାର ସମୟକୁ ଏପରି ଏକ ଯୁଗ ଭାବେ ବର୍ଣ୍ଣନା କରିଥିଲେ, ଯେତେବେଳେ ସାଧାରଣ ମଣିଷମାନେ ବଡ଼ ବଡ଼ ଘଟଣା ଓ ଗୁରୁତ୍ୱପୂର୍ଣ୍ଣ ନିଷ୍ପତିର ସମ୍ମୁଖୀନ ହେଉଥିଲେ । ଏକବିଂଶ ଶତାବ୍ଦୀର ଏକ-ଚତୁର୍ଥାଂଶ ସମୟ ବିତିଯାଇଛି ଏବଂ ଏହି ସମୟଖଣ୍ଡକୁ ବିଶାଳ ଘଟଣାବଳୀ ଦ୍ୱାରା ଚିହ୍ନିତ ଏକ ଯୁଗ ଭାବରେ ବର୍ଣ୍ଣନା କରାଯାଇପାରେ । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଏପରି ଦ୍ରୁତ ଅଗ୍ରଗତି ଘଟିଛି ଯାହା ସର୍ବୋତମ କଳ୍ପନାଶକ୍ତିକୁ ମଧ୍ୟ ଚକିତ କରିଦେବ; ଏହା ସହିତ ପୂର୍ବରୁ କେବେ ଦେଖାଯାଇନଥିବା ଅବକ୍ଷୟ ଓ ନୈତିକ ପତନ ମଧ୍ୟ ଦେଖିବାକୁ ମିଳିଛି । ଯୁଦ୍ଧ-ପରବର୍ତ୍ତୀ ବିଶ୍ୱ ମାନବ ଜୀବନର ଗୁଣବତା, ସମ୍ପଦ ଏବଂ ସାମଗ୍ରିକ ରାଜନୈତିକ ନୈତିକତାରେ ଅଭୂତପୂର୍ବ ଅଭିବୃଦ୍ଧି ଦେଖିବାକୁ ପାଇଥିଲା । ବିଶ୍ୱ ବ୍ୟବସ୍ଥା ଏକ-ମେରୁ ବିଶିଷ୍ଟ ହୋଇପଡ଼ିଥିଲା ଏବଂ ଯେତେବେଳେ ଲାଗିଲା ଯେ ଏହା ହିଁ ନୂତନ ବାସ୍ତବତା, ସେତେବେଳେ ଗତ ଦଶନ୍ଧିର ଘଟଣାବଳୀ ପୁନର୍ବାର ବିଶ୍ୱ ବ୍ୟବସ୍ଥାକୁ ବଦଳାଇ ଦେଲା । ଏହି ପରିବର୍ତ୍ତନଗୁଡ଼ିକ ଅବିରତ ଭୂକମ୍ପ ସଦୃଶ ଘଟଣା ପରି ଜାରି ରହିଛି, ଯାହା ପୂର୍ବରୁ ଦୃଢ଼ ବୋଲି ବିବେଚିତ ହେଉଥିବା ଭିତିଭୂମିକୁ ଦୋହଲାଇ ଦେଇଛି । ମହାମାରୀ, ୟୁକ୍ରେନ୍ ଯୁଦ୍ଧ ଏବଂ ବର୍ତ୍ତମାନ ଆମେରିକା-ଇରାନ ମଧ୍ୟରେ ସୃଷ୍ଟ ସଂଘର୍ଷ-ଯାହା ଆଇନ-ଶୃଙ୍ଖଳା ଉପରେ ଆଧାରିତ ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ପରିତ୍ୟାଗ କରି ଦଣ୍ଡମୂଳକ ଶୁଳ୍କର ଏକ ନୂତନ ଧାରା ଆପଣାଇଛି-ତାହା ଯୋଗାଣ ଶୃଙ୍ଖଳାକୁ ବିଛିନ୍ନ କରିବା ସହ ପଶ୍ଚିମ ଏସିଆରେ ଏକ କ୍ଷମତା ସଙ୍କଟ ସୃଷ୍ଟି କରିଛି; ଅନ୍ୟପକ୍ଷରେ, ୟୁରୋପ ଏପରି ଏକ ନୂତନ ରାଜନୈତିକ-ଅର୍ଥନୈତିକ ପରିସ୍ଥିତି ସହ ଖାପ ଖୁଆଇବା ପାଇଁ ସଂଘର୍ଷ କରୁଛି ଯେଉଁଠାରେ ସେମାନଙ୍କୁ ନିଜ ସମସ୍ୟାର ସମାଧାନ ନିଜେ କରିବାକୁ ପଡୁଛି । ଏହି ଅଶାନ୍ତ ସମୟ ମଧ୍ୟରେ ଭାରତ ସ୍ଥିରତାର ଏକ ଦ୍ୱୀପ ଏବଂ ଅଭିବୃଦ୍ଧିର ଏକ ଇଞ୍ଜିନ ଭାବରେ ଠିଆ ହୋଇଛି, ଏବଂ ଏକ ବିଶ୍ଳେଷଣ ଦେଖାଇବ ଯେ ଏହା ସମ୍ଭବ ହୋଇଥିଲା କାରଣ ଏହାର ରାଜନୈତିକ ନିରନ୍ତରତା ସହିତ ଦିଗଦର୍ଶନର ଏକ ଦୃଢ଼ ଭାବନା ରହିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦଶନ୍ଧିରୁ ଅଧିକ ନେତୃତ୍ୱର ପ୍ରଥମ ପରିଭାଷିତ ବୈଶିଷ୍ଟ୍ୟ ହେଉଛି ସ୍ଥିରତା ଏବଂ ରାଜନୈତିକ ନିରନ୍ତରତା ସହିତ ଜାତୀୟ ଦିଗଦର୍ଶନର ଏକ ସ୍ପଷ୍ଟ ଭାବନା ଯାହା ପାଶ୍ଚାତ୍ୟ ଗଣତନ୍ତ୍ରରେ ପ୍ରାୟତଃ ଅନୁପସ୍ଥିତ । ଗତ ବାର ବର୍ଷର ରାଜନୈତିକ ଦିଗକୁ ବିଚାର କରନ୍ତୁ । ଏହି ସମୟରେ ବ୍ରିଟେନରେ ୬ ଜଣ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଫ୍ରାନ୍ସରେ ୯ ଜଣ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ରାଷ୍ଟ୍ରପତି ମାକ୍ରୋନ୍ ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ତାଙ୍କର ଷଷ୍ଠ ପ୍ରଧାନମନ୍ତ୍ରୀ ଖୋଜୁଛନ୍ତି । ଜାପାନ ଏବଂ ଇଟାଲୀ ୫ ଜଣ ପ୍ରଧାନମନ୍ତ୍ରୀ ଦେଖିଛନ୍ତି । ଯୁକ୍ତରାଷ୍ଟ୍ର ଚାରିଟି ରାଷ୍ଟ୍ରପତି କାର୍ଯ୍ୟକାଳ ଏବଂ ଶାସନର ମୌଳିକ ତଥ୍ୟ ଉପରେ ସହମତ ନଥିବା ଦଳଗୁଡ଼ିକ ମଧ୍ୟରେ ଦୁଇଟି ହସ୍ତାନ୍ତର ଦେଇ ଗତି କରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱର ମୂଳଦୁଆ ହେଉଛି ସ୍ଥିରତା ଏବଂ ନୀତି ଯାହା ଏକ ଅଟଳ ବିଶ୍ୱାସ ଦ୍ୱାରା ପରିଚାଳିତ ଯାହା ଭାରତକୁ ଏହାର ଭିତିଭୂମି ଉପରେ ନିର୍ମାଣ କରିବାକୁ ପଡିବ, ଏବଂ ଏକ ଦୃଢ଼ ତଥା ସ୍ଥିର ଭାରତ ବିଦେଶରେ ଏକ ଅଧିକ ଆତ୍ମବିଶ୍ୱାସୀ ଏବଂ ସ୍ୱାୟତ ଭାରତ ସୃଷ୍ଟି କରେ । ଭାରତ ହେଉଛି ପରମ୍ପରା ଏବଂ ଶିକ୍ଷାର ଏକ ଶକ୍ତିଶାଳୀ ଭଣ୍ଡାର ସହିତ ଏକ ଦେଶ ଯାହା ସ୍ୱାଧୀନତା ପରବର୍ତ୍ତୀ ଦଶନ୍ଧି ଧରି ଉପନିବେଶବାଦର ଧ୍ୱଂସାବଶେଷ ତଳେ ପୋତି ହୋଇ ରହିଥିଲା । ସମସାମୟିକ ସମୟ ସହିତ ଅନୁକୂଳିତ ପ୍ରାଚୀନ ଭାରତୀୟ ଜ୍ଞାନ ଏକ ନୂତନ ମନ୍ତ୍ର ଭାବରେ କ୍ରମଶଃ ସ୍ପଷ୍ଟ ହେଉଛି ଯେଉଁଠାରେ ନୀତି, ନୈତିକତା ଏବଂ ଅବହେଳିତଙ୍କ ପ୍ରତି ସହାନୁଭୂତି ସମସାମୟିକ ପ୍ରତିଷ୍ଠାନର ମୂଳଦୁଆ ପାଲଟିଛି । ପ୍ରଯୁକ୍ତିବିଦ୍ୟାର ଅଗ୍ରଗତିକୁ ବ୍ୟବହାର କରି ଗରିବ ଲୋକଙ୍କ ପାଇଁ ସମୃଦ୍ଧି ଆଣିବା ଏବଂ ପ୍ରତ୍ୟେକ ଜିଜ୍ଞାସୁ ତଥା ସାହସିକ ଯୁବ ମନ ପାଇଁ ସୁଯୋଗ ସୃଷ୍ଟି କରିବା ରାଷ୍ଟ୍ର ନିର୍ମାଣର କେନ୍ଦ୍ରବିନ୍ଦୁ ପାଲଟିଛି । ନୂତନ ଭାରତୀୟ ପରିଚୟର ହୃଦୟରେ ଭାରତୀୟତାର ଏକ ଦୃଢ଼ ଭାବନା, ଯାହାର କୌଣସି ଅହଂକାରର ଉପାଦାନ ବିନା ଗୌରବର ଭାବନା, ଏବଂ ଏକ ବିଶ୍ୱାସ ଯେ ଆଜିର ସ୍ୱପ୍ନ ଆଗାମୀ ଦିନର ବାସ୍ତବତା ହେବ । ଭାରତ ଏକ ଶକ୍ତିଶାଳୀ, ସ୍ଥିର ଏବଂ ଆତ୍ମବିଶ୍ୱାସୀ ରାଷ୍ଟ୍ରରେ ପରିଣତ ହେବ ଯାହା ମୋଦି ସିଦ୍ଧାନ୍ତର ହୃଦୟରେ ରହିଛି । ଏପରି ଏକ ଦଶନ୍ଧିରେ ଯେଉଁଠାରେ ଗଣତାନ୍ତ୍ରିକ ବିଶ୍ୱର ମୁଖ୍ୟ ରାଜନୈତିକ ବୈଶିଷ୍ଟ୍ୟ ହେଉଛି ଏକ ନୂତନ ପରିଚୟର ଅନ୍ୱେଷଣ, ସେଠାରେ ପ୍ରଧାନ ମନ୍ତ୍ରୀ ମୋଦୀ ଭାରତକୁ ଏପରି କିଛି ପ୍ରଦାନ କରିଛନ୍ତି ଯାହା ପାଇଁ ଉଭୟ ମିତ୍ର ଓ ପ୍ରତିଦ୍ୱନ୍ଦ୍ୱୀ ଈର୍ଷାନ୍ୱିତ ହୁଅନ୍ତି: ତାହା ହେଲା ସ୍ଥିରତା ଓ ନିରନ୍ତରତା । ଅନ୍ୟତ୍ର, ସରକାର ଗୁଡ଼ିକ ସେହି ସଙ୍କଟଗୁଡ଼ିକର ମୁକାବିଲା କରିବା ସମୟରେ ହିଁ ଭୁଶୁଡ଼ି ପଡ଼ିଛନ୍ତି, ଯାହାର ସମାଧାନ ପାଇଁ ସେମାନେ ନିର୍ବାଚିତ ହୋଇ ଥିଲେ । ତଥାପି, ଭାରତ ଏହି ସଙ୍କଟଗୁଡ଼ିକର ମୁକାବିଲା ଜଣେ ଦୃଢ଼ ଯୋଦ୍ଧା ଭଳି କରିଛି-ଯିଏ ନିଜର ଲକ୍ଷ୍ୟସ୍ଥଳ ଅଭିମୁଖେ ଯାତ୍ରା କରିବା ସମୟରେ ପଥର ଆହ୍ୱାନ ଦ୍ୱାରା କଦାପି ବିଚଳିତ ହୁଏ ନାହିଁ । ଏହି ସ୍ଥିରତାର ମୂଳାଧାର ଏକ ସରଳ ନୀତି ଉପରେ ପର୍ଯ୍ୟବେଷିତ, ଯାହାକୁ ପ୍ରଧାନମନ୍ତ୍ରୀ ୨୦୧୪ ମସିହାରୁ କ୍ରମାଗତ ଭାବେ ଦୋହରାଇ ଆସୁଛନ୍ତି: ଭାରତର ନିଷ୍ପତିଗୁଡ଼ିକ ବାହ୍ୟ ଚାପ ବଦଳରେ ଜାତୀୟ ସ୍ୱାର୍ଥ ଦ୍ୱାରା ପରିଚାଳିତ ହେବ । ବାସ୍ତବରେ, ଭାରତର ସ୍ୱାର୍ଥ ସେହି ଭାରତୀୟମାନଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ, ଯେଉଁମାନେ ଦେଶକୁ ଭଲ ଭାବରେ ଜାଣନ୍ତି ତଥା ଏହାର ବିବିଧତା ଓ ଜଟିଳତାକୁ ବୁଝନ୍ତି । ଏହାର ଏକ ଉଦାହରଣ ହେଉଛି କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀର ସଦସ୍ୟତା ବଦଳରେ କାର୍ଯ୍ୟ କରିବାର ସ୍ୱାଧୀନତା ଉପରେ ଆଧାରିତ ବୈଦେଶିକ ନୀତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ଭାରତ ଋଷ ସହିତ ନିଜର ଐତିହାସିକ ସମ୍ପର୍କ ବଜାୟ ରଖିବା ସହିତ ଆମେରିକା ସହ ଭାଗୀଦାରୀକୁ ମଧ୍ୟ ସୁଦୃଢ଼ କରିଛି । ଏହା 'କ୍ୱାଡ୍'ର ସଦସ୍ୟ ହେବା ସହ 'ବ୍ରିକ୍ସ'ରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଇସ୍ରାଏଲ୍ ସହିତ ଘନିଷ୍ଠ ରଣନୈତିକ ସମ୍ପର୍କ ସ୍ଥାପନ କରିବା ସହିତ ସାଉଦି ଆରବ, ୟୁଏଇ ଏବଂ ବ୍ୟାପକ ଆରବ ଜଗତ ସହ ସମ୍ପର୍କକୁ ମଜବୁତ କରିଛି; ଓ ତେହେରାନ ସହିତ ଆଲୋଚନାର ମାର୍ଗ ମଧ୍ୟ ଖୋଲା ରଖିଛି । ଏହି ସ୍ପଷ୍ଟ ବିରୋଧାଭାସଗୁଡ଼ିକୁ ଚଲାଇବାରେ ଭାରତର କ୍ଷମତା ଏହାର ବନ୍ଧୁ ଏବଂ ଶତ୍ରୁ ଉଭୟଙ୍କ ଦ୍ୱାରା ସ୍ୱୀକୃତିରୁ ଉତ୍ପନ୍ନ ହୋଇଛି ଯେ ଭାରତୀୟ ବୈଦେଶିକ ନୀତି ଭାଗ୍ୟ କିମ୍ବା ପ୍ରତିକୂଳତାର ପରିସ୍ଥିତି ଦ୍ୱାରା ବିଚଳିତ ହେବ ନାହିଁ । ଏହା ରାଜନୈତିକ ସ୍ଥିରତାର ଏକ ଲାଭ ଯାହାକୁ ପ୍ରାୟତଃ ଅଣଦେଖା କରାଯାଏ । ଭାରତର 'ଲାଲ ରେଖା' ସ୍ପଷ୍ଟ ଭାବରେ ପରିଭାଷିତ; ସେଗୁଡ଼ିକ ରାଜନୈତିକ ସୁବିଧା ଉପରେ ନିର୍ଭରଶୀଳ ନୁହେଁ କିମ୍ବା ନିର୍ବାଚନ ଚକ୍ର ସହିତ ପରିବର୍ତ୍ତନର ବିଷୟ ନୁହେଁ । ସେମାନେ ଜାଣନ୍ତି ଯେ ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିଶ୍ରୁତି ଦିଅନ୍ତି, ସେତେବେଳେ ପ୍ରତିଶ୍ରୁତି ଖବର ଚକ୍ରକୁ ପଛରେ ପକାଇ ଦିଏ । ପ୍ରଧାନମନ୍ତ୍ରୀ ମୋଦୀ ନିରନ୍ତର ଭାବରେ ଭାରତର ସ୍ଥିରତାକୁ ଗ୍ଲୋବାଲ୍ ସାଉଥ୍ ପାଇଁ ଏକ ପ୍ଲାଟଫର୍ମରେ ପରିଣତ କରିଛନ୍ତି, ଯେତେବେଳେ ଧନୀ ରାଜ୍ୟଗୁଡ଼ିକ ଡୋଜ୍ ଗଚ୍ଛିତ କରୁଥିଲେ ସେତେବେଳେ ଟୀକା ମୈତ୍ରୀ ଅଧୀନରେ ଶହେରୁ ଅଧିକ ଦେଶକୁ ଟୀକା ଯୋଗାଇଛନ୍ତି, ସେହି ଦେଶଗୁଡ଼ିକର ଚିନ୍ତାକୁ ଅଣଦେଖା କରିଥିବା ମଂଚରେ ପହଂଚାଇବା ପାଇଁ ଭଏସ୍ ଅଫ୍ ଗ୍ଲୋବାଲ୍ ସାଉଥ୍ ଶିଖର ସମ୍ମିଳନୀ ଆୟୋଜନ କରିଛନ୍ତି, ଏବଂ ଭାରତର ଅଧ୍ୟକ୍ଷତା ସମୟରେ ଜି୨୦ ରେ ଆଫ୍ରିକୀୟ ୟୁନିଅନର ସ୍ଥାୟୀ ଆସନ ସୁରକ୍ଷିତ କରିଛନ୍ତି । ମହାମାରୀ ଆଘାତର ମୁକାବିଲା ଏହି ଧାନର ଲାଭର ଏକ ଉଲ୍ଲେଖନୀୟ ଉଦାହରଣ ହେଉଛି ମହାମାରୀ ସମୟରେ ଭାରତ କିପରି ଅର୍ଥନୀତିକୁ ଗତିଶୀଳ କରିଥିଲା । ଯେତେବେଳେ ବିକଶିତ ବିଶ୍ୱର ଅଧିକାଂଶ ଲୋକ ଅନ୍ଧ ଭାବରେ ଅର୍ଥନୀତିରେ ନଗଦ ପମ୍ପିଂ କରି ପ୍ରତିକ୍ରିୟା ଦେଇଥିଲେ, ପ୍ରଧାନ ମନ୍ତ୍ରୀ ମୋଦୀ ଦୀର୍ଘକାଳୀନ ଢାଂଚାଗତ ସଂସ୍କାରକୁ ଆଗକୁ ବଢାଇବା ସହିତ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ମାଧ୍ୟମରେ ଗରିବଙ୍କୁ ସୁରକ୍ଷା ଦେବା ଉପରେ ଧ୍ୟାନ ଦେଇଥିଲେ । ଯଦିଓ ୨୦ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ଭାରତ ପ୍ୟାକେଜ ଆଘାତ ସମୟରେ ସମର୍ଥନ ପ୍ରଦାନ କରିଥିଲା, ସରକାର ଭାରତର ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ବାଧାକୁ ବ୍ୟବହାର କରିଥିଲେ । ମହାମାରୀ ସମୟରେ ପିଏଲଆଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଥିଲା, ଯାହା ବିଶ୍ୱ ଯୋଗାଣ-ଶୃଙ୍ଖଳ ଦୁର୍ବଳତାର ଏକ ମୁହୂର୍ତ୍ତକୁ ଘରୋଇ ଉତ୍ପାଦନ ବିସ୍ତାର କରିବାର ସୁଯୋଗରେ ପରିଣତ କରିଥିଲା । ଉଦ୍ୟୋଗୀ ଅର୍ଥନୀତି ମଧ୍ୟ ଗତିଶୀଳ ହୋଇ ଚାଲିଥିଲା । ବ୍ୟବସାୟଗୁଡ଼ିକ ପାଇଁ, ବିଶେଷକରି ଏମଏସଏମଇ ପାଇଁ, ମୋଦୀ ସରକାର ୩ ଲକ୍ଷ କୋଟି ଟଙ୍କାର ଜରୁରୀକାଳୀନ କ୍ରେଡିଟ୍ ଲାଇନ ଗ୍ୟାରେଂଟି ଯୋଜନା ପ୍ରଚଳନ କରିଥିଲେ, ଯେତେବେଳେ ଆର୍ଥିକ କାର୍ଯ୍ୟକଳାପ ହଠାତ୍ ବାଧାପ୍ରାପ୍ତ ହୋଇଥିଲା ସେତେବେଳେ ତରଳତା ପ୍ରଦାନ କରିଥିଲେ । ଏକ ବ୍ୟାପକ ଟିକାକରଣ ଅଭିଯାନ ଆରମ୍ଭ କରାଯାଇଥିଲା । ସମାଲୋଚକ ଏବଂ ଦେଶର ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହି ସୁରକ୍ଷାମୂଳକ ପଦକ୍ଷେପକୁ କାର୍ଯ୍ୟକାରୀ କରିବା ଦିଗରେ ଭାରତର କ୍ଷମତା ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ ଟିକା ତଥା ଏହାର ବ[ନକୁ ନେଇ ନକାରାତ୍ମକ ମନୋଭାବ ବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ସର୍ବସାଧାରଣରେ ପ୍ରଥମ ଥର ପାଇଁ ଏକ ଭାରତୀୟ ନିର୍ମିତ ଟୀକା ଗ୍ରହଣ କରିଥିଲେ, ଯାହା ଭାରତୀୟ ଔଷଧ ଶିଳ୍ପର ଦକ୍ଷତାର ଏକ ଶକ୍ତିଶାଳୀ ସମର୍ଥନ ଏବଂ ଦେଶକୁ ଆତ୍ମବିଶ୍ୱାସ ପ୍ରଦାନ କରିବାର ଏକ ଦୃଢ଼ ବାର୍ତ୍ତା ଥିଲା । ଏହା ପରେ, ଭାରତ ମାତ୍ର ୧୮ ମାସରେ ୨୦୦ କୋଟି ଡୋଜ୍ ସୀମା ଅତିକ୍ରମ କରିଥିଲା । ଏକ ସଙ୍କଟର ମୁକାବିଲା ଭାବେ ଆରମ୍ଭ ହୋଇଥିବା ପ୍ରୟାସ କ୍ରମେ ପୁନରୁଦ୍ଧାର ଓ ସଂସ୍କାର ପାଇଁ ଏକ ମଂଚରେ ପରିଣତ ହେଲା । ଜି୨୦ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତର ପୁନରୁଦ୍ଧାର ପ୍ରକ୍ରିୟା ସବୁଠାରୁ ଶକ୍ତିଶାଳୀ ଥିଲା । ଏଭଳି କଠିନ ସମୟରେ ସ୍ଥିରତା ବଜାୟ ରଖିବାର ଅର୍ଥ କେବଳ ଶତାବ୍ଦୀରେ ଥରେ ଆସୁଥିବା ଏକ ବଡ଼ ଧରଣର ଝଟକାକୁ ସମ୍ଭାଳି ନେବା ନୁହେଁ, ବରଂ ପୁନରୁଦ୍ଧାର, ସଂସ୍କାର ଏବଂ ଆଗକୁ ବଢ଼ିବାର କ୍ଷମତାକୁ ଅକ୍ଷୁର୍ଣ୍ଣ ରଖିବା ମଧ୍ୟ ଥିଲା । ଭାରତର ସ୍ଥିରତା ଓ ସାମର୍ଥ୍ୟ ଉପରେ ବିଶ୍ୱସ୍ତରୀୟ ଆସ୍ଥା ସ୍ଥିରତା ବିଶ୍ୱସନୀୟତା ସୃଷ୍ଟି କରେ ଏବଂ ଯେତେବେଳେ ଅନ୍ୟମାନେ ଏହା ଉପରେ ଭରସା କରିବାକୁ ଆଗ୍ରହୀ ହୁଅନ୍ତି, ସେତେବେଳେ ଏହି ତଥ୍ୟ ପ୍ରମାଣିତ ହୁଏ । ବିଶ୍ୱସ୍ତରୀୟ ନିବେଶକଙ୍କ ପାଇଁ, ପ୍ରଧାନମନ୍ତ୍ରୀ ମୋଦୀ ନିଜେ ନିଃସନ୍ଦେହରେ ସେହି ସ୍ଥିରତାର ପ୍ରତୀକ ଅଟନ୍ତି । ଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସେ ଏହି ସ୍ଥିରତା ବଜାୟ ରଖିଛନ୍ତି, ରାଜନୈତିକ ନିରନ୍ତରତା ସୁନିଶ୍ଚିତ କରିଛନ୍ତି ଏବଂ ଏକ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛନ୍ତି ଯେ ଭାରତ ଦୀର୍ଘକାଳୀନ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ ଅଛି । ସେପ୍ଟେମ୍ବର ୨୦୨୬ରେ ବିଦେଶୀ ମୁଦ୍ରା ଭଣ୍ଡାର ୭୮୦ ବିଲିୟନ ଡଲାରର ରେକର୍ଡ ସୀମା ଅତିକ୍ରମ କରିବା କେବଳ ଏକ ଆର୍ଥିକ ମାଇଲଖୁଂଟ ନଥିଲା; ବରଂ ପ୍ରଧାନମନ୍ତ୍ରୀ ମୋଦୀ ବର୍ଷ ବର୍ଷ ଧରି ଗଢ଼ି ତୋଳିଥିବା ଶକ୍ତି ଓ ଦୃଢ଼ତାର ପ୍ରତି ବିଶ୍ୱ ସମ୍ପ୍ରଦାୟର ଏକ ଦୃଢ଼ ସ୍ୱୀକୃତି ଥିଲା । ଏହି ଆତ୍ମବିଶ୍ୱାସ ସ୍ୱାଧୀନ ମୂଲ୍ୟାଙ୍କନଗୁଡ଼ିକରେ ମଧ୍ୟ କ୍ରମଶଃ ପ୍ରତିଫଳିତ ହେଉଛି । ୨୦୨୫ ଅଗଷ୍ଟରେ ଏସ୍ ଆଣ୍ଡ ପି ଗ୍ଲୋବାଲ୍ ରେଟିଂସ୍ ୧୮ ବର୍ଷ ପରେ ପ୍ରଥମ ଥର ପାଇଁ ଭାରତର ସାର୍ବଭୌମ ଋଣ ରେଟିଂକୁ ବିବିବି-ରୁ ବିବିବିକୁ ଉନ୍ନୀତ କରିଥିଲା । ଏହାପରେ, ୨୦୨୬ ସେପ୍ଟେମ୍ବରରେ ଜାପାନ କ୍ରେଡିଟ୍ ରେଟିଂ ଏଜେନ୍ସି ୩୦ ବର୍ଷ ପରେ ଭାରତର ସାର୍ବଭୌମ ଋଣ ରେଟିଂକୁ 'ଏ' ଶ୍ରେଣୀକୁ ଉନ୍ନୀତ କରିଥିଲା । ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱ ନେତାମାନଙ୍କ ସହିତ ତାଙ୍କର ସମ୍ପର୍କର ଏକ ମୁଖ୍ୟ ଅଂଶ ଅର୍ଥନୈତିକ କୂଟନୀତି କରିଛନ୍ତି, ଭାରତର ରାଜନୈତିକ ସମ୍ପର୍କକୁ ବ୍ୟବହାର କରି ଗଭୀର ବାଣିଜ୍ୟିକ ସହଭାଗୀତା ପାଇଁ ଦ୍ୱାର ଖୋଲିଛନ୍ତି । ୩୮ ଟି ଦେଶରେ ବିସ୍ତୃତ ୯ ଟି ଏଫଟିଏ ଭାରତୀୟ ଅର୍ଥନୀତି ସହିତ ଅଧିକ ଘନିଷ୍ଠ ଭାବରେ ସମନ୍ୱିତ ହେବାର ବର୍ଦ୍ଧିତ ଇଚ୍ଛାକୁ ପ୍ରତିଫଳିତ କରେ । ଏକତ୍ରିତ ଭାବରେ, ଏଗୁଡ଼ିକ ଅର୍ଥନୈତିକ ପରିସଂଖ୍ୟାନଠାରୁ ଅଧିକ । କମ୍ପାନୀ, ବଜାର, ମୂଲ୍ୟାଙ୍କନ ଏଜେନ୍ସି ଏବଂ ସରକାର ଭାରତ ଉପରେ ଦୀର୍ଘକାଳୀନ ବିଶ୍ୱାସ ସ୍ଥାପନ କରୁଛନ୍ତି । ସ୍ଥିରତାର ଅର୍ଥନୀତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୀର୍ଘ ସ୍ଥାୟୀ ରାଜନୈତିକ ଓ ନୀତିଗତ ସ୍ଥିରତା ଭାରତକୁ ଏପରି ବୃହତ ପ୍ରକଳ୍ପ ଆରମ୍ଭ ଓ ସମ୍ପନ୍ନ କରିବାକୁ ସକ୍ଷମ କରିଛି, ଯାହାକୁ



ଶ୍ରୀ ହରିଶ ସାଲଭେ

ସଫଳ ରୂପ ଦେବା ପାଇଁ ବର୍ଷ ବର୍ଷ କିମ୍ବା ଦଶନ୍ଧି ସମୟ ଲାଗିପାରେ । ଏଗୁଡ଼ିକ ହେଉଛି ସେହିପରି ଦୀର୍ଘମିଆଦୀ ଓ ମହତ୍ୱାକାଂକ୍ଷୀ ପ୍ରୟାସ, ଯାହାକୁ ବାରମ୍ବାର ନେତୃତ୍ୱ ପରିବର୍ତ୍ତନ କିମ୍ବା ସ୍ୱଳ୍ପମିଆଦୀ ରାଜନୈତିକ ଚାପର ସମ୍ମୁଖୀନ ହେଉଥିବା ସରକାରଗୁଡ଼ିକ ପ୍ରାୟତଃ ବଜାୟ ରଖିବାରେ ବିଫଳ ହୁଅନ୍ତି । ଠିକ୍ ଏହି ସ୍ଥିରତା ହିଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭବିଷ୍ୟତର ଶିଳ୍ପ କ୍ଷେତ୍ର ଆଡ଼କୁ ଦୃଢ଼ ଭାବରେ ଅଗ୍ରସର କରାଇବାରେ ସକ୍ଷମ କରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ କାର୍ଯ୍ୟକାଳର ସ୍ଥିରତା ହେଉଛି ସେହି ମୁଖ୍ୟ କାରଣ ଯାହା ଦଶନ୍ଧି ଧରି ଚାଲିବାକୁ ଥିବା ମିଶନ୍ଗୁଡ଼ିକୁ ସମ୍ପନ୍ନ କରିବାରେ ସହାୟକ ହୋଇଛି । 'ସେମିକନ୍ ଇଣ୍ଡିଆ' ପଦକ୍ଷେପ ଅଧୀନରେ ୧୨ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି ଏବଂ ସେଥିମଧ୍ୟରୁ ତିନୋଟିରେ ଉତ୍ପାଦନ କାର୍ଯ୍ୟ ଆରମ୍ଭ ହୋଇସାରିଛି । ୧୯,୦୦୦ କୋଟି ଟଙ୍କାର 'ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍' ୨୦୩୦ ସୁଦ୍ଧା ବାର୍ଷିକ ୫ ନିୟୁତ ଟନ୍ ହାଇଡ୍ରୋଜେନ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି ଏବଂ ଭାରତ ବର୍ତ୍ତମାନ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ହାଇଡ୍ରୋଜେନ୍ ଟ୍ରେନ୍ ପରିଚାଳନା କରୁଛି । 'ନ୍ୟୁକ୍ଲିୟର୍ ଏନର୍ଜି ମିଶନ୍' ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖିଛି; ଏଥିପାଇଁ 'ସ୍ମଲ୍ ମଡ୍ୟୁଲାର୍ ରିଆକ୍ଟର' ରେ ୨୦,୦୦୦ କୋଟି ଟଙ୍କା ନିବେଶ କରାଯାଉଛି ଏବଂ 'ଶାନ୍ତି ଆକ୍ଟ' ମାଧ୍ୟମରେ ଏହି କ୍ଷେତ୍ରକୁ ଘରୋଇ କମ୍ପାନୀଗୁଡ଼ିକ ପାଇଁ ଖୋଲା ଯାଇଛି । ସମ୍ବାଦ ଜଗତରେ ସାଧାରଣତଃ 'ଖରାପ ଖବର ହିଁ ଭଲ ଖବର' ବୋଲି ଏକ ଧାରଣା ପ୍ରଚଳିତ ରହିଛି-ଅନ୍ତତଃ ପକ୍ଷେ ସେମାନଙ୍କ ପାଇଁ ଯେଉଁମାନେ ଖବର ପ୍ରସାରଣ କରନ୍ତି । ବର୍ତ୍ତମାନର ସମୟ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ; ସମଗ୍ର ବିଶ୍ୱ ଭଳି ଭାରତ ମଧ୍ୟ ଅସ୍ଥିର ରାଜନୈତିକ ମେଂଟ, ଯୁଦ୍ଧ, ଅନ୍ତର୍ଜାତୀୟ ବ୍ୟବସ୍ଥାର ଭୁଶୁଡ଼ି ପଡ଼ିବା ଏବଂ ଅନିଶ୍ଚିତ ଅର୍ଥନୈତିକ ପଦକ୍ଷେପ ଭଳି ସମସ୍ୟାଗୁଡ଼ିକର ମୁକାବିଲା କରୁଛି । ଏଭଳି ସମୟରେ, ନିଜର ଶକ୍ତି ଓ ସୁବିଧାଗୁଡ଼ିକୁ ଚିହ୍ନିବା ଅତ୍ୟନ୍ତ ଆଶ୍ୱସ୍ତିକର ଏବଂ ଏକ ଦୃଢ଼ ଆଶାବାଦର ଉତ୍ସ ହୋଇପାରେ । ଆଜି ଭାରତର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ରାଜନୈତିକ ସ୍ଥିରତା ଏବଂ 'ମୋଦୀ ନୀତି' ଦ୍ୱାରା ନିର୍ଦ୍ଧାରିତ ବିକାଶ ଓ ଅଗ୍ରଗତିର ପଥ । ଯଦିଓ ଆମକୁ ଏବେ ମଧ୍ୟ ଏକ ଦୀର୍ଘ ପଥ ଅତିକ୍ରମ କରିବାକୁ ବାକି ଅଛି, ତଥାପି 'ମୋଦୀ ନୀତି' ସେହି ମାର୍ଗଦର୍ଶିକା ପ୍ରଦାନ କରେ ଯାହା ଆମକୁ ୧୪୦ କୋଟି ଭାରତୀୟଙ୍କ ପାଇଁ ନ୍ୟାୟର ସାମ୍ବିଧାନିକ ଲକ୍ଷ୍ୟ ତଥା ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ନ୍ୟାୟକୁ ବୁଝାଏ ତାହା ହାସଲ କରିପାରିବା ।

***(ଲେଖକ ଭାରତର ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଏବଂ ଭାରତର ପୂର୍ବତନ ସଲିସିଟର ଜେନେରାଲ)***

# ନରେନ୍ଦ୍ର ମୋଦୀ କାହିଁକି ଅପରାଜେୟ

ବିଗତ ୨୫ ବର୍ଷ ଧରିପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସୁଦୃଢ଼ ଓ ନିରନ୍ତର ଅର୍ଥନୈତିକ ପ୍ରଗତି ହାସଲ କରିବା ଠାରୁ ଆରମ୍ଭ କରି କେନ୍ଦ୍ର ଓ ଅନେକ ରାଜ୍ୟରେ ତିନି ତିନି ଥର ନିର୍ବାଚନ ଜିତିବା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଆସିଛନ୍ତି । ଏହି ସଫଳତାଗୁଡ଼ିକ ପଛରେ ମୋଦୀଜୀଙ୍କ ବ୍ୟକ୍ତିତ୍ୱ ତଥା ତାଙ୍କର ପରିଚାଳନାଗତ, ମାନବୀୟ ଏବଂ ଆଧ୍ୟାତ୍ମିକ ଗୁଣାବଳୀ ନିହିତ ରହିଛି । ୨୦୦୧ ମସିହାରେ ଯେତେବେଳେ ସେ ପ୍ରଥମ ଥର ପାଇଁ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ, ସେବେଠାରୁ ମୁଁ ରାଜ୍ୟ ତଥା କେନ୍ଦ୍ରସ୍ତରରେ ତାଙ୍କ ସହିତ କାମ କରିବାର ସୁଯୋଗ ପାଇଛି । ମୁଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ତାଙ୍କ ସହିତ ଗୋଟିଏ ବର୍ଷ ପାଇଁ ଅତିରିକ୍ତ ପ୍ରମୁଖ ସଚିବ ଏବଂ ତା'ପରେ ଦୁଇ ବର୍ଷ ପାଇଁ ପ୍ରମୁଖ ସଚିବ ଭାବରେ କାର୍ଯ୍ୟ କରିଛି । ଏହା ମୋତେ ତାଙ୍କର ଅନେକ ମହାନ୍ ଗୁଣକୁ ଅତି ନିକଟରୁ ଲକ୍ଷ୍ୟ କରିବାର ସୁଯୋଗ ଦେଇଥିଲା । ଆସନ୍ତୁ, ପ୍ରଥମେ ତାଙ୍କର ପରିଚାଳନାଗତ ଗୁଣ ବିଷୟରେ ସମ୍ୟକ୍ ଆଲୋଚନା କରିବା । ପ୍ରଥମତଃ, ସେ ସର୍ବଦା ଦେଶ ପାଇଁ ଏକ ଦୂରଗାମୀ ଦୃଷ୍ଟିକୋଣ ରଖି ଚିନ୍ତା କରିଥାଆନ୍ତି । ତାଙ୍କର ଦୀର୍ଘମିଆଦୀ ଦୃଷ୍ଟିକୋଣ ଗ୍ରହଣ କରିବାର କ୍ଷମତା ହିଁ ତାଙ୍କୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର କରିଥାଏ । ଦ୍ୱିତୀୟତଃ, ସେ ସମସ୍ତଙ୍କ କାର୍ଯ୍ୟକୁ ନିରୀକ୍ଷଣ କରିଥାଆନ୍ତି, ଲୋକମାନଙ୍କ କଥା ମନ ଧ୍ୟାନ ଦେଇ ଶୁଣନ୍ତି ଏବଂ ସେମାନଙ୍କ ଠାରୁ ଶିକ୍ଷାଲାଭ କରିଥାଆନ୍ତି । ମୋର ଭଲ ଭାବରେ ସ୍ମରଣ ଅଛି ଯେ କେନ୍ଦ୍ରୀୟ ବଜେଟ୍ ପ୍ରସ୍ତୁତି ବୈଠକ ସମୟରେ ସେ ଅର୍ଥ ମନ୍ତ୍ରଣାଳୟର ପ୍ରତ୍ୟେକ ବିଭାଗର ଉପସ୍ଥାପନାକୁ ଘଂଟା ଘଂଟା ଧରି ମନୋଯୋଗ ସହକାରେ ଶୁଣୁଥିଲେ ଏବଂ ତା'ପରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବ୍ୟାପକ ଆଲୋଚନା ପରେ ନିଜର ଚୂଡ଼ାନ୍ତ ମତାମତ ପ୍ରଦାନ କରୁଥିଲେ । ତୃତୀୟତଃ, ସେ 'ଆୟୁଷ', ଆଦିବାସୀ ବିକାଶ କିମ୍ବା କ୍ରୀଡ଼ା ମନ୍ତ୍ରଣାଳୟ ସମେତ ପ୍ରତ୍ୟେକ ମନ୍ତ୍ରଣାଳୟର କାର୍ଯ୍ୟର ନିରନ୍ତର ଭାବରେ ସମୀକ୍ଷା କରୁଥିଲେ । ଏହି ବୈଠକଗୁଡ଼ିକରେ ସେ ସେମାନଙ୍କୁ ନୂତନ ଓ ଉନ୍ନତ ଦୃଷ୍ଟିକୋଣ ତଥା ପ୍ରେରଣାଦାୟୀ ପରାମର୍ଶମାନ ପ୍ରଦାନ କରୁଥିଲେ । ଚତୁର୍ଥତଃ, ସେ ଗୁଜୁରାଟରେ ଉଚ୍ଚସ୍ତରୀୟ ପରିଚାଳନା ବର୍ଗଙ୍କ ପାଇଁ 'ଚିନ୍ତନ ଶିବିର' ଆକାରରେ ବାର୍ଷିକ ସମ୍ମିଳନୀ ଆୟୋଜନ କରିବାର ସର୍ବୋତମ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ଯାହାକି ପରେ କେନ୍ଦ୍ରକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ସମ୍ମିଳନୀ ଭାବରେ ସମ୍ପ୍ରସାରିତ ହୋଇଥିଲା । ଗୁଜୁରାଟରେ ଅନୁଷ୍ଠିତ ପ୍ରଥମ 'ଚିନ୍ତନ ଶିବିର'ରେ ତାଙ୍କର ସମାପନ ଭାଷଣ ମୋର ମନେ ଅଛି; ସେଥିରେ ସେ ବଂଚିତ ବର୍ଗର ଲୋକଙ୍କ ଦୁଃଖ-ଯନ୍ତ୍ରଣାକୁ ଏତେ ଭାବପୂର୍ଣ୍ଣ ଭାବେ ବର୍ଣ୍ଣନା କରିଥିଲେ ଯେ ଅଧିକାଂଶ ଅଧିକାରୀ ଓ ମନ୍ତ୍ରୀଙ୍କ ଆଖିରେ ଲୁହ ଆସିଯାଇଥିଲା । ନିଜ ଦଳର ସଦସ୍ୟଙ୍କ ପ୍ରତି ତାଙ୍କର ମାନବୀୟ ସମ୍ବେଦନଶୀଳତା ମଧ୍ୟ ସମାନ ଭାବେ ସଦାସର୍ବଦା ପ୍ରଭାବଶାଳୀ ରହିଆସିଛି । ଯେତେବେଳେ ସେ କାହାର ଅସୁସ୍ଥତା ବିଷୟରେ ଶୁଣନ୍ତି କିମ୍ବା କାହାର କୌଣସି ବିଶେଷ ଉତ୍ସବ ବା ଅବସର ଆସେ, ସେତେବେଳେ ସେ ସେହି ଅଧିକାରୀ କିମ୍ବା ରାଜନୈତିକ କର୍ମୀଙ୍କୁ ଫୋନ୍ କରି ସେମାନଙ୍କର କିମ୍ବା ସେମାନଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝନ୍ତି । ଅଧିକନ୍ତୁ ଜଣେ ବ୍ୟକ୍ତି ଭାବରେ ତାଙ୍କୁ ଯାହା ଅସାଧାରଣ ଭାବରେ ଉପସ୍ଥାପନ କରିଥାଏ, ତାହା ହେଉଛି ସାକ୍ଷାତ ହୋଇଥିବା ଲୋକଙ୍କ ନାମ ସ୍ମରଣ ରଖିବାର କ୍ଷମତା । ଯଦିଚ ସେମାନଙ୍କ ସହ ବହୁ ବର୍ଷ ପରେ ପୁନର୍ବାର ସାକ୍ଷାତ ହୁଏ, ସେ ତାଙ୍କର ନାମକୁ ଅତି ସହଜରେ ମନେପକାଇ ପାରିଥାଆନ୍ତି । ସାଧାରଣ ଲୋକମାନେ ଏଥିରେ ଅତ୍ୟନ୍ତ ପ୍ରଭାବିତ ହୁଅନ୍ତି । ଏହା ତାଙ୍କର ଏକ ସ୍ୱାଭାବିକ ବା ସହଜାତ କ୍ଷମତା । ମୋଦୀଜୀଙ୍କ ବ୍ୟକ୍ତିତ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ତାଙ୍କର ଆଧ୍ୟାତ୍ମିକ ଗୁଣ । ତାଙ୍କର କାର୍ଯ୍ୟ ପ୍ରତି ଆଭିମୁଖ୍ୟ ଏବଂ ଜୀବନରେ ଭଲ କିମ୍ବା ଖରାପ ଫଳାଫଳକୁ ଗ୍ରହଣ କରିବାର ପଦ୍ଧତି ଭଗବଦ୍ ଗୀତାରେ ପରିଭାଷିତ କର୍ମଯୋଗର ପ୍ରତିଫଳନ । ପ୍ରଥମତଃ, ସେ ଯେକୌଣସି କାର୍ଯ୍ୟ କରନ୍ତି ସେଥି ନିମନ୍ତେ ସେ ଗୁଣାତ୍ମକ କଠିନ ପରିଶ୍ରମ କରନ୍ତି । ସେ କଦାଚିତ୍ କୌଣସି ଜିନିଷକୁ ହାଲୁକା କିମ୍ବା ଖାମଖିଆଲ ଭାବରେ ଗ୍ରହଣ କରନ୍ତି ନାହିଁ । ସେ ଯାହା କରନ୍ତି, ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ବର୍ତ୍ତମାନର କାର୍ଯ୍ୟ ଉପରେ ଥାଏ । ଗୁଣବତା ସହିତ କୌଣସି ପ୍ରକାର ସାଲିସ ସେ କେବେ କରିବାର ନଜିର ନାହିଁ । ଯେତେବେଳେ ତାଙ୍କ ପ୍ରୟାସର ଫଳାଫଳ ଉତ୍କୃଷ୍ଟ ହୁଏ, କିନ୍ତୁ ସେଥିରେ ସେ ନମ୍ର ଓ ନିରବ ରୁହନ୍ତି । ଏହା ତାଙ୍କୁ ଆତ୍ମସନ୍ତୋଷ କିମ୍ବା ଅହଂକାରୀ ଭାବରେ ଉପସ୍ଥାପନ କରେ ନାହିଁ ।



ଶ୍ରୀ ହସମୁଖ ଅଧିଆ

ଯେତେବେଳେ ଫଳାଫଳ ଏତେ ଅନୁକୂଳ ନଥାଏ ସେତେବେଳେ ମଧ୍ୟ ସେ ଶାନ୍ତ ରହିଥିବାର ଯେକେହି ଲକ୍ଷ୍ୟ କରିପାରିବେ । ପ୍ରତିକୂଳ ଫଳାଫଳ ତାଙ୍କୁ ଅଧିକ ପ୍ରେରଣା ପ୍ରଦାନ କରିଥାଏଏବଂ ସମସ୍ତେ ଜାଣନ୍ତି ଯେ ସେ କିପରି ପ୍ରତିକୂଳତାକୁ ସୁଯୋଗରେ ପରିଣତ କରନ୍ତି । ଏହା ତାଙ୍କ ସ୍ୱଭାବର ଏକ ଅଦ୍ଭୁତ ଗୁଣ । ଗୀତାରେ ଉଲ୍ଲେଖିତ ଆଧ୍ୟାତ୍ମିକ ଗୁଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି 'ଅର୍ଜବମ୍', ଯାହାର ଅର୍ଥ ସିଧାସଳଖ ଆଗକୁ ବଢ଼ିବା । ଚିନ୍ତା, ବଚନ ଏବଂ କାର୍ଯ୍ୟର ସମନ୍ୱୟକୁ 'ଅର୍ଜବମ୍' କୁହାଯାଏ । ଆମେ ମୋଦୀଜୀଙ୍କଠାରେ ଏହି ଗୁଣ ଦେଖିପାରୁଛୁ । ମୋଦୀଜୀ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉପରେ ସଦାବେଳେ ଗଭୀର ବିଶ୍ୱାସ ରଖିଥାଆନ୍ତି । ସେ ଯେଉଁଠାକୁ ଯାଆନ୍ତି ସେଠାକୁ ପ୍ରସିଦ୍ଧ ଉପାସନା ସ୍ଥାନ ପରିଦର୍ଶନ କରିବାର କୌଣସି ସୁଯୋଗକୁ ସେ କଦାପି ହାତଛଡ଼ା କରନ୍ତି ନାହିଁ । ଈଶ୍ୱରଙ୍କ ଶକ୍ତିରେ ଏହି ବିଶ୍ୱାସ ହିଁ ତାଙ୍କୁ କାର୍ଯ୍ୟ ଜାରି ରଖିବା ପାଇଁ ଶକ୍ତି ଯୋଗାଇଥାଏ ଏବଂ ସେହି ବିଶ୍ୱାସ ତାଙ୍କୁ ଚତୁଃପାର୍ଶ୍ୱରେ ସଫଳତା ପ୍ରଦାନ କରିଥାଏ । ବେଦାନ୍ତରେ ଦିଆଯାଇଥିବା ଅଦ୍ୱୈତର ବାର୍ତ୍ତାରେ ମୋଦୀଜୀଙ୍କର ଅଟଳ ବିଶ୍ୱାସ । ଆଧ୍ୟାତ୍ମିକ ବିଶ୍ୱାସ ବିଷୟରେ, ମୁଁ ତାଙ୍କ କାର୍ଯ୍ୟାଳୟରେ କାମ କରୁଥିବା ସମୟରେ ସେ ମୋତେ କ'ଣ କହିଥିଲେ ତାହା ମୋର ଆଜି ସୁଦ୍ଧା ସ୍ପଷ୍ଟ ଭାବରେ ମନେଅଛି । ସେ ମୋତେ କହିଥିଲେ ଯେ ଥରେ ଯୁବକ ବୟସରେ ତାଙ୍କୁ କିଛି ଆଘାତ ଲାଗିଥିଲା । କେହି ଜଣେ ତାଙ୍କୁ ପଚାରିଥିଲେ ଯେ ଏହା ତାଙ୍କୁ ବହୁତ କଷ୍ଟ ଦେଉଛି କି ? ସେ ମୋତେ କହିଥିଲେ ଯେ ସହଜରେ ତାଙ୍କର ଉତର ଥିଲା 'ନା, ମୁଁ ଯନ୍ତ୍ରଣାରେ ନାହିଁ, କେବଳ ମୋର ଶରୀର ଯନ୍ତ୍ରଣାରେ ଅଛି ।' ସେ ବେଦାନ୍ତର ଏହି ମୂଳ ଧାରଣାକୁ ସହଜରେ ପ୍ରକାଶ କରିଥିଲେ ଯେ ଆମର ପ୍ରକୃତ ସ୍ୱଭାବ ଆତ୍ମା, ଶରୀର ଓ ମନର ଜଟିଳତା ନୁହେଁ ।

***(ଲେଖକ ଭାରତର ପୂର୍ବତନ ଅର୍ଥ ଏବଂ ରାଜସ୍ୱ ସଚିବ)***

# ରାସ୍ତା ମରାମତି କରି ଉଦାହରଣ ସାଜିଲେ ହାତୀଗଡ଼ ଯୁବକ ସଂଘ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ୍ ଶିଖରପୁର ଠାରୁ ଓଲମରା, ରାଜନଗର ପର୍ଯ୍ୟନ୍ତ ଯାଇଥିବା ଓଡ଼ିଶା ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ରାସ୍ତା ନିର୍ମାଣର ବର୍ଷେ ନପୁରୁଣୁ ବିଭିନ୍ନ ଛକ ଓ ଅନ୍ୟାନ୍ୟ ଜାଗାରେ ଖାଲ ଢିପ ହୋଇ ଗଲାଣି । ମରାମତି ଅଭାବରୁ ସାଧାରଣ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ରାଇବଣିଆ ହନୁମାନ ମନ୍ଦିର ସାମ୍ନା, ଉଗାଳ ପୋଲ, ବାରିକ ଛକ,ଓଲମରା ଓ କାଳିକ ମୌଜାର ଅନେକ ସ୍ଥାନରେ ଖାଲ ଢିପ ଯୋଗୁଁ ସ୍କୁଟି ଏବଂ ମଟରସାଇକେଲ ଚାଳକ ମାନେ ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହେଉଛନ୍ତି । ସେହିପରି ହାତୀଗଡ଼ ନୂଆ ବସ ଷ୍ଟାଣ୍ଡ ପାଖ ରାସ୍ତାର ଉତର ପାର୍ଶ୍ୱରେ ଥିବା ହମ୍ପସକୁ ଲାଗି ଖାଲ ଯୋଗୁଁ ମଧ୍ୟ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ପ୍ରଶାସନର ନିଷ୍କ୍ରିୟତା ଦେଖି ହାତୀଗଡ଼ ଯୁବକ ସଙ୍ଘ ତରଫରୁ ଏକ ପ୍ରଶଂସନୀୟ ପଦକ୍ଷେପ ନିଆଯାଇଛି । ବୁଧବାର ସକାଳେ ସଂଘର ସଦସ୍ୟମାନେ ନିଜ ହାତରେ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରମୁଖ ସଦସ୍ୟଙ୍କ ଭିତରୁ ସଂଜୀବ ବିର, ଚନ୍ଦ୍ରଦୀପ ମୋଜେସ, ସୌରଭ କର୍ଟିସ, ଶାନ୍ତନୁ ଦାସ, ଆଲେକ୍ସ ବେହେରା, ଅଭିନନ୍ଦନ ମହାପାତ୍ର, ଦିଲୀପ ମହାପାତ୍ର, କିଶୋର ନାୟକ ଏବଂ କୁନା ନାୟକ, ରାସ୍ତାର ଖାଲ ଢିପକୁ କଙ୍କରିଟ କରିବା ସହ ଲୋକଙ୍କ ସଚେତନତା ପାଇଁ ହମ୍ପସରେ ସାଙ୍କେତିକ ଚିହ୍ନ ମଧ୍ୟ ଲଗାଇଛନ୍ତି । ସେମାନଙ୍କର ଏହି ନିଃସ୍ୱାର୍ଥପର ସେବା ସ୍ଥାନୀୟ ଅଂଚଳରେ ବେଶ୍ ପ୍ରଶଂସିତ ହେଉଛି । ପ୍ରଶାସନ ଯଥାଶୀଘ୍ର ଏହି ରାସ୍ତାର ସ୍ଥାୟୀ ମରାମତି କରିବାକୁ ସାଧାରଣରେ ଦାବି ହେଉଛି । ରାସ୍ତାର ଏପରି ସମସ୍ୟା ନେଇ ପୂର୍ତ୍ତ ବିଭାଗର ଯନ୍ତ୍ରୀ ନୟନ ରଞ୍ଜନ ପାଢୀଙ୍କୁ ଅବଗତ ପରେ,ସେ ଅନୁଧ୍ୟାନ କରିଥିବା ଓ ବିଶ୍ୱକର୍ମା ପୂଜା ଶେଷ ହେଲେ କାର୍ଯ୍ୟ ଆରମ୍ଭ ହେବାର ସୂଚନା ଦେଇ ଥିଲେ ।ସେହିପରି ହାତୀଗଡ ହସ୍ପିଟାଲ ମୂଖ୍ୟ ଫାଟକ ଉଭୟ ପାର୍ଶ୍ୱରେ ହମ୍ପସ କରିବାର ଦାବୀକୁ ମଧ୍ୟ ବିଚାରବିମର୍ଷ କରି ସମାଧାନ କରିବେ ବୋଲି ଜଣାଇଛନ୍ତି ।

# କରାପଲ୍ଲୀ ସେକ୍ଟରରେ ୯ମ ଜାତୀୟ ପୋଷଣ ମାସ ପାଳିତ



ବ୍ରହ୍ମପୁର(ନିପ୍ର): ରଙ୍ଗେଇଲୁଣ୍ଡା ବ୍ଲକର କରାପଲ୍ଲୀ ସେକ୍ଟରରେ "ଆମ ଅଙ୍ଗନବାଡ଼ି, ଆମ ଦାୟିତ୍ୱ" ବିଷୟବସ୍ତୁକୁ ନେଇ ୯ମ ଜାତୀୟ ପୋଷଣ ମାସ ପାଳିତ ହୋଇଯାଇଛି । ସମନ୍ୱିତ ଶିଶୁ ବିକାଶ ସେବା (ICDS) ବିଭାଗ ସହ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ପୋଷଣ ପ୍ରକଳ୍ପର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଷଣ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଯତ୍ନ ତଥା ଶିଶୁଙ୍କ ପ୍ରାରମ୍ଭିକ ଯତ୍ନ ଓ ଶିକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଂ ଶ୍ରୀମତୀ ମେନକା ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସିଡିପିଓ ଶ୍ରୀମତୀ ସଂଘମିତ୍ରା ମିଶ୍ର ସଭାପତିତ୍ୱ କରିଥିଲେ । ଓଉଉଝ ସୁପରଭାଇଜର ଶ୍ରୀମତୀ ତପସ୍ୱିନୀ ସେନାପତି ଏବଂ ସମସ୍ତ ସୁପରଭାଇଜର, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ?ର ପବ୍ଲିକ୍ ହେଲ୍ଥ ମ୍ୟାନେଜର ଶ୍ରୀଯୁକ୍ତ ଆଦର୍ଶ ବ୍ରହ୍ମାଙ୍କ ସହ ଟିମ୍ ଉପସ୍ଥିତ ଥିଲେ । ଏଥିସହ ସମିତି ସଭ୍ୟ, ପିଇଓ ଓ ନାଏବ ସରପଂ, ସ୍କୁଲ୍ ଶିକ୍ଷକ, ସିଏଚ୍‌ଓ, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ ।ପୋଷଣ ପ୍ରକଳ୍ପର ଟିମ୍ ଓ ଅଙ୍ଗନବାଡ଼ି କର୍ମୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଖାଦ୍ୟରେ ବିବିଧତା ଓ ପର୍ଯ୍ୟାପ୍ତ ପ୍ରୋଟିନ୍, ଅଙ୍ଗନବାଡ଼ି କେନ୍ଦ୍ରରେ ତାଜା ଗରମ ରନ୍ଧା ଖାଦ୍ୟ, ସମୁଦାୟର ଅଂଶଗ୍ରହଣ ଓ ଦାୟିତ୍ୱବୋଧ, ଶିଶୁଙ୍କ ପୋଷଣ ଓ ପ୍ରାରମ୍ଭିକ ଉତ୍ତେଜନାମୂଳକ ଶିକ୍ଷା ଏବଂ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (PMMVY) ସମ୍ପର୍କରେ ସଚେତନ କରାଯାଇଥିଲା ।

# ନୟାଗଡ଼ରେ ବିଜେପିର ବିଶାଳ ମିଶ୍ରଣ ପର୍ବ

ନୟାଗଡ଼(ନିପ୍ର): ନୟାଗଡ଼ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି । ବିଜେଡ଼ିର ଗଡ଼ କୁହାଯାଉଥିବା ବିରୁଡ଼ା ପଂଚାୟତରେ ଏବେ ପଦ୍ମ ଫୁଟିଛି କ୍ଷ ନୟାଗଡ଼ ପୁରୁଣା ରାଜବାଟୀସ୍ଥିତ ବିଜେପି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ବିଶାଳ ମିଶ୍ରଣ ପର୍ବରେ ବିରୁଡ଼ା ପଂଚାୟତର ୧୦୦୦ ରୁ ଉର୍ଦ୍ଧ୍ୱ ବିଜେଡ଼ି ନେତା ଓ କର୍ମୀ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି କ୍ଷବିଜେଡ଼ିର ମହିଳା ନେତୃତ୍ୱ ଏବେ ବିଜେପି ଶିବିରରେ ବିରୁଡ଼ା ପଂଚାୟତ ୱାର୍ଡ ମେମ୍ବରଙ୍କ ଠାରୁ ଆରମ୍ଭ କରି ସରପଂଚଙ୍କ ପର୍ଯ୍ୟନ୍ତ ବିଜେଡ଼ି ମହିଳାଙ୍କ ନେତୃତ୍ୱ ପାଇଁ ସାରା ଓଡ଼ିଶାରେ ଚର୍ଚ୍ଚିତ ଥିଲା । ମାତ୍ର ସେମାନେ ଏବେ ବିଜେପି ଶିବିରରେ । ନୟାଗଡ଼ର ବିଜେପି ନେତ୍ରୀ ତଥା ରାଣୀ ପ୍ରତ୍ୟୁଷା




ରାଜେଶ୍ୱରୀ ସିଂଙ୍କ ନୂତନ ନୟାଗଡ଼ ଗଠନର ସଂକଳ୍ପ ଏବଂ ଦୃଢ଼ ନେତୃତ୍ୱକୁ ପାଥେୟ କରି ବିରୁଡ଼ା ଗ୍ରାମ ପଂଚାୟତର ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଓ କାର୍ଯ୍ୟକର୍ତ୍ତା ବିଜେଡ଼ି ଦଳ ପରିତ୍ୟାଗ କରି ବିଜେପିରେ ଯୋଗଦାନ କରିଛନ୍ତି କ୍ଷ ବିରୁଡ଼ା ଗ୍ରାମ ପଂଚାୟତର ମହିଳା ସରପଂଚ ବିଷ୍ଣୁପ୍ରିୟା ସ୍ୱାଇଁ, ସମିତି ସଭ୍ୟା ଶୁଭଲକ୍ଷ୍ମୀ ସାହୁଙ୍କ ସମେତ ପଂଚାୟତର ସମସ୍ତ ମହିଳା ୱାର୍ଡ ମେମ୍ବର ସାମିଲ ହୋଇଥିଲେ କ୍ଷ ବିରୁଡ଼ା ଗ୍ରାମ ପଂଚାୟତର ପଂଚାୟତର ଯୁବ ନେତା ମିତ୍ରବନ୍ଧୁ ପଲେଇ, ରଞ୍ଜନ କୁମାର ଲେଙ୍କା ଆଦିଙ୍କ ପ୍ରଚେଷ୍ଟାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି କ୍ଷ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଉପସ୍ଥିତିରେ ନୂତନ କାର୍ଯ୍ୟକର୍ତ୍ତାମାନେ ବିଜେପିର ଦଳୀୟ ଉତରୀୟ ପରିଧାନ କରି ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ କ୍ଷ ଏହି ଅବସରରେ ବିଜେପି ନେତ୍ରୀ ପ୍ରତ୍ୟୁଷା ସମସ୍ତଙ୍କୁ ସ୍ୱାଗତ କରିବା ସହ ସମସ୍ତେ ସାଥି ହୋଇ ବିରୁଡ଼ା ଗ୍ରାମ ପଂଚାୟତ ଏବଂ ନୟାଗଡ଼ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଆହ୍ୱାନ ଦେଇଥିଲେ କ୍ଷଉକ୍ତ ମିଶ୍ରଣ ପର୍ବରେ ନୟାଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ସାହୁ, ନଗର ମଣ୍ଡଳ ପ୍ରଭାରୀ ତଥା ପୂର୍ବତନ ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଶ ନସିର ଅହମଦ,ନୟାଗଡ଼ ନଗର ମଣ୍ଡଳ ପ୍ରତିନିଧି ରଂଜନ ରଶ୍ମି ଜେନା, ଇଟାମାଟି ମଣ୍ଡଳ ସଭାପତି ବିଷ୍ଣୁ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଉପସ୍ଥିତ ବିଜେପି ନେତୃବୃନ୍ଦ ନବାଗତ କାର୍ଯ୍ୟକର୍ତ୍ତାମାନଙ୍କୁ ଦଳୀୟ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ବିଶାଳ ମିଶ୍ରଣ ପର୍ବ ନୟାଗଡ଼ରେ ବିଜେପି ପ୍ରତି ଜନସାଧାରଣଙ୍କ ବଢୁଥିବା ଆସ୍ଥା, ଯୁବପିଢ଼ିଙ୍କ ଆକର୍ଷଣ ଏବଂ ଦଳର ସାଂଗଠନିକ ଶକ୍ତିକୁ ଆହୁରି ସୁଦୃଢ଼ କରିଥିବା ବିଜେପି ନେତୃବୃନ୍ଦ ପ୍ରକାଶ କରିଛନ୍ତି ।

# ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଶୁଭାରମ୍ଭ

ବ୍ରହ୍ମପୁର(ନିପ୍ର): ଅଶୋକ ନଗରରେ ଆୟୋଜିତ ୩୨ ଫୁଟ ଉଚ୍ଚର ଗଣେଶ ମୂର୍ତ୍ତି ପୂଜା ପାଉଛି । ଅଶୋକ ନଗର ଯୁବକ ସଂଘ ଗଣେଶ ପୂଜା କମିଟି ସଭାପତି ସୁରେନ୍ଦ୍ର ମହାରଣା ବୁଧବାର ଠାରୁ ଆୟୋଜିତ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତି ଯୋଗୀତା ରେ ଅଧକ୍ଷତା କରିଥିଲେ । ମୁଖ୍ୟ ପୃଷ୍ଠପୋଷକ ଏ.ସନ୍ତୋଷ କୁମାର ପାତ୍ରଙ୍କ ଉଦ୍ୟମ ରେ ଆୟୋଜିତ ଗଣେଷ ପୂଜା ସହରବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛନ୍ତି ବୋଲି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ମେୟର ସଙ୍ଘମିତ୍ରା ଦଳାଇ କହିଥିଲେ ।ସମ୍ମାନୀତ ଅତିଥି ରୂପେ ଡେପୁଟି ମେୟର ଇ



ବିବେକ ରେଡ୍ଡୀ ଯୋଗ ଦେଇ ଥିଲେ । କାର୍ଯ୍ୟକାରୀ ସଭାପତି ଏ ଶିବରାମ ସାହୁ, ମୁଖ୍ୟକର୍ତ୍ତା ଏ. ହରିପ୍ରସାଦ, କାର୍ଯ୍ୟକାରୀ ସଦସ୍ୟ କୁମାର ସୁରଜ ମହାରଣା, କୋଷାଧ୍ୟକ୍ଷ ବିରଜ କୁମାର ସାହୁ, ଶିବ ଶଙ୍କର ପାତ୍ର, ବିକ୍ରମ କୁମାର ଜେନା, ଏଲ. ଅସିତ ରାଜ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଏହି ଅବସରର ଉପସ୍ଥିତ ଥିଲେ । ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ପୂଜା ଆୟୋଜନ ହୋଇଛି । ମେଗା ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି । ପୂଜା ଆୟୋଜକ ଏ.ସନ୍ତୋଷ କୁମାର ପାତ୍ର କହିଛନ୍ତି ଯେ, ଦୀର୍ଘ ୧୯ ବର୍ଷ ହେଲା ଅଶୋକ ନଗର ଯୁବକ ସଂଘ ପକ୍ଷରୁ ପୂଜା ଆୟୋଜିତ ହେଉଅଛି । ଏହି ଅବସରରେ ସମ୍ପାଦକ ଶିବରାମ ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବଶିଷ୍ଠ ସାମ୍ବାଦିକ ସୁଦୀପ କୁମାର୍ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ରକ୍ ଷ୍ଟାର ତରଫରୁ ତରୁଣ, ରବି ଓ କାହ୍ନୁ କାଯ୍ୟକ୍ରମ ପରିଚାଳନା କରିଥିଲେ । ଏଠାରେ ନୃତ୍ୟ ପ୍ରତି ଯୋଗୀତାର ବିଚାରକ ମାନଙ୍କୁ ଯୁବକ ସଂଘ ତରଫରୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଗଣେଶ ପୂଜା ଆଳତି କାଯ୍ୟକ୍ରମ ରେ ବହୁ ଭକ୍ତ ଙ୍କ ଭିଡ଼ ଲାଗି ରହିଥିଲା ।

# ବିଦ୍ୟୁତ୍ କାର୍ଯ୍ୟାଳରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ

ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବିଦ୍ୟୁତ ଅଫିସରେ ଗୁରୁବାର ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି । ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ କାର୍ଯ୍ୟଳୟରରେ ସମସ୍ତ କର୍ମଚାରୀ ବ୍ରହ୍ମଣ ଙ୍କ ସହିତ ଶଙ୍ଖ, ଘଂଟା, ମୃଦଙ୍ଗ ବାଜଇ ଏକ ଭବ୍ୟ ପରିବେଶ ମଧରେ ସୁବର୍ଣ୍ଣରେଖା ନଦୀରୁ ଘଟ ଉତୋଳନ କରି ପୂଜା ମଣ୍ଡପରେ ଘଟ ସ୍ଥାନ ପରେ ପୂଜା ଆରମ୍ଭ ହୋଇ ଥିଲା । ପରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରାଯାଇ ପୁଷ୍ପାଞ୍ଜଳୀ ଅର୍ପଣ କରାଯାଇ ଥିଲା । ପୂଜା ସମାପନ ପରେ କର୍ମଚାରୀ ଓ ଅତିଥି ମନେ ପ୍ରସାଦ ସେବନ କରିଥିଲେ । ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ



ବାଲିଆପାଳ ବିଦ୍ୟୁତ ସେକ୍ସନରେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ତିନିଦିନ ଦିନ ଧରି ଚାଲିବ । ଶନିବାର ପୂଜା ଶେଷରେ ଘଟ ବିସର୍ଜନ କରାଯିବର ସୂଚନା ମିଳିଛି । ଜେଇ ସୁଶାନ୍ତ ସାହୁ, କମର୍ସ ଜେଇ ସଂଗ୍ରାମ ସିଂଙ୍କ ତତ୍ୱାବଧାନରେ ଅନୁଷ୍ଠିତ ପୂଜାରେ ବିଭାଗୀୟ କର୍ମଚାରୀ ରାଜା ରାଜା ଅମୃତ ରାଜ ମାହାପାତ୍ର, ଗିରିଜା ଶଙ୍କର ସ୍ୱାଇଁ, ଏକଶହ ବେହେରା, ବାସନ୍ତ ରଣା, ନିତ୍ୟାନନ୍ଦ ନାୟକ, ଶୁଭକାନ୍ତ ଦେ, କୁଶ କୁମାର ରଣା, ସୁଧାଂଶୁ ଦାସ, ଅଞ୍ଜନ ସାନ୍ତରା, ନୀଳାଦ୍ରୀ ବିହାରୀ ସି, ମନୋରଞ୍ଜନ ପାତ୍ର, ଅଞ୍ଜନ ମିସ୍ତ୍ରୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳ ଅନ୍ୟ ସମସ୍ତ ବିଭାଗୀୟ କର୍ମଚାରୀ ପୂଜାରେ ସହଯୋଗ କରିଥିଲେ ।

# ୧୪.୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଧାମନଗର(ନିପ୍ର): ଅବକାରୀ ବିଭାଗ ପକ୍ଷରୁ ଆଜି ଏକ ବଡ଼ ଧରଣର ଚଢ଼ାଉ କରାଯାଇ ବିପୁଳ ପରିମାଣର ଧଳା ଜହର (ବ୍ରାଉନ ସୁଗାର) ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ?ମିଳିଥିବା ସୂଚନା ମୁତାବକ, ଅବକାରୀ ବିଭାଗ ମୁଖ୍ୟ ନରୋତମ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଭ୍ରାମ୍ୟମାଣ ଅବକାରୀ ଟିମ୍ ଆଜି ଧାମନଗର ବ୍ଲକ ଗୋବିନ୍ଦପୁର ପଂାୟତର ଉଚ୍ଚପଦା-କାକୁଡ଼ିଗଡ଼ିଆ ରାସ୍ତା ନିକଟସ୍ଥ ତଳ ବିଲରେ ଥିବା ଏକ କୁକୁଡ଼ା ଫାର୍ମ ପାଖରେ ହଠାତ୍ ଚଢ଼ାଉ କରିଥିଲେ । ପ୍ରାୟ ୩ ଘ[। ଧରି ଚାଲିଥିବା ଏହି ସର୍ଚ୍ଚ ଅପରେସନ୍ ? ବେଳେ ୧୪୫ ଗ୍ରାମ ଧଳା ଜହର ଜବତ



ହୋଇଥିଲା, ଯାହାର ଆନୁମାନିକ ବଜାର ମୂଲ୍ୟ ୧୪ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହା ସହିତ ଘଟଣାସ୍ଥଳରୁ ଗୋଟିଏ ସ୍କୁଟି ମଧ ଜବତ କରାଯାଇଛି । ଏହି କାରବାରରେ ସଂପୃକ୍ତ ଥିବା ଗୋବିନ୍ଦପୁର ଅଂଚଳର ତନ୍ମୟ ବାଇଙ୍କୁ ଅବକାରୀ ବିଭାଗ ଗିରଫ କରିଛି । ସେ ଦୀର୍ଘଦିନ ଧରି ଏହି ଧଳା ଜହର ବ୍ୟବସାୟରେ ଲିପ୍ତ ଥିବା ଜଣାପଡ଼ିଛି । ?ଏହି ବିଶେଷ ଅପରେସନ୍ ?ରେ ଭ୍ରାମ୍ୟମାଣ ଅବକାରୀ ବିଭାଗ ମୁଖ୍ୟ ରାଜ କିଶୋର ଜେନା, ନଟବର ମଲ୍ଲିକ, ମିଥୁନ ଜେନା, ବିଭୁ ପ୍ରସାଦ ମଲ୍ଲିକ, ଶୁଭ୍ରା ମିନି ଦାସଙ୍କ ସମେତ ଧାମନଗର ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ । ଅଭିଯୁକ୍ତଙ୍କ ବିରୋଧରେକେଶ ନମ୍ବର ୨୭୯/୨୬ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ସ୍ମୃତିସଭା

ଖଇରା(ନିପ୍ର): ଖଇରା ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ, ବିଶିଷ୍ଟ ଜନନାୟକ, ବିଦ୍ୟାଳୟ ପ୍ରତିଷ୍ଠାତା ତଥା ଆଗଧାଡିର ସାମ୍ବାଦିକ ଭାବେ ପରିଚିତ ସ୍ୱର୍ଗତ ଗୋକୁଳ ଚନ୍ଦ୍ର ପଣ୍ଡା ଙ୍କର ୨୫ତମ ମହାପ୍ରୟାଣ ଦିବସ ଖଇରା ବ୍ଲକ ସାରଡାଙ୍ଗ ପଂଚାୟତ ଅଧୀନ ଅଲିପୁରସ୍ଥିତ ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ଗୁରୁବାର ଦିନ ପାଳିତ ହୋଇ ଯାଇଛି । ପୁର୍ବତନ ପ୍ରଧାନ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତି ଚାରଣ ସଭାରେ ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀ ମୁଖ୍ୟବକ୍ତା, ଓଡିଶା ସାମ୍ବାଦିକ ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱର୍ଗତ ପଣ୍ଡାଙ୍କ ସମୟରେ ଖଇରାର ଅନେକ ଉନ୍ନୟନ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଏଣୁ ସେ ଖଇରାର ବିଶ୍ୱକର୍ମା ଥିଲେ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାସ୍କର ଚନ୍ଦ୍ର ପୃଷ୍ଟି ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଧର ପଣ୍ଡା ସ୍ୱର୍ଗତ ପଣ୍ଡାଙ୍କ ସହିତ ନିଜର ଅନୁଭୁତି ବଖାଣି ଥିଲେ । ଅଧ୍ୟାପକ ଉମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଗଣମାଧ୍ୟମ ପ୍ରତିନିଧି କୈଳାସ ଚନ୍ଦ୍ର ଦାସ, ପ୍ରଶାନ୍ତ ବେହେରା ଓ ଅନାଦି ଚରଣ ନାୟକ, ମମତାମୟୀ ପଣ୍ଡା, ବୁଲୁ ଲେଙ୍କା ପ୍ରମୁଖ ସ୍ୱର୍ଗତ ଜନନାୟକଙ୍କ ବିଭିନ୍ନ ପ୍ରତିଭା ଉପରେ ଆଲୋକ ପାତ କରିଥିଲେ । ଏହି ଅବସରରେ ମଧ୍ୟମା, ଉପଶାସ୍ତ୍ରୀ ଓ ଶାସ୍ତ୍ରୀ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ନମିତା ସାହୁ, ଲକ୍ଷ୍ମୀ ସାହୁ, ସ୍ମୃତିଲିପ୍ସା ମହାନ୍ତି ଓ ଦେବଯାନୀ ମାଝୀଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ଥିଲା । ପ୍ରଥମେ ତାଙ୍କ ପ୍ରତିମୂର୍ତ୍ତୀ ରେ ମାଲ୍ୟାର୍ପଣ କରାଯାଇ ଥିଲା । ଅଧ୍ୟାପକ ନିରଞ୍ଜନ ନାୟକ, ପ୍ରଶାନ୍ତ ତ୍ରିପାଠୀ, ରବିନ୍ଦ୍ର ପତ୍ରୀ, ଯାଜ୍ଞବଲ୍କ୍ୟ ପଣ୍ଡା ଓ ପୂର୍ଣ୍ଣଚନ୍ଦ୍ର ବେହେରା, ଶିକ୍ଷକ ନିରଞ୍ଜନ ସାମଲ ଓଡମ୍ବରୁଧର ମହାପାତ୍ର, କର୍ମଚାରୀ ଦୁଷ୍ମନ୍ତ ଲେଙ୍କା, ନିଳାମ୍ବର ବେହେରା ଓ ମଣିଭଦ୍ର ମହାନ୍ତି ସହଯୋଗ କରିଥିଲେ ।

# ବିଭିନ୍ନ ସମସ୍ୟା ନେଇ ଚିଠି ଲେଖିଲେ ପୂର୍ବତନ ବିଧାୟିକା

ଝାରସୁଗୁଡ଼ା(ନିପ୍ର): ଝାରସୁଗୁଡ଼ା ରେଳ ଷ୍ଟେସନରେ ଯାତ୍ରୀ ସୁବିଧାର ଅଭାବ, ସୁରକ୍ଷା ବ୍ୟବସ୍ଥା, ଟ୍ରେନ୍ ବିଳମ୍ବ ଓ ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ନେଇ ଗଭୀର ଚିନ୍ତାପ୍ରକଟ କରି ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନିର୍ଦ୍ଦେଶ କ୍ରମେ ଦକ୍ଷିଣ ପୂର୍ବ ରେଳପଥର ଜେନେରାଲ ମ୍ୟାନେଜର ଙ୍କ ଉଦ୍ଦେଶ୍ୟରେ ଏକ ଚିଠି ପ୍ରଦାନ କରାଯାଇଛି । ଏହି ଚିଠି ଝାରସୁଗୁଡ଼ା ଜିଲ୍ଲା ବିଜେଡି ର ଏକ ପ୍ରତିନିଧି ମଣ୍ଡଳ ମ୍ୟାନେଜର ଙ୍କୁ ପ୍ରଦାନ କରିଛନ୍ତି । ଚିଠିରେ ଦର୍ଶାଯାଇଛି ଯେ, ଷ୍ଟେସନରେ ନୂତନ ରେଳ ଧାରଣା ନିର୍ମାଣ ଯୋଗୁଁ ବିକଳ୍ପ ଫୁଟ୍ ଓଭର ବ୍ରିଜଟି ବରିଷ୍ଠ ନାଗରିକ, ରୋଗୀ ଓ ଦିବ୍ୟାଙ୍ଗଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ ହୋଇପଡ଼ିଛି । ମୁଖ୍ୟ ପ୍ରବେଶ ଓ ପ୍ରସ୍ଥାନ ପଥ ଆଂଶିକ ଭାବେ ବନ୍ଦ ରହିଥିବାରୁ ଏବଂ ବର୍ଷା ଜଳ ସହ ନିର୍ମାଣ ସାମଗ୍ରୀ ମିଶି ପଡ଼ିରହିଥିବାରୁ ଯାତ୍ରୀମାନେ ଖସିପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି । ତେଣୁ ଏସ୍କାଲେଟର, ଲିଫ୍ଟ କିମ୍ବା ବ୍ୟାଟେରୀ ଚାଳିତ ଗାଡ଼ିର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ?ଏହା ସହିତ ସମସ୍ତ ପ୍ଲାଟଫର୍ମରେ ବିଶୁଦ୍ଧ ପାନୀୟ ଜଳର ଅଭାବ, ଶୌଚାଳୟ ଓ ଯାତ୍ରୀ ପ୍ରତୀକ୍ଷାଳୟରେ ଜଳ ଯୋଗାଣ ନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି ।ଚୌକିପଡ଼ା ଓ ବେହେରାମାଲ ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଗଡ଼ିଯାଇଥିଲେ ବି ଅସମ୍ପୂର୍ଣ୍ଣ ରହିଥିବାରୁ ନାହିଁ ନଥିବା ଟ୍ରାଫିକ୍ ସମସ୍ୟା ଦେଖାଦେଉଛି । ପାର୍ବଣ ସମୟରେ ଝାରସୁଗୁଡ଼ା ଗୋନ୍ଦିଆ, ଝାରସୁଗୁଡ଼ା ରାଁ, ସମ୍ବଲପୁର ଝାରସୁଗୁଡ଼ା ରାଉରକେଲା ମେମୁ ଏବଂ ଟିଟିଲାଗଡ଼ହାଓ୍ୱଡ଼ା ଇସ୍ପାତ ଏକ୍ସପ୍ରେସ୍ ଭଳି ଜନପ୍ରିୟ ଟ୍ରେନ୍ ?ଗୁଡ଼ିକୁ ହଠାତ ବାତିଲ କରାଯାଉଥିବାରୁ ସାଧାରଣ ଯାତ୍ରୀ ଓ ନୂଆଖାଇ ପର୍ବ ପାଇଁ ଘରକୁ ଫେରୁଥିବା ଲୋକେ ହଇରାଣ ହେଉଛନ୍ତି । ଟ୍ରେନ ଗୁଡ଼ିକର ଅତ୍ୟଧିକ ବିଳମ୍ବ, ୧ ନମ୍ବର ପ୍ଲାଟଫର୍ମରେ ସେଡ୍ ସମ୍ପ୍ରସାରଣ ଏବଂ ଅଟୋ ପାର୍କିଂ ପାଇଁ ସ୍ଥାୟୀ ପାଇଁ ସ୍ଥାୟୀ ସ୍ଥାନ ଚିହ୍ନଟ କରିବାକୁ ପୂର୍ବତନ ବିଧାୟିକାଙ୍କ ପକ୍ଷରୁ ଜେନେରାଲ ମ୍ୟାନେଜରଙ୍କୁ ଚିଠି ମାଧ୍ୟମରେ ନିବେଦନ କରାଯାଇଛି । ଜେନେରାଲ ମ୍ୟାନେଜର ଙ୍କୁ ଏହି ଚିଠି ପ୍ରଦାନ ସମୟ ରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ଜିଲ୍ଲା ଓକିଲ ସଂଘ ସଭାପତି ରଘୁମଣି ପଟେଲ, ରମନ୍ନା ରାଓ , ନାଗେଶ୍ୱରୀ ବୋନେଲା, ନବନୀତ କୌର, ଦୀପା ନାଏକ, ଜ୍ୟୋତି ସୁନା ଙ୍କ ସହିତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।

# ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମ ସହ ସେବା ସଙ୍କଳ୍ପ ଅଭିଯାନ-୨୦୨୬ର ଶୁଭାରମ୍ଭ

ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାରେ ନାରୀ ସଶକ୍ତିକରଣର ବାର୍ତ୍ତା ନେଇ ସେବା ସଙ୍କଳ୍ପ ଅଭିଯାନ-୨୦୨୬ ଶୁଭାରମ୍ଭ ହୋଇ ଯାଇଛି । ଏହି ଅଭିଯାନର ପ୍ରଥମ ଦିନରେ ମା' ଦକ୍ଷିଣକାଳୀ ମନ୍ଦିର ସମ୍ମୁଖରେ ସନ୍ଧ୍ୟା ୭ ଘଟିକା ସମୟରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ 'ଆଶୀର୍ବାଦର ଦୀପ' ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାନନୀୟା ଜିଲ୍ଲାପାଳ ମଧୁମିତା ରଥ, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ସାହୁ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମର ପ୍ରତିନିଧି ଓ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ, ନୟାଗଡ଼ ଓ ମିଶନ ଶକ୍ତି ବିଭାଗର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ମହିଳାମାନେ, ସୁଭଦ୍ରା ଯୋଜନାର ପଞ୍ଜୀକୃତ ହିତାଧିକାରୀ, ଲକ୍ଷପତି ଦିଦି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନଙ୍କ ଅଂଶଗ୍ରହଣରେ ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା । ଏହି ଅବସରରେ ଜିଲ୍ଲାର ମୋଟ ୧୯୪ଟି ଗ୍ରାମ ପଂଚାୟତରେ ପ୍ରାୟ ୩ ଲକ୍ଷ ମାଟି ଦୀପ ପ୍ରଜ୍ୱଳନ କରାଯାଇ ଥିଲା । ମା' ଦକ୍ଷିଣକାଳୀ ମନ୍ଦିର ପରିସରରେ ମଧ ସାମୂହିକ ଦୀପ ପ୍ରଜ୍ୱଳନ ସହ ସମସ୍ତେ ଯଶସ୍ୱୀ ପ୍ରଧାନ ମନ୍ତ୍ରୀଙ୍କ ଜନ୍ମଦିନର ଶୁଭ ମନାସି ଥିଲେ ।

# ଆଜି ମହାରାଷ୍ଟ୍ର ଗସ୍ତ କରିବେ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,: ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ଶୁକ୍ରବାର ଦିନ ମହାରାଷ୍ଟ୍ର ଗସ୍ତରେ ଯିବେ । ଏହି ସମୟରେ ସେ ମୁମ୍ବାଇ ଏବଂ ପୁଣେ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଉପରାଷ୍ଟ୍ରପତିଙ୍କ



ସଚିବାଳୟ ଅନୁଯାୟୀ, ଉପରାଷ୍ଟ୍ରପତି ସକାଳେ ମୁମ୍ବାଇର ପ୍ରସିଦ୍ଧ ଲାଲବାଗଚା ରାଜାଙ୍କୁ ଦର୍ଶନ କରିବେ । ଅପରାହ୍ନରେ ସେ ଲୋନାୱାଲାରେ ପହଂଚିବେ, ଯେଉଁଠାରେ ସେ କୈବଲ୍ୟଧାମର ଗୋର୍ଧଣ୍ଡାସ ସେକସେରିଆ କଲେଜ ଅଫ୍ ଯୋଗ ଆଣ୍ଡ କଲଚରାଲ ସିନ୍ଥେସିସ୍ର ପ୍ଲାଟିନମ୍ ଜୁବିଲି ସମାରୋହରେ ଯୋଗଦେବେ । ସନ୍ଧ୍ୟାରେ, ଉପରାଷ୍ଟ୍ରପତି ପୁଣେର ନେହେରୁ ଷ୍ଟାଡିୟମର ଶ୍ରୀ ଗଣେଶ କଳା କ୍ରୀଡ଼ା ଥିଏଟରରେ ପୁଣେ ମହୋତ୍ସବର ୩୮ ତମ ସଂସ୍କରଣରେ ଯୋଗଦେବେ ।

# ଚିକିଟିର ପ୍ରଦ୍ୟୁମ୍ନ ପାତ୍ରଙ୍କ ପରିବାର ପାଇଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଗଞ୍ଜାମ ଜିଲ୍ଲା ଚିକିଟି ତହସିଲର ପ୍ରଦ୍ୟୁମ୍ନ କୁମାର ପାତ୍ର (ପିତା –ଲକ୍ଷ୍ମୀକାନ୍ତ ପାତ୍ର)ଙ୍କର ଦୁଃଖଦ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ



ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏହି ସୂଚନା ଦିଆଯାଇଛି ।











# ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି. ି. ରାଧାକ୍ରିଷ୍ଣନ, ଲୋକସଭା ବାଚସ୍ପତି ଓମ୍ ବିର୍ଲା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ବିରୋଧୀ ନେତା ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ଜନ୍ମଦିନରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।ରାଷ୍ଟ୍ରପତି ମୁର୍ମୁ ଏକ୍ସ ଉପରେ ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କ ଜନ୍ମଦିନରେ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭେଚ୍ଛା । ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଭାବେ ବିଗତ ୨୫ ବର୍ଷ ମଧ୍ୟରେ ଆପଣମାନେ ସୁଶାସନର ଅନେକ ନୂତନ ମାନଦଣ୍ଡ ସ୍ଥାପନ କରିଛନ୍ତି ଏବଂ ସମାବେଶୀ ଅଭିବୃଦ୍ଧିକୁ ଅଭୂତପୂର୍ବ ଗତି ଏବଂ ଦିଗ୍‌ଦାନ କରିଛନ୍ତି । ସାଂସ୍କୃତିକ ଗୌରବର ଭାବନା ସହିତ ଆଧୁନିକ ପ୍ରଗତିର ପଥ ଅନୁସରଣ କରି ଆମ ଦେଶବାସୀ ଐତିହ୍ୟ ଏବଂ ବିକାଶର ସମନ୍ୱୟକୁ ଅନୁଭବ କରୁଛନ୍ତି । ମୁଁ ଆପଣଙ୍କ ଉତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରୁଛି, ।ହା ଦ୍ୱାରା ଆପଣ ଜନସେବା ଏବଂ ରାଷ୍ଟ୍ର ନିର୍ମାଣର ଲକ୍ଷ୍ୟକୁ ଆଗକୁ ବଢ଼ାଇବେ ।ଉପରାଷ୍ଟ୍ରପତି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ





ଦୃଢ଼ ଏବଂ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଭାରତ ଏକ ଉଜ୍ଜ୍ୱଳ ତାରା ଏବଂ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥବ୍ୟବସ୍ଥା ମଧ୍ୟରୁ ଅନ୍ୟତମ ଭାବେ ଉଭା ହେଉଛି । ୨୫ କୋଟିରୁ ଅଧିକ ଭାରତୀୟ ଚରମ ଦାରିଦ୍ର୍ୟରୁ ବାହାରିଛନ୍ତି । ଏକ ବୈପ୍ଳବିକ ଡିଜିଟାଲ ବିପ୍ଳବ ଲକ୍ଷ ଲକ୍ଷ ଲୋକଙ୍କୁ ସଶକ୍ତ କରିଛି, ଏବଂ ମହାକାଶ, ପ୍ରଯୁକ୍ତିବିଦ୍ୟା ଏବଂ ସ୍ୱାସ୍ଥ୍ୟସେବା ଠାରୁ ଆରମ୍ଭ କରି ଭିତିଭୂମି ଏବଂ ଉତ୍ପାଦନ ର୍ପ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଜବରଦସ୍ତ ଅଭିବୃଦ୍ଧି ଘଟିଛି । ପଛୁଆ ଜିଲ୍ଲାଗୁଡ଼ିକୁ 'ଆକାଂକ୍ଷୀ ଜିଲ୍ଲା ', ସୀମାନ୍ତବର୍ତୀ ଗ୍ରାମଗୁଡ଼ିକୁ' ଜୀବନ୍ତ ଏବଂ ପ୍ରଥମ ଗ୍ରାମ' ଏବଂ ଉତର-ପୂର୍ବ ଅ*ଳକୁ 'ଅଷ୍ଟଲକ୍ଷ୍ମୀ 'କହିବା ଆପଣଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାକୁ ଦର୍ଶାଉଛି । ଏହି ଚିନ୍ତାଧାରା ଭୌଗୋଳିକ ଦୃଷ୍ଟିରୁ ପଛୁଆ ଅ*ଳକୁ ସଶକ୍ତ ଅ*ଳରେ ପରିଣତ କରିଛି, ଯାହା ଏକ 'ବିକଶିତ ଭାରତ' ପାଇଁ ଆମର ଯାତ୍ରାରେ ବିଭିନ୍ନ ଅ*ଳର ଲୋକଙ୍କ ସକ୍ରିୟ ଅଂଶଗ୍ରହଣକୁ ସକ୍ଷମ କରିଛି ।ଓମ୍ ବିର୍ଲା କହିଛନ୍ତି େ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱ ମ*ରେ ଆତ୍ମବିଶ୍ୱାସର ସହ ଏକ ନୂତନ ପରିଚୟ ସୃଷ୍ଟି କରୁଛି । ଦେଶ ନିରନ୍ତର ଭାବେ ବିକାଶ, ଆତ୍ମନିର୍ଭରଶୀଳତା, ନବସୃଜନ, ଡିଜିଟାଲ ପ୍ରଗତି, ଭିତିଭୂମିର ସମ୍ପ୍ରସାରଣ ଏବଂ ଜନକଲ୍ୟାଣ ଦିଗରେ ନୂତନ ଦିଗ ସ୍ଥାପନ କରୁଛି । ୨୫ ବର୍ଷରୁ ଅଧିକ ସମୟ ଧରି ଆପଣଙ୍କ ସାର୍ବଜନୀନ ଜୀବନ ଗଣତାନ୍ତ୍ରିକ ମୂଲ୍ୟବୋଧର୍‌ସାର ତଥା ଦେଶର ଅବହେଳିତ ବର୍ଗଙ୍କ ପାଇଁ ଅତ୍ୟନ୍ତ ଫଳପ୍ରଦ ପ୍ରମାଣିତ ହୋଇଛି । ରାଷ୍ଟ୍ରର ପ୍ରଗତି ପାଇଁ ଉତ୍ସର୍ଗୀକୃତ ଆପଣଙ୍କ ସକ୍ରିୟ ଜୀବନ କୋଟି କୋଟି ଦେଶବାସୀଙ୍କୁ ଏକ ବିକଶିତ ଭାରତର ଲକ୍ଷ୍ୟ ଦିଗରେ ନିରନ୍ତର କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥାଏ । ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ ଯେ ସେ ଆପଣଙ୍କୁ ଉତମ ସ୍ୱାସ୍ଥ୍ୟ, ଦୀର୍ଘ ଜୀବନ ଏବଂ ରାଷ୍ଟ୍ରର ସେବା ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।ଶ୍ରୀ ରାଜନାଥ ସିଂହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଏକ 'ବିକଶିତ ଭାରତ' ଲକ୍ଷ୍ୟ ଆଡକୁ ଅଗ୍ରସର ହେଉଛି । ଭିତିଭୂମି ଠାରୁ ଆରମ୍ଭ କରି ଡିଜିଟାଲ ସଂଯୋଗ ର୍ପ୍ୟନ୍ତ, ଗରିବ କଲ୍ୟାଣ ଠାରୁ ଆରମ୍ଭ କରି ନବସୃଜନ ଏବଂ ଉଦ୍ୟମୀତା ପର୍ଯ୍ୟନ୍ତ, ଆମେ ପ୍ରତ୍ୟେକ କ୍ଷେତ୍ରରେ ଐତିହାସିକ ଏବଂ ଉଲ୍ଲେଖନୀୟ ପ୍ରଗତି କରିଛୁ । ଆଜି ନାଗରିକମାନଙ୍କ ଜୀବନ ଅଧିକ ସୁଗମ ହୋଇପାରିଛି, ସୁଯୋଗ ବୃଦ୍ଧି ପାଇଛି ଏବଂ ପ୍ରତ୍ୟେକ ନାଗରିକଙ୍କ ପାଇଁ ମର୍ଯ୍ୟାଦାର ଜୀବନ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରାଯାଉଛି ।

# ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟବାସୀଙ୍କ ତରଫରୁ ଆନ୍ତରିକ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,: ଆଜି ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇ ଜଣାଇଛନ୍ତି ।



ସୋସିଆଲ ହ୍ୟାଣ୍ଡେଲରେ ଏକ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିକଶିତ ଭାରତର ସ୍ୱପ୍ନଦ୍ରଷ୍ଟା, ଦେଶର ସ୍ୱାଭିମାନ ଓ ଜନସେବାର ଅନନ୍ୟ ପ୍ରତୀକ, ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଜୀଙ୍କୁ ୭୬ତମ ଜନ୍ମଦିବସ ଅବସରରେ ସମଗ୍ର ଓଡ଼ିଶାବାସୀଙ୍କ ତରଫରୁ ଆନ୍ତରିକ ଶୁଭେଚ୍ଛା । ମୋଦୀଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଆଜି ସମଗ୍ର ଦେଶରେ ନବଜାଗରଣର ନୂତନ ଅଧ୍ୟାୟ ରଚନା କରିଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପ୍ରତି ତାଙ୍କର ଗଭୀର ସ୍ନେହ, ଏବଂ ରାଜ୍ୟର ଭିତିଭୂମି ବିକାଶ ପାଇଁ ତାଙ୍କର ଅସୀମ ସହଯୋଗ ନିମନ୍ତେ ଆମେ ସଦା କୃତଜ୍ଞ । ଏହି ସ୍ମରଣୀୟ ଅବସରରେ, ମୋଦିଜୀଙ୍କ ଜନକଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ 'ସେବା ସଂକଳ୍ପ ପର୍ବ' ପାଳନ କରୁଛୁ । ନିଷ୍ଠାପର ଜନସେବା, ଗରିବ କଲ୍ୟାଣ, ଓ ସମାଜର ଶେଷ ଧାଡ଼ିରେ ଥିବା ପ୍ରତ୍ୟେକଟି ବ୍ୟକ୍ତିଙ୍କ ମୁହଁରେ ହସ ଫୁଟାଇ ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଆମେ ପୁନଃ ସଂକଳ୍ପବଦ୍ଧ । ସେ କହିଛନ୍ତି ଯେ,ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ମାନନୀୟ ମୋଦିଜୀଙ୍କ ଦୀର୍ଘ, ନିରାମୟ ଜୀବନ, ଉତମ ସ୍ୱାସ୍ଥ୍ୟ ଏବଂ ଅପାର କୃପା କାମନା କରୁଛି । ତାଙ୍କର ଦୀର୍ଘ ଓ ସାଧନାପୂର୍ଣ୍ଣ ଜୀବନଯାତ୍ରା ଭାରତବର୍ଷକୁ ସଦାସର୍ବଦା ନୂତନ ଦିଗଦର୍ଶନ ଦେଉଥାଉ ।

# ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଜୀବନ ଦେଶ ପାଇଁ ପ୍ରେରଣା: ଅମିତ ଶାହ

ବଡନଗର: କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭକାମନା ଜଣାଇ କହିଛନ୍ତି, 'ମୋଦୀଜୀଙ୍କ ଜୀବନ ଦେଶ ପାଇଁ ପ୍ରେରଣା' ଅଟେ । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ଦୀର୍ଘ ସମୟ ଧରି ନିରନ୍ତର ଜନସେବା କରି ବିଭିନ୍ନ ନିର୍ବାଚନରେ ଜନତାଙ୍କ ବିଶ୍ୱାସ ଏବଂ ଆଶୀର୍ବାଦ ପାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ଅବସରରେ ତାଙ୍କ ଜନ୍ମସ୍ଥାନ ବଡନଗରରେ ଆଜିଠାରୁ ଦୁଇ ଦିନିଆ ଜନ୍ମଦିବସ କାର୍ଯ୍ୟକ୍ରମ କରାଯାଉଛି । ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ସାର୍ବଜନୀନ ଜୀବନ ଏବଂ ସେବା-ସଂକଳ୍ପକୁ ସମର୍ପିତ ବିଭିନ୍ନ କାର୍ଯ୍ୟକ୍ରମ ସହ ବଡନଗରରେ ବିଶେଷ ପରିବେଶ ରହିଛି । ଏହି ଅବସରରେ ଚାରିଟି ଭିନ୍ନ ପବିତ୍ର ସ୍ଥାନରୁ ବାଇକ୍ ଯାତ୍ରା ବୁଧବାର ବଡନଗରରେ ପହଂଚିଥିଲା । ଏହି ଯାତ୍ରାଗୁଡ଼ିକ ସମୟରେ ବିଭିନ୍ନ ପବିତ୍ର ନଦୀର ଜଳ ସଂଗ୍ରହ କରି ବଡନଗରକୁ ଅଣାଯାଇଥିଲା । ଏହାପରେ ଯାତ୍ରୀମାନେ ହାଟକେଶ୍ୱର ମହାଦେବ ମନ୍ଦିରରେ ପହଂଚି ଭଗବାନ ହାଟକେଶ୍ୱର ମହାଦେବଙ୍କ ଜଳାଭିଷେକ କରିଥିଲେ । ଜଳାଭିଷେକ ପରେ ଶର୍ମିଷ୍ଠା ତାଳାବରେ କେନ୍ଦ୍ରୀୟ ଗୃହମନ୍ତ୍ରୀ ଅମିତ ଶାହ ଏବଂ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ଉପସ୍ଥିତିରେ ମହାଆରତୀ କରାଯାଇଥିଲା । କେନ୍ଦ୍ରୀୟ ଗୃହମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ



ଅବସରରେ ସେ ତାଙ୍କ ଜନ୍ମସ୍ଥାନ ବଡନଗର ଆସିଥିବାରୁ ଏହା ତାଙ୍କ ପାଇଁ ସୌଭାଗ୍ୟର କଥା । ସେ ହାଟକେଶ୍ୱର ମହାଦେବଙ୍କ ଚରଣରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରିଛନ୍ତି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ସେବାର ଦେଶର ସାର୍ବଜନୀନ ଜୀବନରେ ବହୁତ ବଡ଼ ଅବଦାନ ରହିଛି । ସେ କହିଛନ୍ତି ଯେ, ଭାରତୀୟ ଜନତା ପାର୍ଟି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ଜଡ଼ିତ ଲୋକମାନେ ନିଷ୍ପତି ନେଇଛନ୍ତି ଯେ, ଏହି ଅବସରକୁ ଦେଶବ୍ୟାପୀ ଜନତାଙ୍କ ପର୍ଯ୍ୟନ୍ତ ପହଂଚାଯିବ ।

# ଲଣ୍ଡନରେ ଯୋଗ ଦ୍ୱାରା ଶାନ୍ତି କାମନା କାର୍ଯ୍ୟକ୍ରମ ଆୟୋଜିତ

ଲଣ୍ଡନ,ବିଶ୍ୱର ସାଂସ୍କୃତିକ ରାଜଧାନୀ ଲଣ୍ଡନଠାରେ ନିକଟରେ "ଯୋଗ ଦ୍ୱାରା ଶାନ୍ତି କାମନା" ଶୀର୍ଷକ ଏକ ଅନନ୍ୟ ଓ ନବୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ମହା ସମାବେଶକୁ ସ୍ୱାମୀ ଚିଦାନନ୍ଦ ବିଶ୍ୱ ଶାନ୍ତି ଫାଉଣ୍ଡେସନ, ବ୍ରହ୍ମ ବିଦ୍ୟା, ଶ୍ରୀ ଜଗନ୍ନାଥ ସୋସାଇଟି, ୟୁ.କେ. (ଏସଜେଏସୟୁକେ) ଏବଂ ଓଡ଼ିଶା ସୋସାଇଟି ଅଫ୍ ୟୁନାଇଟେଡ୍ କିଙ୍ଗଡମ୍ (ଓସୁକ) ଆଦି ସଂଗଠନ ଆୟୋଜନ କରିଥିଲେ । ସମ୍ମିଳନୀରେ ଶତାଧିକ ଅଗ୍ରଣୀ ଆଧାତ୍ମିକ ଗୁରୁ, ବିଶିଷ୍ଟ ସମ୍ପ୍ରଦାୟ ନେତୃମଣ୍ଡଳୀ ଏବଂ ପ୍ରଶାସନିକ ପଦାଧିକାରୀ ମାନେ ଯୋଗ ଦେଇଥିଲେ ।ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ୧୩୯ତମ ଜନ୍ମ ବାର୍ଷିକୀ ପାଳନ ଉପଲକ୍ଷେ ଆଧାତ୍ମିକ ଉଲ୍ଲାସ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଲଣ୍ଡନର ନେହରୁ ସେ୍‌ରରେ ଆୟୋଜିତ ଏହି ଭବ୍ୟ ସମାରୋହକୁ କେନ୍ଦ୍ର କରି ଉଭୟ ଆୟୋଜକ ଓ




ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରେ ଅପ୍ରତ୍ୟାଶିତ ଉତ୍ସାହ ଓ ଅଭୂତପୂର୍ବ ଉଦ୍ଦୀପନା ଦେଖିବାକୁ ମିଳିଥିଲା ।ବୈଦିକ ମନ୍ତ୍ର ପାଠ ମଧ୍ୟରେ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଉଦ୍ ?ଘାଟନ ସମୟରେ ପ୍ରେମ ସାହୁଙ୍କ ଦ୍ୱାରା ଖୁବ ଚିତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ ଏବଂ ସ୍ୱାମୀ ଶିବାନନ୍ଦଙ୍କ ଜୀବନ ଓ ଦର୍ଶନ ଉପରେ ଏକ ଆକର୍ଷଣୀୟ ଭିଡିଓ କ୍ଲିପ୍ ପ୍ରଦର୍ଶନ କରାଯାଇଥିଲା । ବୈଠକକୁ ସମ୍ବୋଧନ କରି ବରେଣ୍ୟ ବକ୍ତା ମାନେ ସମ୍ପ୍ରତି ବିଶ୍ୱର ବିଭିନ୍ନ ଅ*ଳରେ ଚାଲିଥିବା ଅଶାନ୍ତି ପର୍ଯ୍ୟାୟରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ନିଃସ୍ୱାର୍ଥ ସେବା,ଚିରନ୍ତନ ପ୍ରେମ , ଆଧାତ୍ମିକ ସାଧନା, ସାର୍ବଜନୀନ ଭ୍ରାତୃତ୍ୱ, ପାରସ୍ପରିକ ବୁଝାମଣା ଓ ବିଶ୍ୱ ଶାନ୍ତି ସମ୍ପର୍କିତ ଉପଦେଶ ଗୁଡ଼ିକର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ଅବସରରେ ଇଂରାଜୀ ଭାଷା ରେ ଲିଖିତ "ଶିବାନନ୍ଦ ଯୋଗ–ଏ ୱାର୍ଲଡ଼୍ ୱ ।ଇଡ୍ ଫେଂନୋମେନନ" ଶୀର୍ଷକ ପୁସ୍ତକକୁ ଏହାର ଲେଖକ ସ୍ୱାମୀ ଚିଦାନନ୍ଦ ବିଶ୍ୱ ଶାନ୍ତି ଫାଉଣ୍ଡେସନ ଓ ବ୍ରହ୍ମ ବିଦ୍ୟାର ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମ ନିଷ୍ଠାନନ୍ଦ ସରସ୍ୱତୀ ଏବଂ ଇଂଲଣ୍ଡରେ ଅବସ୍ଥାପିତ ମରିସସ ଗଣରାଜ୍ୟର ଡେପୁଟି ହାଇ କମିଶନର ମହାମାନ୍ୟ ଶ୍ରୀ କେଭିନ୍ ପାୟେଣ୍ଣୀ ମିଳିତ ଭାବେ ଉନ୍ମୋଚନ କରିଥିଲେ । ପୁସ୍ତକଟିରେ ଡିଭାଇନ ଲାଇଫ ସୋସାଇଟିର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦଙ୍କର ମୌଳିକ ଉପଦେଶ ଯଥା:-ସେବା କର, ପ୍ରେମ କର, ଦାନ କର, ଶୁଦ୍ଧତା ରଖ, ଧ୍ୟାନ କର ଏବଂ ଉତ୍ସର୍ଗୀକୃତ ସେବା, ଭକ୍ତି ଓ ଧ୍ୟାନ ମାଧ୍ୟମରେ ଈଶ୍ୱରଙ୍କ ସହିତ ସଂଯୋଗ ସ୍ଥାପନ କରି ମୋକ୍ଷ ପ୍ରାପ୍ତି କରିବା ଆଦି ବିଷୟବସ୍ତୁ ଉପରେ ବିସ୍ତୃତ ,ୟାଖ୍ୟାନ ସନ୍ନିବେଶିତ କରାଯାଇଛି । ବହିରେ ବ୍ୟକ୍ତିଗତ ଦାୟିତ୍ୱବତା ଠାରୁ ଆରମ୍ଭ କରି ଶାନ୍ତି ଓ ସଦ୍ଭାବ ପୂର୍ଣ୍ଣ ବିଶ୍ୱ ଗଠନ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ପୁସ୍ତକଟି ଜଗନ୍ନାଥ ଧାମ, ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଦ୍ୱାରା ଲିଖିତ ଅଗ୍ରସୂଚନା ଲାଭ କରିବାର ବିରଳ ସମ୍ମାନ ଉପଲବ୍ଧ କରିଛି । ଏଥିରେ ୟୁରୋପୀୟ ଯୋଗ ଫେଡରେସନ, ଆମେରିକାର ମିଆମି, ଫ୍ଲୋରିଡାସ୍ଥିତ ଯୋଗ ରିସର୍ଚ୍ଚ ଫାଉଣ୍ଡେସନର ସ୍ୱାମୀ ଜ୍ୟୋତିର୍ମୟାନନ୍ଦ, ଉତରକାଶୀର ଶିବାନନ୍ଦ ସେବା ସମିତିର ସ୍ୱାମୀ ପ୍ରେମାନନ୍ଦ ଏବଂ ଜର୍ମାନୀର ଯୋଗ ବିଦ୍ୟା ମୁଖ୍ୟାଳୟର ଶୁଭେଚ୍ଛା ବାର୍ତା ମାନ ମଧ୍ୟ ସ୍ଥାନ ପାଇଛି ।

# ଭାରତର ଦୃଷ୍ଟିକୋଣ ବିକାଶ ଏବଂ ସ୍ଥିରତା ସହ ଏକତ୍ର ଭାବେ ଆଗକୁ ବଢ଼ିବା: ବାଚସ୍ପତି

ଭୁବନେଶ୍ୱର: ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇ କେପ୍‌ଟାଉନ୍‌ଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୯ତମ ଅଧିବେଶନରେ ଯୋଗ ଦେଇଛନ୍ତି । ସେଠାକାର ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୫୬ଟି ଦେଶର ବାଚସ୍ପତି, ମନ୍ତ୍ରୀ, ସାଂସଦ, ବିଧାୟକ ଓ ସଚିବଙ୍କ ସମେତ ବିଭିନ୍ନ ଦେଶର ପ୍ରତିନିଧିମାନେ ଯୋଗଦେଇଛନ୍ତି । ଅଧିବେଶନରେ ଉଦ୍‌ବୋଧନ ଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଭାରତର ଦୃଷ୍ଟିକୋଣ ହେଉଛି ବିକାଶ ଏବଂ ସ୍ଥିରତା ସହ ଏକତ୍ର ଭାବେ ଆଗକୁ ବଢ଼ିବା ଉଚିତ । ବିକାଶ ଏବଂ ଜଳବାୟୁ ସ୍ଥିରତା ପୃଥକ ଭାବରେ ଅନୁସରଣ କରାଯାଇପାରିବ ନାହିଁ । କୃଷି, ଜଳ, ଶକ୍ତି, ସ୍ୱାସ୍ଥ୍ୟ, ସହର, ଭିତିଭୂମି, ଜଙ୍ଗଲ, ଉପକୂଳ ଏବଂ ବିପର୍ଯ୍ୟୟ ପରିଚାଳନା ସହିତ



ଜଳବାୟୁ ସମସ୍ୟା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏଣୁ ରାଜ୍ୟ ଏବଂ ସ୍ଥାନୀୟ ପ୍ରତିଷ୍ଠାନଗୁଡ଼ିକ ସ୍ଥାନୀୟ ପରିସ୍ଥିତି ଅନୁଯାୟୀ ପରିବେଶ ଏବଂ ସମ୍ବଳ ପାଇଁ ଉପଯୁକ୍ତ ସମାଧାନ ନିର୍ଣ୍ଣୟ କରନ୍ତି । ଜଳବାୟୁ ସ୍ଥିରତା ବିକାଶର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଥିବାରୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତନକୁ ଏକାଠି ସମାଧାନ କରାଯିବା ଉଚିତ । ଏହା ଦ୍ୱାରା ସ୍ୱଚ୍ଛ ଶକ୍ତି, ଶକ୍ତି କ୍ଷେତ୍ରରେ ଦକ୍ଷତା, ଉନ୍ନତ ବର୍ଜ୍ୟ ପରିଚାଳନା, ଉନ୍ନତ ଅର୍ଥନୀତି ପଦ୍ଧତି ଦ୍ୱାରା ଜଳବାୟୁ, ଜନସ୍ୱାସ୍ଥ୍ୟ ଏବଂ ଜୀବନର ଗୁଣବତାରେ ଉତ୍କର୍ଷ ହାସଲ କରାଯାଇପାରିବ । ଶ୍ରୀମତୀ ପାଢ଼ୀ ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକୂଳ ପ୍ରଭାବ ବିଷୟ ଉଲ୍ଲେଖ କରି କହିଲେ ଯେ ପ୍ରାରମ୍ଭିକ ସତର୍କତା ବ୍ୟବସ୍ଥା, ଘୂର୍ଣ୍ଣିଝଡ଼, ଆଶ୍ରୟସ୍ଥଳ, ସ୍ଥାନାନ୍ତର ବ୍ୟବସ୍ଥା, ସାଂଗଠନିକ ସମନ୍ୱୟ ଏବଂ ଗୋଷ୍ଠୀ ସଂପୃକ୍ତି ଯୋଗୁଁ ରାଜ୍ୟ ଏହି ପ୍ରତିକୂଳତାକୁ ଅତିକ୍ରମ କରିପାରିଛି । ଜଳବାୟୁ ପରିବର୍ତନ କେବଳ ଏକ ପରିବେଶଗତ କିମ୍ବା ବୈଜ୍ଞାନିକ ଆହ୍ୱାନ ନୁହେଁ ।

# ତୃତୀୟ ଟି-୨୦ କ୍ରିକେଟ: ଇତିହାସ ରଚିଲେ ଅଭିଷେକ ଶର୍ମା

ନୂଆଦିଲ୍ଲୀ,: ଆଫଗାନିସ୍ତାନ ବିପକ୍ଷ ତୃତୀୟ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚରେ ଅଭିଷେକ ଶର୍ମା ମାତ୍ର ୩୦ଟି ବଲରେ ଶତକ ହାସଲ କରିଛନ୍ତି । ଏହି ସଫଳତା ସହିତ ସେ ଭାରତ ପାଇଁ ଏହି ଫର୍ମାଟରେ ଦ୍ରୁତତମ ଶତକ ହାସଲକାରୀ ଖେଳାଳି ହୋଇପାରିଛନ୍ତି । ନିଜ ଶତକ ପୂରଣ କରିବା କ୍ରମରେ ସେ ୯ଟି ଚୌକା ଓ ୧୦ଟି ଛକା ମାରିଥିଲେ । ପୂର୍ବରୁ ଭାରତ ପାଇଁ ଦ୍ରୁତତମ ଟି-୨୦ ଶତକର ରେକର୍ଡ ରୋହିତ ଶର୍ମାଙ୍କ ନାମରେ ଥିଲା, ଯିଏ ୩୫ଟି ବଲରେ ଶତକ ହାସଲ କରିଥିଲେ । ସମ୍ପୂର୍ଣ୍ଣ ରେକର୍ଡକୁ ଦେଖିଲେ, ଏହି ଫର୍ମାଟରେ ଦ୍ରୁତତମ ଶତକର ରେକର୍ଡ ଏଷ୍ଟୋନିଆର ସାହିଲ ଚୌହାନଙ୍କ ନାମରେ ରହିଛି; ସେ ୨୦୨୪ରେ ସାଇପ୍ରସ ବିପକ୍ଷରେ ମାତ୍ର ୨୭ଟି ବଲରେ ଏହି ମାଇଲଖୁ୍‌ଟ ହାସଲ କରିଥିଲେ । ତୁର୍କୀର ମହମ୍ମଦ ଫହାଦ ମୌଦୁଦ ୨୯ଟି ବଲରେ ଶତକ ହାସଲ କରି ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ବର୍ତମାନ ଅଭିଷେକ ଏହି ତାଲିକାର ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।ତେବେ, ଏହା ଉଲ୍ଲେଖନୀୟ ଯେ ଅଭିଷେକ 'ଫୁଲ ମେମ୍ବର' (ପୂର୍ଣ୍ଣ ସଦସ୍ୟ) ଦଳଗୁଡ଼ିକ ମଧ୍ୟରେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଦ୍ରୁତତମ ଶତକ ହାସଲକାରୀ ଖେଳାଳି ହୋଇଛନ୍ତି, କାରଣ ସାହିଲ ଓ ଫହାଦ ଯେଉଁ ଦଳର ପ୍ରତିନିଧିତ୍ୱ କରନ୍ତି ସେଗୁଡ଼ିକର 'ଫୁଲ ମେମ୍ବର' ମାନ୍ୟତା ନାହିଁ ।ମାତ୍ର ୩୦ଟି ବଲରେ ଶତକ ହାସଲ କରିବା ପରେ, ୯ଟି ଚୌକା ଓ ୧୧ଟି ଛକା ସହାୟତାରେ ୩୪ଟି ବଲରୁ ୧୦୮ ରନ ସଂଗ୍ରହ କରି ଅଭିଷେକ ପାଭିଲିଅନକୁ ଫେରିଲେ । ସୂଚନାଯୋଗ୍ୟ, ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଅଭିଷେକ ଏକ ଶତକ ହାସଲ କରିଛନ୍ତି । ସେ ମାତ୍ର ୩୦ଟି ବଲରେ ଏହି ମାଇଲଖୁଂଟ ଅତିକ୍ରମ କରି ଞ୨୦ ଫର୍ମାଟରେ ଭାରତ ପାଇଁ ସବୁଠାରୁ ଦ୍ରୁତ ଶତକ ହାସଲକାରୀ ଖେଳାଳି ହୋଇପାରିଛନ୍ତି । ସେ ରୋହିତ ଶର୍ମାଙ୍କ ରେକର୍ଡକୁ ପଛରେ ପକାଇ ଦେଇଛନ୍ତି, ଯିଏକି ୨୦୧୭ ମସିହାରେ ଶ୍ରୀଲଙ୍କା ବିପକ୍ଷରେ ୩୫ଟି ବଲରେ ଶତକ ହାସଲ କରିଥିଲେ ।ଅଭିଷେକ




କେବଳ ରୋହିତ ଏବଂ ଧାୱନଙ୍କୁ ହିଁ ପଛରେ ପକାଇ ନାହାନ୍ତି, ବରଂ ଶିବମ ଦୁବେଙ୍କ ରେକର୍ଡକୁ ମଧ ଭାଙ୍ଗି ଦେଇଛନ୍ତି । ଏହି ଗୋଟିଏ ଇନିଂସ ମାଧ୍ୟମରେ ସେ ତିନିଜଣ ଖେଳାଳିଙ୍କୁ ଅତିକ୍ରମ କରିଛନ୍ତି । ସେ ସମ୍ପୂର୍ଣ୍ଣ ସିରିଜରେ ଚମତ୍କାର ଫର୍ମରେ ରହିଛନ୍ତି; ପ୍ରଥମ ମ୍ୟାଚରେ ସେ ୮୨ ରନର ଇନିଂସ ଖେଳିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଚମତ୍କାର ୩୯ ରନ ସଂଗ୍ରହ କରିଥିଲେ । ଶର୍ମା (ଅଭିଷେକ) ଏବେ ଯୁବରାଜ ସିଂହଙ୍କ ଭଳି ଖେଳାଳିଙ୍କ ତାଲିକାରେ ସାମିଲ ହୋଇଛନ୍ତି ।

# ଶୁକ୍ରବାରଠୁ କୋରିଆ ବିପକ୍ଷ ଡେଭିସ୍ କପ୍ ମ୍ୟାଚ୍ ଫାଇନାଲ୍ ୮ରେ ପହଂଚିବା ଲକ୍ଷ୍ୟରେ ଭାରତ

ସିଓଲ: ଚଳିତ ଡେଭିସ୍ କପ୍ କ୍ୱାଲିଫାୟର ରାଉଣ୍ଡ-୨ରେ ଶୁକ୍ରବାର ସିଓଲରେ ଘରୋଇ ଦଳ ଦକ୍ଷିଣ କୋରିଆକୁ ଭେଟିବ ଭାରତ । ନେଦରଲାଣ୍ଡସକୁ ହରାଇ ଏହି ରାଉଣ୍ଡକୁ ଆସିଥିବା ଭାରତ ଏବେ ଫାଇନାଲ୍-୮ରେ ପହଂଚିବା ଲକ୍ଷ୍ୟ ନେଇ କୋର୍ଟକୁ ଓହ୍ଲାଇବ । ଏକକରେ ଏକମାତ୍ର ଦକ୍ଷିଣ କୋରିଆ ଖେଳାଳି ଭାବେ ୨ଟି ଏଟିପି ଟ୍ୟୁର ଟ୍ରଫି ଜିତିଥିବା ସୁନଉ କ୍ୱନ୍‌ଙ୍କ ବିପକ୍ଷରୁ ଦକ୍ଷିଣେଶ୍ୱର ସୁରେଶ ଅଭିଯାନ ଆରମ୍ଭ କରିବେ । ସିଓଲର ସ୍ଲୋ ଓ କମ୍ ବାଉନ୍ସ ପିଚ୍‌ରେ ବିଶ୍ୱର ୧୫୦ ନମ୍ବର ଖେଳାଳି କ୍ୱନ୍‌ଙ୍କ ବିପକ୍ଷରେ ଖେଳିବା ୨୬ ବର୍ଷୀୟ ଦକ୍ଷିଣେଶ୍ୱର ବଡ଼ ଆହ୍ୱାନ ହେବ । ଗତ ଫେବ୍ରୁଆରିରେ ୩୬୭ ନମ୍ବର ଦକ୍ଷିଣେଶ୍ୱର ଚମତ୍କାର ପ୍ରଦର୍ଶନ ବଳରେ ଭାରତ ନାଟକୀୟ ଭାବେ ୩-୨ରେ ନେଦରଲାଣ୍ଡସକୁ ମାତ୍ ଦେଇଥିଲା । ତେଣୁ ତାଙ୍କ ଉପରେ




ଭାରତ ଭରସା ରଖିଛି । ଅନ୍ୟ ଏକକ ମ୍ୟାଚ୍‌ରେ ଭାରତର ୧ନମ୍ବର ଖେଳାଳି ସୁମିତ ନଗଲ ଭେଟିବେ ୫୬୭ ନମ୍ବର ହିଓନ୍ ଚୁଙ୍ଗ୍‌ଙ୍କୁ । ଚୁଙ୍ଗ ୨୦୧୮ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଆଲେକ୍‌ଜାଣ୍ଡର ଭେରେଭ୍ (ରାଉଣ୍ଡ-୩) ଓ ନୋଭାକ ଜୋକୋଭିକ୍ (ରାଉଣ୍ଡ-୪)ଙ୍କ ଭଳି ଖେଳାଳି ହରାଇ ସେମିଫାଇନାଲ୍‌ରେ ପହଂଚିଥିଲେ । ରୋଜର ଫେଡେରରଙ୍କଠୁ ହାରି ବିଦାୟ ନେଇଥିଲେ । ଚୁଙ୍ଗ ଲଗାତାର ଆହତ ଜନିତ ସମସ୍ୟାରେ ପଡ଼ିବାରୁ ତାଙ୍କ ମାନ୍ୟତାରେ ଅବନତି ଘଟିଛି । ଯୁଗଳରେ ଭାରତର ମଙ୍ଗ ଧରିବେ ଅଭିଜ୍ଞ ଏନ୍ ଶ୍ରୀରାମ ବାଲାଜୀ ଓ ଆହତ ଯୁକି ଭାମ୍ବ୍ରିଙ୍କ ସ୍ଥାନରେ ଦଳରେ ସାମିଲ ହୋଇଥିବା ନିକି ପୁନାଚା । ପୁନାଚା ଡାକରା ପାଇ ବୁଧବାର ସନ୍ଧ୍ୟାରେ ସିଓଲରେ ପହଂଥିଲେ । ଏହି ଯୋଡ଼ି ଉଇସୁଙ୍ଗ ପାର୍କ ଓ ଜିସୁଙ୍ଗ ନାମ୍‌ଙ୍କୁ ଭେଟିବେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**